
ଉତ୍କଳ ପ୍ରସଙ୍ଗ
ଅକ୍ଟୋବର,




ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୩ ମସିହା ଅକ୍ଟୋବର ୧୬ ତାରିଖ ଦିନ ଚିଲିକାଠାରେ
ନୌ ବାଳକ ତାଲିମ କେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି

ଓଡ଼ିଶା ସରକାରଙ୍କ ବହୁବିଧ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

❋

ସମ୍ପାଦକ: ସୁବ୍ରତ ଯୋଷୀ, ଲୋକ ସଂପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ।

ସହଯୋଗୀ ସମ୍ପାଦକ : ବ୍ରଜ ମୋହନ ପଟନାୟକ
ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସଂପାଦକ: କିଶୋର ଚନ୍ଦ୍ର ବେହେରା,
ପ୍ରକାଶନ ଅଧିକାରୀ ।

❋

ପ୍ରଚ୍ଛଦ ଶିଳ୍ପୀ: ଶ୍ରୀ ଲଳିତ ମୋହନ ପଟନାୟକ
କଳାଭବନ, ଶାନ୍ତିନିକେତନ

❋

ମୁଦ୍ରଣ: ଓଡ଼ିଶା ସରକାରୀ ମୁଦ୍ରଣାଳୟ
କଟକ

❋

ବାର୍ଷିକ ଦେୟ ଟ ୪'୮୦
ପ୍ରତି ଖଣ୍ଡ ଟ ୦'୪୦

❋

ପ୍ରକାଶନ: ପ୍ରତିମାସ ୧୫ ତାରିଖ

# ଉତ୍କଳ ପ୍ରସଙ୍ଗ

ଅକ୍ଟୋବର ୧୯୭୩ : ଆଶ୍ୱିନ ୧୮୯୫
୩୦ଶ ଭାଗ, ୩ୟ ସଂଖ୍ୟା

## ଏହି ସଂଖ୍ୟାରେ :

| | | ପୃଃ |
|---|---|---|
| ୧ | ବୁଝଣୀ ଶିକ୍ଷା | ୧ |
| ୨ | ଗାନ୍ଧୀଜୀଙ୍କ ମାନବିକତା | ୭ |
| ୩ | ଆଶ୍ରମ ଜୀବନ | ୧୩ |
| ୪ | ଗାନ୍ଧୀଜୀଙ୍କ ଏକାଦଶ ବ୍ରତ | ୨୫ |
| ୫ | ହୃଦୟ ବିଜୟୀ ବାପୁ | ୨୯ |
| ୬ | ଗାନ୍ଧୀଜୀଙ୍କ ଦୃଷ୍ଟିରେ ଗଣତନ୍ତ୍ର | ୩୩ |
| ୭ | ପୋଲିସ କ'ଣ ଓ କାହିଁକି | ୩୬ |
| ୮ | ଓଡ଼ିଶାରେ ପ୍ରଧାନମନ୍ତ୍ରୀ | ୩୯ |
| ୯ | ଓଡ଼ିଶାରେ ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା | ୪୨ |
| ୧୦ | ଖଦୀ ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ କର୍ମ ସଂସ୍ଥାନ | ୫୩ |
| ୧୧ | ଆମଗଳ୍ପ | ୬୫ |

# କୁଶଳୀ ଶିଳ୍ପୀ

୧୯୧୬ ମସିହା—ବତିଶ ବର୍ଷ ତଳର କଥା । ବାପୁଙ୍କୁ ମୁଁ ସେତେବେଳେ ପ୍ରଥମ କରି ଦେଖିଥାଏ । ସେହି ସମୟଠାରୁ ଗୋଟାଏ ଯୁଗ ବିତିଗଲାଣି । ପଛକୁ ଫେରି ଚାହିଁଲେ ଅତୀତ କଥା ମନେପଡ଼େ । ଭାରତ ଇତିହାସରେ ଏହା କେଡ଼େ ଅଦ୍ଭୁତ ସମୟ ଥିଲା ସତେ । ଉତ୍‌ଥାନ ଓ ପତନ, ବିଜୟ ଓ ପରାଜୟ ମଧ୍ୟରେ ଥିଲା ପ୍ରାଚୀନ ଗନ୍ଧର ମାଦକତା । ଏପରିକି ଆମ୍ଭମାନଙ୍କର ନଗଣ୍ୟ ଜୀବନକୁ ମଧ୍ୟ ଏହି ମାଦକତା ସ୍ପର୍ଶ କରିଥିଲା ।

ଯୁଦ୍ଧ ଏବଂ ଦ୍ରୁତ ସାମାଜିକ ପରିବର୍ତ୍ତନ ଯୋଗେ ଏହା ଥିଲା ସାରା ପୃଥିବୀରେ ଏକ ଯୁଗାନ୍ତକାରୀ ସମୟ । ତଥାପି ଭାରତ ବର୍ଷରେ ଘଟିଯାଇଥିବା ଘଟଣାବଳୀ ଥିଲା ସଂପୂର୍ଣ୍ଣ ପୃଥକ୍, କାରଣ ସେଗୁଡ଼ିକର ରୂପ ଥିଲା ଭିନ୍ନ ପ୍ରକାର । ବାପୁଙ୍କ ବିଷୟରେ ବିଶେଷ କିଛି ନ ଜାଣି ଯଦି କୌଣସି ଲୋକ ଏହି ଘଟଣାବଳୀର ଅନୁଧ୍ୟାନ

"ତ୍ୟାଗ, ସଂଯମ ଓ ଇନ୍ଦ୍ରିୟ ନିରୋଧ ବିନା ମୁକ୍ତି ଦୁର୍ଲ୍ଲଭ ।"

ଜଣେ ଦେଖେ ସେ ଆଶ୍ଚର୍ଯ୍ୟ ହେବ ଯେ, ଏହା କିପରି ଏବଂ କାହିଁକି ଭାରତ ବର୍ଷରେ ସମ୍ଭବପର ହେଲା । ଏହା ବୁଝାଇବା କଷ୍ଟକର । ସେ ଯେପରି କହୁଥିଲେ ବା କରୁଥିଲେ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ,ସେହିପରି କରୁଥିଲୁ, ତା'ର କାରଣ ନିର୍ଣ୍ଣୟ କରିବା ଆହୁରି ଦୁଃସାଧ୍ୟ । ଅନେକ ସମୟରେ ଏପରି ହୋଇଥାଏ ଯେ ଜାତି ବିଶେଷ ବା କୌଣସି ଜାତି ଉନ୍ମାଦନାର ବଶବର୍ତ୍ତୀ ହୋଇ ଭଲ କାର୍ଯ୍ୟ ଏବଂ ଛଳ ବିଶେଷରେ ଖରାପ କାର୍ଯ୍ୟ କରିଥାଏ । ମାତ୍ର ସେହି ଉନ୍ମାଦନା ଓ ଭାବନା ଅତିବାହିତ ହେଲେ ନିଜର ସ୍ୱାଭାବିକ ଅବସ୍ଥା ବା ଚିନ୍ତା ଫେରିଆସେ ।

ଏହି ସମୟରେ ଭାରତ ବର୍ଷର ଚମକପ୍ରଦ ଘଟଣା ହେଉଛି : ସମଗ୍ର ଦେଶ ଯେ କେବଳ ଏକ ଭାବରେ ଉନ୍ନତ ଚିନ୍ତାଧାରାରେ କାର୍ଯ୍ୟ କରୁଥିଲା ତାହାନୁହେଁ, ଅଧିକନ୍ତୁ କମ୍ ହେଉ ବା ଅଧିକ ହେଉ, ଅବିରାମ ଗତିରେ ଦୀର୍ଘ ସମୟ ଧରି ଏହା ଚାଲିଥିଲା । ଏହା ନିଶ୍ଚୟ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା । ଏହି ସମୟର ଘଟଣାବଳୀକୁ ଯେଉଁ ବିରାଟ ବ୍ୟକ୍ତିତ୍ୱ ରୂପରେଖ ଦେଇଥିଲେ ତାଙ୍କୁ ନ ଜାଣିଲେ ଏହା ସହଜରେ ବୁଝିହେବ ନାହିଁ କି ବୁଝାଇ ହେବ ନାହିଁ । ଭାରତ ବର୍ଷର ଅର୍ଦ୍ଧଶତାବ୍ଦୀର ଇତିହାସରେ ସେ ଏକ ବିରାଟ ପୁରୁଷରୂପେ ଦଣ୍ଡାୟମାନ । ସେ ଶରୀରରେ ବିରାଟ ନ ଥିଲେ, ବିରାଟ ଥିଲେ ମନର ବଳରେ ।



## ପିତୃମାତୃହୀନ

ଆମ୍ଭେମାନେ ବାପୁଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛୁ ଏବଂ ନିଜକୁ ପିତୃହୀନ ପ୍ରାୟ ମନେ କରୁଛୁ । ତାଙ୍କର ଅତୀତର ଉଜ୍ଜ୍ୱଳ ଜୀବନ ପ୍ରତି ଦୃକ୍‌ପାତ କଲେ ଶୋକ କରିବାର କିଛି କାରଣ ନାହିଁ । ନିଜ ଜୀବନରେ ପୂର୍ଣ୍ଣତା ଲାଭ କରିଥିବା ତାଙ୍କପରି ବ୍ୟକ୍ତିଙ୍କର ସଂଖ୍ୟା ଇତିହାସରେ ବିରଳ । ଆମ୍ଭମାନଙ୍କର ପରାଜୟରେ ସେ ଦୁଃଖିତ ଥିଲେ ଏବଂ ଭାରତ ବର୍ଷକୁ ଉନ୍ନତିର ଉଚ୍ଚ ଶିଖରକୁ ନେଇ ପାରି ନ ଥିବା ଯୋଗେ ବ୍ୟଥିତ ଥିଲେ । ସେହି ଦୁଃଖ ଏବଂ ଅଶାନ୍ତିର କାରଣ ସହଜରେ ଅନୁମେୟ । ତଥାପି କିଏ ସାହସ କରି କହିପାରିବ ଯେ ତାଙ୍କର ଜୀବନ ବ୍ୟର୍ଥତାଭରା ! ସେ ଯାହା ହାତକୁ ନେଉଥିଲେ ତାହାକୁ ଉଲ୍ଲେଖନୀୟ ଏବଂ ମୂଲ୍ୟବାନ ମନେ କରୁଥିଲେ । ସେ ଯେଉଁ କାମ କରୁଥିଲେ ସେହି କାମର ଉପଯୁକ୍ତ ଫଳ ପାଉଥିଲେ, ଯଦିଓ ସେ ଯେପରି ଆଶା କରୁଥିଲେ ସେପରି ଫଳ ସର୍ବଥା ମିଳୁ ନ ଥିଲା । ପ୍ରତ୍ୟେକଙ୍କ ମନରେ ଏହି ଧାରଣା ଜନ୍ମିଥିଲା ଯେ ସେ ଯେଉଁ କାର୍ଯ୍ୟରେ ଚେଷ୍ଟିତ ହେବେ ସେଥିରେ ବିଫଳ ହେବେ ନାହିଁ । 'ଗୀତା'ର ନିୟମ ଅନୁଯାୟୀ ସେ କୃତ କର୍ମ ନିମନ୍ତେ ଫଳ ପ୍ରାପ୍ତିର ଆଶା ରଖୁ ନ ଥିଲେ । ତେଣୁ ସେ କୃତକାର୍ଯ୍ୟ ହେଉଥିଲେ ।

'ମନ ଓ ଶରୀରକୁ ଅପବିତ୍ର କଲେ ଅସତ୍ୟ ଓ ଅହିଂସା ଆସି ପହଞ୍ଚନ୍ତି ।'

ତାହାଙ୍କର ଦୀର୍ଘ ଅଭିଯାନ-ପୂର୍ଣ୍ଣ କଠୋର କର୍ମମୟ ଜୀବନରେ ବିଦ୍ବେଷର ସନ୍ଧାନ ମିଳିବା କଷ୍ଟକର । ତାଙ୍କର କର୍ମ ବହୁଳ ଜୀବନ ହେଉଛି ଅଗ୍ରଗତିର ଧ୍ୱନି ଏବଂ ତାଙ୍କର କଥା ଓ କାର୍ଯ୍ୟର ସାମଞ୍ଜସ୍ୟ ତାଙ୍କୁ ଅସାଧାରଣ ଭାବରେ ଜଣେ ତୁଳନୀ ଶିଳ୍ପୀ କରିପାରିଥିଲା । କିପରି ବଞ୍ଚିବାକୁ ହୁଏ ସେ ଜାଣିଥିଲେ ଏବଂ ତାଙ୍କ ଜୀବନର ଗତି ଅନ୍ୟମାନଙ୍କ ଅପେକ୍ଷା ଭିନ୍ନଥିଲା । ତାଙ୍କୁ ଦେଖିଲେ ମନେ ହୁଏ ଯେପରି କି ସତ୍ୟର ସନ୍ଧାନ ତାଙ୍କୁ ଏହି ପଥରେ ଆଗେଇ ନେଉଛି ।

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ଶରୀର ସେହି ଅନ୍ତର୍ନିହିତ ପ୍ରଚଣ୍ଡ ଶକ୍ତିର ବାହକ ପ୍ରାୟ ବୋଧ ହେଲା । ତାଙ୍କ ଦର୍ଶନରେ ବା ତାଙ୍କ ଭାଷଣ ଦ୍ୱାରା ଯେ କୌଣସି ବ୍ୟକ୍ତି ଆତ୍ମବିଭୋର ହୋଇଯାଉଥିଲା । ସୁତରାଂ ସେ ଯେଉଁଠାରେ ବସୁଥିଲେ ତାହା ଉପାସନାର ପୀଠ ଏବଂ ଯେଉଁ ପଥରେ ଗତି କରୁଥିଲେ ତାହା ପବିତ୍ର ହୋଇଯାଉଥିଲା ।

## ଅମର ଶହୀଦ

ଏପରିକି ତାଙ୍କର ମୃତ୍ୟୁରେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଶିଳ୍ପର କୁଶଳତା ଥିଲା ସବୁଦିଗରୁ ବିସ୍ମୟ କରେ ସେହି ବ୍ୟକ୍ତି ଏବଂ ତାଙ୍କ ଜୀବନଧାରାର ଏହାହିଁ ଚରମ ପରିଣତି । ଅପରନ୍ତୁ ତାଙ୍କ ଜୀବନରୁ ଯାହା ଶିକ୍ଷା ମିଳେ ତାହା ଏତଦ୍ଵାରା ବୃଦ୍ଧି ପାଇଛି । ଯେଉଁ ଏକତା ନିମନ୍ତେ ସେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରୁଥିଲେ ଏବଂ ବିଗତ ଏକ ବର୍ଷ ବା ଅଧିକ କାଳ କାର୍ଯ୍ୟ କରିଥିଲେ ସେଥିପାଇଁ ସେ ଶହୀଦ୍ ହେଲେ । ସେ ଅକସ୍ମାତ୍ ମୃତ୍ୟୁବରଣ କଲେ ଯାହାକି ସମସ୍ତେ ଶୁଣିଛନ୍ତି । ବାର୍ଦ୍ଧକ୍ୟ ଜଡ଼ିତ ଜରିତ ତନୁ ଅଧିକ କାଳ ରୋଗ ଭୋଗ ଓ ବିସ୍ମୃତି ତାହାଙ୍କର ନ ଥିଲା । ତେଣୁ ତାଙ୍କ ମୃତ୍ୟୁରେ ଦୁଃଖ କାହିଁକି ? ତାଙ୍କର ସ୍ମୃତି ପ୍ରଭୁଙ୍କୁ ମନେ ପକାଇ ଦିଏ ଯାହାଙ୍କର ପଥ କି ଶେଷ ପର୍ଯ୍ୟନ୍ତ ଆଲୋକିତ, ହାସ୍ୟ-ବିମଣ୍ଡିତ ଏବଂ ଚକ୍ଷୁ ହାସ୍ୟୋଜ୍ଜ୍ୱଳ । ଶାରୀରିକ ତଥା ମାନସିକ କ୍ଷୟକାରକ କୌଣସି ଶକ୍ତି ତାଙ୍କର କ୍ଷତି କରି ନ ପାରେ । ତାଙ୍କର ଜୀବନକାଳରେ ଓ ମୃତ୍ୟୁରେ ସେ ଆମମାନଙ୍କ ମନରେ ତଥା ଜଗତରେ ଯେଉଁ ଚିତ୍ର ଅଙ୍କନ କରି ଯାଇଛନ୍ତି ତାହା ଆମ୍ଭମାନଙ୍କ ମନରୁ କେବେହେଲେ ଲିଭିଯିବ ନାହିଁ ।




ସ୍ୱହସ୍ତ ଲିପି

ତାଙ୍କର ଚିତ୍ର ଏ ମାନସ ପଟରୁ ଲିଭିବ ନାହିଁ । ସେ ଏହାଠାରୁ ଅଧିକ କିଛି କରିଥିଲେ । ଆମ୍ଭମାନଙ୍କର ମନ ରାଜ୍ୟରେ ପ୍ରବେଶ କରି ଆମ୍ଭମାନଙ୍କର ମନକୁ ପରିବର୍ତ୍ତିତ କରିଥିଲେ ଏବଂ ଅନ୍ୟ ପ୍ରକାରରେ ଗଠନ କରିଥିଲେ । ଗାନ୍ଧୀ ଯୁଗ ଚାଲିଯିବ, କିନ୍ତୁ ତାଙ୍କର ଶିକ୍ଷା କ୍ରମାଗତ ଭବିଷ୍ୟତ ବଂଶଧରଗଣଙ୍କୁ ଉଦ୍‌ବୁଦ୍ଧ କରିବ ; କାରଣ ଏହାହିଁ ଭାରତର ଆତ୍ମା । ଏ ଦେଶରେ ଯେତେବେଳେ ଆମ୍ଭମାନଙ୍କୁ ମାନସିକ ଦୁର୍ବଳତା ଗ୍ରାସ କରିଥିଲା, ସେତେବେଳେ ଆମ୍ଭମାନଙ୍କୁ ମାନସିକ ବଳରେ ବଳୀୟାନ କରିବା ନିମନ୍ତେ ବାପୁଙ୍କର ଆବିର୍ଭାବ ହୋଇଥିଲା । ଆମ୍ଭମାନଙ୍କୁ ସେ

"ଯେ ସମସ୍ତଙ୍କୁ ଆପଣାର କରିବାର ଶକ୍ତି ହରାଏ, ସେ ତାର ସର୍ବସ୍ୱ ହରାଏ ।"

ଯେପରିଭାବରେ ବଳୀୟାନ୍ କରିଯାଇଛନ୍ତି ତାହା ନିମିଷକ ପାଇଁ । ଦିନକପାଇଁ ବା ବର୍ଷକପାଇଁ ନୁହେଁ ; ଅଧିକନ୍ତୁ ତାହା ଆମମାନଙ୍କର ଜାତୀୟ ଐତିହ୍ୟକୁ ଉଦ୍ଭିମତ କରିଛି ।

ସାରା ଭାରତବର୍ଷ, ପୃଥିବୀ ତଥା ଆମମାନଙ୍କ ପରି ଦରିଦ୍ରମାନଙ୍କ ନିମନ୍ତେ ବାପୁ ଗୋଟାଏ ବଡ଼ କାମ କରି-ଯାଇଛନ୍ତି, ଯାହା ଶୁଣିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ବର୍ତ୍ତମାନ ଆମମାନଙ୍କର କାର୍ଯ୍ୟ ହେଉଛି ବାପୁ ବା ତାଙ୍କର ସ୍ମୃତି ଭୁଲି ନ ଯାଇ ଆମ୍ଭେମାନେ ଆମର ପ୍ରତିଶ୍ରୁତ କାର୍ଯ୍ୟକୁ ଆଗେଇ ନେବା ନିମନ୍ତେ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରିବା ।

"ମାଉଲି"

.......ଏବଂ ତା'ପରେ ଗାନ୍ଧୀ ଆସିଲେ । ସତେ ଯେପରି ସେ ହେଉଛନ୍ତି ଝଲକେ ଥଣ୍ଡା ପବନ ଯାହାକି ଆମମାନଙ୍କୁ ସିଧା ହୋଇ ବସି ଗଭୀର ନିଶ୍ୱାସ ମାରିବାକୁ ଶିଖାଇଲା; ଆମମାନଙ୍କ ନେତ୍ରରୁ ଅନ୍ଧକାରର ଆବରଣ କାଢ଼ି ନେବାକୁ ସତେ ଯେପରି ସେ ଥିଲେ ଆଲୋକର ଧାରା—ସତେ ଯେପରି ଗୋଟାଏ ଧୂମାନ ଯାହାକି ମନୁଷ୍ୟର ମନ ବ୍ୟତୀତ ଅନ୍ୟ ସବୁକୁ ଓଲଟପାଲଟ କରିଦିଏ । ସେ ଉପରୁ (ଆକାଶରୁ) ଓହ୍ଲାଇ ଆସି ନ ଥିଲେ । ଲକ୍ଷ ଲକ୍ଷ ଭାରତୀୟଙ୍କ ମଧ୍ୟରୁ ସେ ଜଣେ ଯେ କି ସେମାନଙ୍କ ଭାଷା କହୁଥିଲେ, ସେମାନଙ୍କ ଅବସ୍ଥା ଦେଖୁଥିଲେ ଓ ସେମାନଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହେଉଥିଲେ । ସେ ଆମମାନଙ୍କୁ କହୁଥିଲେ ଯେ ଯେଉଁମାନେ କୃଷକ ଓ ଶ୍ରମିକମାନଙ୍କୁ ଶୋଷଣ କରି ବଞ୍ଚିଛନ୍ତି ସେମାନେ ସେ ପ୍ରବୃତ୍ତି ତ୍ୟାଗ କରନ୍ତୁ । ଯେଉଁ ଶାସନ ପ୍ରଣାଳୀ ଏପରି ଦାରିଦ୍ର୍ୟ ଓ ଦୁଃଖ ପାଇଁ ଦାୟୀ ତାହା ବର୍ଜନ କରାଯାଉ । ରାଜନୈତିକ ସ୍ୱାଧୀନତା ଏହାପରେ ନୂତନ ରୂପରେଖ ନେଲା । ସେ ଯାହାସବୁ କହୁଥିଲେ ଆମ୍ଭେମାନେ ତନ୍ମଧ୍ୟରୁ କେତେକାଂଶ ଗ୍ରହଣ କରୁଥିଲୁ ବା ଆଦୌ ଗ୍ରହଣ କରୁ ନ ଥିଲୁ । ଏହା ଗୌଣ



ଥିଲା । ତାଙ୍କ ଶିକ୍ଷାର ମୂଳମନ୍ତ୍ରଥିଲା ନିର୍ଭିକତା ଓ ସତ୍ୟ ଏବଂ ଏହାକୁ ଭିତ୍ତିକରି ଜନସାଧାରଣଙ୍କର ଉନ୍ନତି ସାଧନ । ଆମ୍ଭେମାନେ ପ୍ରାଚୀନ ଗ୍ରନ୍ଥରେ ପଢିଥାଉଁ ଯେ, କୌଣସି ବ୍ୟକ୍ତିବିଶେଷ ବା ଜାତି ନିମନ୍ତେ ଅବଦାନ ହେଉଛି ଶାରୀରିକ ତଥା ମାନସିକ ଅଭୟ । ଆମମାନଙ୍କ ଇତିହାସର ପ୍ରାରମ୍ଭରେ ଜନକ ଏବଂ ଯାଜ୍ଞବଳ୍କ୍ୟ କହିଅଛନ୍ତି ଯେ ଜାତିର ନେତାମାନଙ୍କ କାର୍ଯ୍ୟ ହେଉଛି ଜନସାଧାରଣଙ୍କୁ ନିର୍ଭୀକ କରିବା । କିନ୍ତୁ ଇଂରେଜ ଅମଳରେ ମୂଳମନ୍ତ୍ର ଥିଲା ଭୟ ଓ ନିର୍ଯ୍ୟାତନାର ଯଥା :—ସୈନ୍ୟ ଭୟ, ପୋଲିସ୍ ତଥା ଗୁପ୍ତ ପୋଲିସ୍ ଭୟ, ଅଫିସରଙ୍କୁ ଭୟ, କାରା ତଥା ଦଣ୍ଡନୀତିର ଭୟ, ଜମିଦାରଙ୍କ ଲୋକଙ୍କୁ ଭୟ, ମହାଜନୀ ଭୟ, ବେକାରୀ ଓ କ୍ଷୁଧାର ତାଡ଼ନା ଇତ୍ୟାଦି । ଏହିସବୁ ଭୟ ବିରୁଦ୍ଧରେ ଗାନ୍ଧୀଙ୍କର ବିଧିବଦ୍ଧ ସ୍ଲୋଗାନ ଥିଲା ''ଭୀତ ହୁଅ ନାହିଁ'' ଏକଥା କ'ଣ ଏଡ଼େ ସହଜ ? ସେତେ ନୁହେଁ । ବାସ୍ତବତା ଅପେକ୍ଷା ଭୟର ଭୂତ ଅଧିକ ଏବଂ ବାସ୍ତବତାକୁ ସହଜ ଭାବରେ ବିଶ୍ଳେଷଣ କରି ତାହାର ଫଳାଫଳ ସ୍ୱେଚ୍ଛାରେ ଗ୍ରହଣ କଲେ ବାସ୍ତବତାର ଭୟ ଅନେକ ଗୁଣ ହ୍ରାସ ପାଏ ।

'ତ୍ୟାଗହିଁ ମନୁଷ୍ୟଙ୍କୁ ପଶୁଠାରୁ ପୃଥକ୍ କରେ ।'

ଗାନ୍ଧୀଜୀଙ୍କ ପରଣରେ ଲୋକଙ୍କ କାନ୍ଧରୁ ଯେପରି କି ଭୟର କଳା ପରଦା, ସଂପୂର୍ଣ୍ଣରୂପେ ନ ହେଲେ ମଧ୍ୟ ବହୁ-
ମାତ୍ରାରେ, ହଠାତ୍ ଉଠାଇ ନିଆଗଲା । ଭୟ ଯେପରି ମିଥ୍ୟା ପ୍ରବଞ୍ଚନାର ସହଚର, ସତ୍ୟ ସେହିପରି ନିର୍ଭୟର ସାଥି ।
ଭାରତୀୟମାନେ ଯାହା ଥିଲେ ନିଜର ସ୍ୱଭାବ ବଦଳାଇ ତାହା ଅପେକ୍ଷା ରାତାରାତି ଅଧିକ ସତ୍ୟବାନ୍ ହୋଇ ପାରିଲେ
ନାହିଁ ସତ୍ୟ କିନ୍ତୁ ମିଥ୍ୟାର ପ୍ରସାର କମ୍ ହେବା ଯୋଗେ ପରିବର୍ତ୍ତନ ଦେଖାଦେଲା । ମନସ୍ତତ୍ତ୍ୱବିତ୍ ମନସ୍ତାତ୍ତ୍ୱିକ
ବିଶ୍ଳେଷଣଦ୍ୱାରା ରୋଗୀର ଅତୀତ ଜାଣିପାରି ନିଦାନ ନିର୍ଣ୍ଣୟ କରିବା ପରି ଏହାଦ୍ୱାରା ମାନସିକ ପରିବର୍ତ୍ତନ ହେବାର
ଜଣାଗଲା ।

ହୋଇପାରେ ଅତୀତରେ ଆମ୍ଭେମାନେ ଯାହାଥିଲୁ ତାହା ଅପେକ୍ଷା ଅଧିକ ସତ୍ୟବାନ୍ ହୋଇ ପାରିଲୁ ନାହିଁ, କିନ୍ତୁ ନିରାଟ ସତ୍ୟ ମଧ୍ୟରୁ ଆମ୍ଭମାନଙ୍କୁ ଟାଣି ନେବାପାଇଁ ଗାନ୍ଧୀଜୀ ସତେ ଯେପରି ଗୋଟାଏ ପ୍ରବଳ ଶକ୍ତିର ପ୍ରତୀକ ଥିଲେ ।

ଆତ୍ମବିଶ୍ୱାସରେ ବଳୀୟାନ୍ ଏବଂ ପ୍ରତ୍ୟେକ ମାନବର ସ୍ୱାଧୀନତା ତଥା ସମତା ନିମନ୍ତେ ଆଗ୍ରହୀ ଏହି ଆଶ୍ଚର୍ଯ୍ୟ ମାନବ, ଚୁମ୍ବକ ଲୌହକୁ ଆକର୍ଷଣ କରିବା ପରି ଭାରତୀୟ ଜନତାକୁ ନିଜ ଆଡ଼କୁ ଆକର୍ଷଣ କରି ନେଉଥିଲେ । ସେମାନଙ୍କ ଦୃଷ୍ଟିରେ ସେ ଥିଲେ ଅତୀତ ଓ ଭବିଷ୍ୟତର ଯୋଗକାରକ ସେତୁ ଏବଂ 'ବର୍ତ୍ତମାନ' ଥିଲା ଭବିଷ୍ୟତର ଆଶା ଆକାଂକ୍ଷାର ସୋପାନ । କେବଳ ସାଧାରଣ ଜନତା ନୁହେଁ, ଆଜୀବନ ପରିବର୍ତ୍ତନ କ୍ଳାନ୍ତ ଓ ଅସ୍ଥିର ତଥା ବିଜ୍ଞ ବ୍ୟକ୍ତିମାନେ ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟ ହେଉଥିଲେ । ସେ ଏହିପରି ଭାବରେ ମନସ୍ତାତ୍ତ୍ୱିକ ବିପ୍ଳବ ସୃଷ୍ଟି କଲେ ଯାହାଦ୍ୱାରା କି ତାଙ୍କର ଅନୁସରଣକାରୀ, ବିରୁଦ୍ଧ ମତବାଦୀ ତଥା ଯେଉଁମାନେ ନିର୍ଦ୍ଦିଷ୍ଟ ନୀତିବାଦୀ ନ ଥିଲେ ସେମାନେ ସ୍ଥିରକରି ପାରୁ ନ ଥିଲେ ଯେ ସେମାନେ କ'ଣ ଚିନ୍ତା କରିବେ ଓ କ'ଣ କହିବେ ।

ଏଇଥିପାଇଁ ସେ ଯୁଗମାନବ । *

---

* ସ୍ୱର୍ଗୀୟ ଜବାହରଲାଲଙ୍କ ଲେଖନୀ ପ୍ରସୂତ ଗୋଟିଏ ପ୍ରବନ୍ଧର ମର୍ମାନୁବାଦ ।

# ଓଡ଼ିଶାରେ ଆଦିବାସୀ ଉନ୍ନୟନ

* ଓଡ଼ିଶାର ୫୬,୦୦୦ ବର୍ଗ କିଲୋମିଟର ଅର୍ଥାତ୍ ସମଗ୍ର ରାଜ୍ୟର ଶତକଡ଼ା ୩୬ ଭାଗ ହେଉଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ।

* ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲା ଏବଂ ଫୁଲବାଣୀ, କେନ୍ଦୁଝର, ସମ୍ବଲପୁର କଳାହାଣ୍ଡି, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାର ଆଠଟି ତହସିଲ ଏବଂ ପାଞ୍ଚଟି ବ୍ଲକ୍‌ରେ ଜମି ଆବାଦ, କୃଷି ଓ ଶିଳ୍ପ ଉନ୍ନୟନ ଜଳସେଚନ ବ୍ୟବସ୍ଥା, ଋଣ ଯୋଗାଣ ଓ ବିକ୍ରୟ ସୁବିଧା ସୃଷ୍ଟି ଏବଂ ସ୍ୱାସ୍ଥ୍ୟ, ଗୃହନିର୍ମାଣ ଓ ଶିକ୍ଷାର ବିକାଶ ସାଧନ ଆଦିବାସୀ ଅଞ୍ଚଳ ଉନ୍ନୟନ ଯୋଜନାର ଉଦ୍ଦେଶ୍ୟ ।

* ଭୂୟାଁ ଓ ଜୁଆଙ୍ଗଙ୍କ ଭଳି ଆଦିମ ଅଧିବାସୀମାନଙ୍କ ଅର୍ଥନୈତିକ ଉନ୍ନୟନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାରେ ସମନ୍ୱିତ ତଥା ସୁସଂହତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

* ସଉରାମାନଙ୍କ ଉନ୍ନୟନ ପାଇଁ ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରି ଇଲାକାରେ ୧୬ ଲକ୍ଷ ଟଙ୍କା ବ୍ୟୟରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

* ସମଗ୍ର ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୪୩୩ ଟଙ୍କା ୭୬ ପଇସା ଥିଲାବେଳେ ଆଦିବାସୀମାନଙ୍କ କ୍ଷେତ୍ରରେ ଏହା ୧୫୮ ଟଙ୍କା ୪୦ ପଇସା ।

* ଆଦିବାସୀମାନଙ୍କୁ ମହାଜନ ଓ ସାହୁକାରମାନଙ୍କ ଶୋଷଣରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ସମିତିକୁ ସୁସଂଗଠିତ କରାଯାଇଛି ।

* ଆଦିବାସୀମାନଙ୍କୁ ପୋଡୁଚାଷରୁ ନିବୃତ୍ତ କରି ଉନ୍ନତଧରଣ ଚାଷ କାମ ପ୍ରତି ଆଗ୍ରହାନ୍ୱିତ କରାଇବା ଉଦ୍ଦେଶ୍ୟରେ ବୃକ୍ଷରୋପଣ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଆଦି ନିଯୁକ୍ତିମୂଳକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ସେମାନଙ୍କ କର୍ମସଂସ୍ଥାନ କରାଯାଉଛି ।

* ଆଦିବାସୀଙ୍କ ସହାୟତା ପାଇଁ ଯେଉଁସବୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ତହିଁରେ ସ୍ୱତନ୍ତ୍ର ଜାତୀୟ ପ୍ରତିଷ୍ଠାନ ଉନ୍ମୋଚନ, ଛାତ୍ରାବାସ ନିର୍ମାଣ, ଛାତ୍ରବୃତ୍ତି ବ୍ୟବସ୍ଥା, ଗୃହନିର୍ମାଣ, କୁଟୀର ଶିଳ୍ପ, ସମନ୍ୱିତ ଆଞ୍ଚଳିକ ବିକାଶ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ ବ୍ୟବସ୍ଥା ଏବଂ ମୋକଦ୍ଦମା ସହାୟତା ଆଦି ଅନ୍ତର୍ଭୁକ୍ତ ।

* ରାଷ୍ଟ୍ରପତି ଶାସନର ଛମାସ ମଧ୍ୟରେ ୫୧,୩୨୧ ଜଣ ଆଦିବାସୀଙ୍କୁ ଚାଷଜମି ଓ ଘର ଡିହ ଯୋଗାଇ ଦିଆଯାଇଛି । ୧୯୭୩ର ସଂଶୋଧିତ ଭୂ-ସଂସ୍କାର ଆଇନ ଅନୁଯାୟୀ ବଳକା ଜମିର ଶତକଡ଼ା ୭୦ ଭାଗ ଭୂମିହୀନ ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ।

* ପଞ୍ଚମ ଯୋଜନାରେ ଗୃହନିର୍ମାଣ ପାଇଁ ଆଦିବାସୀମାନଙ୍କୁ ସବ୍‌ସିଡ଼ି ଆକାରରେ ୧୫ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ । ଏହାଦ୍ୱାରା ୧,୨୫୦ ପରିବାରଙ୍କୁ ଉପକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

# ଗାନ୍ଧୀଜୀଙ୍କ ମାନବିକତା

ଆମେ ଅନ୍ୟ ଜଣକର ଦୁଃଖରେ ଭାଗୀଦାର ହୋଇ ପାରିଛୁଁ- ଏହି ଅନୁଭୂତିଠାରୁ ବଳି ଅନ୍ୟ କୌଣସି ମୂଲ୍ୟବାନ ଅନୁଭୂତିର କଳ୍ପନା କରାଯାଇ ନପାରେ । ଗୀତାରେ କୁହାଯାଇଛି, "ଯସ୍ମିନ୍ ସର୍ବାଣି ଭୂତାନି ଆତ୍ମୈବଭୂତ୍ ବିଜାନତଃ"; ଅର୍ଥାତ୍ ତୁମେ ନିଜର ପଡୋଶୀକୁ ନିଜ ପରି ଭଲ ପାଇବା ଉଚିତ୍ । ଏହାଠାରୁ ବଳି ଆଉ କଥା ନାହିଁ । ସମସ୍ତଙ୍କୁ ସମାନ ସ୍ୱାଧୀନତା ଓ ସମାନ ଅଧିକାର ମିଳିବା ଆବଶ୍ୟକ ବୋଲି ଉକ୍ତ ଶ୍ଳୋକରେ ନିର୍ଦ୍ଦେଶ ମିଳୁଛି । ଏଭଳି ନିର୍ଦ୍ଦେଶର ତାତ୍ପର୍ଯ୍ୟ ହେଉଛି, ସମଗ୍ର ବିଶ୍ୱର ମାନବ ଗୋଷ୍ଠୀ ମୁକ୍ତ ରହିବେ ଏବଂ ଜାତି, ଧର୍ମ, ଧନ, କ୍ଷମତା, ଶ୍ରେଣୀଗତ କୃତ୍ରିମ ବିଭେଦ ଦୂର କରିବାକୁ ହେବ । ଯଦି କୌଣସି ଗୋଷ୍ଠୀ ବା ଜାତି ଅନ୍ୟର କ୍ଷତି କରି ନିଜର ଉନ୍ନତି ଘଟାଇବାକୁ ଚେଷ୍ଟାକରେ ତେବେ ସେମାନେ ଏକ ଅଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରୁଛନ୍ତି ବୋଲି କୁହାଯିବ ।

'କାମ ପ୍ରବୃତ୍ତିର ବଶ ହେଲେ ମନରୁ ଦୟା ଓ ବିବେକ ବିଦାୟ ନିଅନ୍ତି ।'

ସ୍ୱଭାବତଃ ଏ କ୍ଷେତ୍ରରେ ଅନ୍ୟାୟକାରୀମାନେ ନିଜର ପକ୍ଷ ସମର୍ଥନ ପାଇଁ ଅସ୍ତ୍ରବଳର ଆଶ୍ରୟ ନେଇଥାଆନ୍ତି; କାରଣ ବଳବାନ ଗୋଷ୍ଠୀଠାରେ ବେଦଖଲ ହୋଇଯିବାର ଭୟ ଯେତିକି ପ୍ରବଳ, ନିର୍ଯ୍ୟାତିତମାନଙ୍କଠାରେ ଯଥାର୍ଥ ଦ୍ୱେଷର ପୁଂଜି ମଧ୍ୟ ସେତିକି ପ୍ରବଳ ହୋଇପଡେ । କେବଳ ଯଥାଯଥ ନ୍ୟାୟ ବିଚାର ହିଁ ଏହି ଅସ୍ୱାଭାବିକ ଅବସ୍ଥାର ବିଲୋପ ଘଟାଇପାରେ । ଏଥିପାଇଁ ଗତ କେତେ ଶତାବ୍ଦୀ ମଧ୍ୟରେ ସମଗ୍ର ମାନବ ଜାତି ସାରା ବିଶ୍ୱରେ ମାନବିକ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଆନ୍ଦୋଳନ କରି ଆସିଛି । ବସ୍ତୁତଃ ମୁକ୍ତି ଚେତନାର ଅଗ୍ରଗତି ହିଁ ମାନବଜାତିର ଇତିହାସରେ ପ୍ରଥମ ସାଫଲ୍ୟ ହୋଇ ପଡ଼ିଛି ।

ଯଦି ଆମେ ମାନବ ଜାତିର ଏହି ଧାରାବାହିକ ଉଦ୍ୟମକୁ ନିର୍ଲିପ୍ତ ଭାବରେ ପର୍ଯ୍ୟବେକ୍ଷଣ କରିବା, ତେବେ ଆମର ବିସ୍ମୟର ସୀମା ରହିବ ନାହିଁ । ଆଜି ଦାସମାନେ ମୁକ୍ତି ହାସଲ କରିଛନ୍ତି, ନାସ୍ତିକମାନଙ୍କୁ ଆଉ ପୋଡ଼ି ପକାଇବାର ଦେଖାଯାଉନାହିଁ, ସଂଭ୍ରାନ୍ତ ବ୍ୟକ୍ତିମାନେ ନିଜର ପାରମ୍ପରିକ ସୁବିଧାସୁଯୋଗମାନ ସ୍ୱେଚ୍ଛାରେ ଅନ୍ୟକୁ ସମର୍ପଣ କରି ଦେଉଛନ୍ତି, କ୍ରୀତଦାସମାନଙ୍କୁ ସେମାନଙ୍କର ଲଜ୍ଜ୍ୟାକର ଜୀବନରୁ ମୁକ୍ତି ଦିଆଯାଉଛି । ଧନିକମାନେ ସେମାନଙ୍କ ଧନ-ସମ୍ପଦ ପାଇଁ କ୍ଷମାଭିକ୍ଷା କରୁଛନ୍ତି- ଏପରିକି ସମଗ୍ର ମାନବ ଜାତିକୁ ଏକତାବଦ୍ଧ କରିବାପାଇଁ ସବୁଆଡେ ଆଗ୍ରହ ପ୍ରକାଶ ପାଉଛି । ହୋଇପାରେ- ଆଜି ବି କ୍ଷମତାଶୀଳ ବ୍ୟକ୍ତିର ବିଳାସବାସନା, ଗୋଲାମମାନଙ୍କର ଘୃଣା, କପଟୀମାନଙ୍କର ମିଥ୍ୟାଚରଣ ଏବଂ ଉଚ୍ଚନୀଚଜାତି ଓ ଶ୍ରେଣୀଭେଦ ହୁଏତ ରହିଛି । କିନ୍ତୁ ସାରା ବିଶ୍ୱରେ ଗଣତାନ୍ତ୍ରିକ ପରମ୍ପରାର ଯେଉଁ ବାତ୍ୟା ଖେଳିଯାଉଛି ତାହା ଦେଖି ସୁଦ୍ଧା ନଦେଖିଲା ପରି ରହିଲେ ଆମମାନଙ୍କୁ ଅନ୍ଧ ଛଡା ଆଉ କ'ଣ କୁହାଯିବ ? ବହୁ ମନୀଷୀ ଦିନରାତି ଅଦମ୍ୟ ଚେଷ୍ଟା ଚଳାଇଛନ୍ତି- କିପରି ଏଭଳି ଗୋଟିଏ ପୃଥିବୀ ସେମାନେ ଗଢ଼ିବେ, ଯେଉଁଠାରେ କି ଦରିଦ୍ରତମ ବ୍ୟକ୍ତିର ମଧ୍ୟ ଘରେ ଯଥେଷ୍ଟ ଖାଦ୍ୟ, ଆଲୋକ, ବାୟୁ, ସୂର୍ଯ୍ୟାଲୋକ ମିଳିପାରିବ ଏବଂ ଜୀବନରେ ସେମାନେ ଆଶା, ଗୌରବ ଓ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ଏହିଭଳି ମାନବ ସେବକଙ୍କ ମଧ୍ୟରେ ଗାନ୍ଧୀଜୀ ମୁଖ୍ୟତମ । ତାଙ୍କ ଦୃଷ୍ଟିରେ ଗଣତନ୍ତ୍ର କେବଳ ଗୋଟାଏ ଶବ୍ଦ ନହୋଇ ସାମାଜିକ ବାସ୍ତବତାର ପ୍ରତୀକ ହୋଇ ରହିଥିଲା । ଦକ୍ଷିଣ-ଆଫ୍ରିକା ଓ ଭାରତରେ ସେ ଯେଉଁସବୁ କାର୍ଯ୍ୟ କରିଥିଲେ, ସେଗୁଡ଼ିକ ତାଙ୍କର ଏହି ମାନବ ପ୍ରେମର ପରିପ୍ରେକ୍ଷୀରେ ବିଚାର କରାଯିବା ଉଚିତ୍ ।

ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ଦେଖିଥିଲେ ଯେ ଭାରତୀୟମାନେ ନାମକୁମାତ୍ର ବ୍ରିଟିଶ ସାମ୍ରାଜ୍ୟର ମୁକ୍ତ ନାଗରିକ ବୋଲି କୁହାଯାଉଥିଲେ ସୁଦ୍ଧା ସେମାନଙ୍କୁ ବହୁ ନିର୍ଯ୍ୟାତନାର ସମ୍ମୁଖୀନ ହେବାକୁ ପଡୁଥିଲା । ଧର୍ମପୀଠ ଓ ସରକାରୀ କ୍ଷେତ୍ରରେ ଅଣ ୟୁରୋପୀୟ ଜାତିମାନଙ୍କୁ ଅନ୍ୟମାନଙ୍କ ସହିତ ସମାନ ଅଧିକାରର ସୁଯୋଗ ଦିଆଯାଉ ନଥିଲା । ଏଭଳି କଟକଣା ବିରୁଦ୍ଧରେ ଗାନ୍ଧୀଜୀ ବ୍ୟାପକ ଭାବରେ "ନିଷ୍କ୍ରିୟ ପ୍ରତିରୋଧ ଆନ୍ଦୋଳନ" (Passive Resistance Movement) ଆରମ୍ଭ କରିଦେଲେ । ସେ ଦୃଢ ଭାବରେ ଦାବୀ କଲେ ଯେ ସବୁ ମନୁଷ୍ୟ ସମାନ ଏବଂ ଜାତି ଓ ବର୍ଣ୍ଣ ଭିତ୍ତିରେ ଯେଉଁ କୃତ୍ରିମ ବିଭେଦ ରଖାଯାଉଛି, ତାହା ନିତାନ୍ତ ଅଯୌକ୍ତିକ ଓ ଅନୈତିକ । ତାଙ୍କର ଉଦ୍ୟମ ଯେ କେବଳ ଭାରତୀୟମାନଙ୍କର କଲ୍ୟାଣ ସାଧନରେ ସୀମାବଦ୍ଧ ଥିଲା ତାହା ନୁହେଁ; ଆଫ୍ରିକାର ଆଦିମ ଜାତିମାନଙ୍କ ଶୋଷଣ ବିରୁଦ୍ଧରେ ମଧ୍ୟ ସେ ସ୍ୱର ଉଠାଇଥିଲେ । ଏହା ଫଳରେ ଭାରତୀୟମାନଙ୍କ ବିରୁଦ୍ଧରେ ଥିବା ବିଭେଦମୂଳକ ଆଇନ ଉଠାଇ ନିଆଯାଇଥିଲା । ତା' ସତ୍ତ୍ୱେ ଆଜି ମଧ୍ୟ ସେଠାରେ ଭାରତୀୟମାନେ ନାନା ଅପମାନଜନକ କଟକଣାର ସମ୍ମୁଖୀନ ହେଉଛନ୍ତି; ଯାହାକି ଅପମାନିତ ଓ ଅପମାନକାରୀ- କାହାରି ହେଲେ ମର୍ଯ୍ୟାଦା ବଢ଼ାଉନାହିଁ ।

---

"ଘୃଣା ମରଣର ପଥ- ପ୍ରେମ ଅମର ।"

ଭାରତରେ ଥିବା ଶ୍ରେଣୀଭେଦ ଓ ବାଦବିସମ୍ବାଦରୁ ଦେଶକୁ ମୁକ୍ତ କରିବା; ଭାରତୀୟମାନଙ୍କୁ ଶୃଙ୍ଖଳିତ ଓ ସ୍ୱାବଲମ୍ବୀ କରିବା; ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦେବା; ଧର୍ମଗତ ହିଂସାଦ୍ୱେଷର ଲୋପ କରିବା ଓ ହିନ୍ଦୁ ଧର୍ମରୁ ଅସ୍ପୃଶ୍ୟତା ରୂପକ କଳଙ୍କ ଦୂର କରିବା ତାଙ୍କର ପ୍ରଧାନ ଆକାଂକ୍ଷା ଥିଲା । ସେ କହୁଥିଲେ, "ଯଦି ମୋତେ ପୁଣି ଥରେ ଜନ୍ମ ନେବାକୁ ହୁଏ, ତେବେ ମୁଁ ବରଂ ଅସ୍ପୃଶ୍ୟ-ଙ୍କ ଘରେ ଜନ୍ମ ହେବାକୁ ଚାହିଁବି । ତାହାହେଲେ ମୁଁ ସେମାନଙ୍କ ଦୁଃଖ, ନିର୍ଯାତନା ଓ ଅତ୍ୟାଚାରରେ ଭାଗୀଦାର ହୋଇ ପାରିବି ଏବଂ ନିଜକୁ ତଥା ସେମାନଙ୍କୁ ଏହି ଦୁଃଖଦାୟକ ଅବସ୍ଥାରୁ ରକ୍ଷା କରିପାରିବି ।" ଆଉ ଥରେ ସେ କହିଥିଲେ, "ମୁଁ ଜଣେ ଖାଣ୍ଟି ସଂସ୍କାରବାଦୀ । ତାହା ବୋଲି ମୋର ଉତ୍ସାହ କେବେହେଲେ ହିନ୍ଦୁ ଧର୍ମର କୌଣସି ମୌଳିକ ବିଷୟ ପରିତ୍ୟାଗ କରିବାକୁ ମୋତେ ଶିଖାଉ ନାହିଁ ।"

ଭାରତୀୟ ରାଜା ରାଜୁଡ଼ାଙ୍କ ଅଧିକାରର ବିରୋଧ କରିବା ମୂଳରେ ତାଙ୍କର ଏହି ମାନବ-ପ୍ରୀତିର ପରିଚୟ ମିଳେ । ବିବର୍ତ୍ତନର ମଝିରେ ବି ସବୁପ୍ରକାର ବିପ୍ଳବର ମୂଳ । ସେଥିପାଇଁ ଗାନ୍ଧୀଜୀ ଭାରତୀୟ ରାଜାମାନଙ୍କୁ କହୁଥିଲେ-- ନିଜ ନିଜର ଘର ସଜାଡ଼ିବା ପାଇଁ ଓ ରାଜ୍ୟରେ ଦାୟିତ୍ୱସଂପନ୍ନ ସରକାର ପ୍ରତିଷ୍ଠା କରିବା ପାଇଁ । ସେହିପରି ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରଧାନ ଅଭିଯୋଗ ଥିଲା ଯେ ସେହି ସରକାର ଦରିଦ୍ରମାନଙ୍କ ଶୋଷଣରେ ସହାୟକ ହୋଇଛି । ୧୯୩୧ ରେ ଗାନ୍ଧିଜୀ ଆମେରିକା ଲୋକଙ୍କ ଉଦ୍ଦେଶ୍ୟରେ ବେତାର ଭାଷଣରେ କହିଥିଲେ "ଭାରତର ସରଳ ଗ୍ରାମବାସୀ-ମାନେ ନିଜର କୌଣସି ଦୋଷ ନଥାଇ ମଧ୍ୟ ବର୍ଷର ଯେ ୬ ମାସ ହାତବାନ୍ଧି ବସି ରହୁଛନ୍ତି, ଏହା ଅତି ଦୁଃଖର କଥା । ସମୟ ଥିଲା, ଯେତେବେଳେ ପ୍ରତ୍ୟେକ ଗ୍ରାମ ଖାଦ୍ୟ ଓ ବସ୍ତ୍ର ଏହି ଦୁଇଟି ମୌଳିକ ଆବଶ୍ୟକତା ଦୃଷ୍ଟିରୁ ସ୍ୱାବଲମ୍ବୀ ଥିଲା । କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ଯେତେବେଳେ ଗ୍ରାମଗୁଡ଼ିକରୁ ବସ୍ତ୍ର-ଶିଳ୍ପର ଉଚ୍ଛେଦ ସାଧନ କଲେ, ସେତେବେଳେ ଗ୍ରାମ୍ୟ ଲୋକମାନଙ୍କର ଅତିରିକ୍ତ ଜୀବିକା ଲୋପ ପାଇଲା । ସେହି ଦିନଠାରୁ ଭାରତ କ୍ରମେ କ୍ରମେ ଦରିଦ୍ର ହୋଇ ପଡ଼ିଲା ।

ଭାରତ ଗ୍ରାମ ବହୁଳ ଦେଶ । ଭାରତୀୟ ସଭ୍ୟତା ମୁଖ୍ୟତଃ କୃଷିକୁ କେନ୍ଦ୍ର କରି ଗଢି ଉଠିଛି । ଗାନ୍ଧିଜୀ କୃଷକ ଶ୍ରେଣୀର ପ୍ରତିନିଧି ଭାବରେ ଦେଖି ପାରିଥିଲେ ଯେ ଖାଦ୍ୟ ପରି ସମାଜର ଏକ ମୌଳିକ ଆବଶ୍ୟକତାକୁ ଉତ୍ପାଦନ କରୁଛି କୃଷି । ତେଣୁ ଯାନ୍ତ୍ରିକତାର ବୃଦ୍ଧି ଫଳରେ କୃଷକ କୁଳର କ୍ଷତି ହେବା ସ୍ୱାଭାବିକ । ଏହା ଭାରତୀୟ ସଭ୍ୟତାର ମୂଳ ଭିତ୍ତିକୁ ଟହଲାଇ ଦେବ । ତାଙ୍କ ମତରେ ଉପନିଷଦର ଋଷି, ବୌଦ୍ଧ ଶ୍ରମଣକ, ହିନ୍ଦୁ ସନ୍ନ୍ୟାସୀ ଓ ମୁସଲମାନ ଫକୀର-ମାନଙ୍କଠାରେ ଯେଉଁ ଆଧ୍ୟାତ୍ମିକତା ଓ ସଂସ୍କୃତିର ପରାକାଷ୍ଠା ଦେଖାଦେଇଥିଲା, ତାହାର ସ୍ଥାନ ମଟର ଗାଡ଼ି, ରେଡ଼ିଓ ଓ ଅନ୍ୟାନ୍ୟ ଜଡ଼ବସ୍ତୁ ଦ୍ୱାରା ପୂରଣ କରାଯାଇ ନ ପାରେ । ସେ ଭାବୁଥିଲେ, ଆମେ ଏପରି ଏକ ବଙ୍କା ବାଟରେ ଯାଉଛୁ, ଯାହା ଆମର କୃଷକକୁଳକୁ ନିଃସ୍ୱ, ବୁଭୁକ୍ଷୁ ଓ ଚିନ୍ତାମଗ୍ନ କରି ପକାଉଛି । ଏହା ଫଳରେ ଆମର ଶ୍ରମିକମାନେ ଦୁର୍ନୀତି-ଗ୍ରସ୍ତ, ସ୍ଥୂଳବୁଦ୍ଧି ଓ ଅଳସ ହୋଇ ପଡ଼ିଛନ୍ତି । ଲକ୍ଷ ଲକ୍ଷ ଶିଶୁ ଖାଦ୍ୟାଭାବରେ ରୁଗ୍ଣ ହେବାର ଦେଖାଯାଉଛି । ସେଥିପାଇଁ ସେ ଚାହୁଁଥିଲେ ଗୋଟିଏ ସମାଜ-- ଯେଉଁଠାରେ ବହୁସଂଖ୍ୟକ ଲୋକ ପ୍ରକୃତ ସ୍ୱାଧୀନତା ଓ ଆତ୍ମମର୍ଯ୍ୟାଦା ପାଇ ପାରିବେ, ଯେଉଁଠାରେ ଅତିରିକ୍ତ ମାତ୍ରାରେ ବିଳାସର ଅବକାଶ ରହିବ ନାହିଁ ଏବଂ ଶିଳ୍ପ ଓ ବାଣିଜ୍ୟ ସରଳ ଆକାରରେ ରହିବ ।

ଏହାବୋଲି ଗାନ୍ଧିଜୀ ଯେ କୃଷକ-ସମାଜ ପୁରାପୁରି କଳକବ୍ଜାର ଉପକାର ତ୍ୟାଗ କରନ୍ତୁ ବା ବହୁଳ ପରିମାଣରେ ଉତ୍ପାଦନ ନ ହେଉ ବୋଲି ଚାହୁଁଥିଲେ, ତାହା ନୁହେଁ । ଥରେ ତାଙ୍କୁ ଜଣେ କେହି ପଚାରିଲେ, "କୁଟୀର ଶିଳ୍ପ ଓ ବହୁଳ

'ହୃଦୟକୁ ତାଲିମ କରିବାହିଁ ମୋ ମତରେ ଆଧ୍ୟାତ୍ମିକ ଶିକ୍ଷା ।'

ଉତ୍ପାଦନ ମଧ୍ୟରେ ସମନ୍ୱୟ ରଖାଯାଇ ପାରିବ କି ?'' 'ଗାନ୍ଧୀଜୀ ତାର ଉତ୍ତରରେ କହିଥିଲେ, ''ହଁ, ଯଦି ଶିଳ୍ପଗୁଡ଼ିକୁ ଗ୍ରାମବାସୀମାନଙ୍କ ସହାୟକ ହେବାଭଳି ଯୋଜନା କରାଯାଇପାରେ, ତେବେ ଏହି ସମନ୍ୱୟ ସମ୍ଭବ ହେବ । ସବୁ ମୌଳିକ ଶିଳ୍ପ ସମଗ୍ର ଜାତିର ଦରକାର ପଡ଼ୁଛି, ତାହାକୁ କେନ୍ଦ୍ରୀଭୂତ କରାଯାଇପାରେ ; କିନ୍ତୁ ମୋର ମନେ ହେଉଛି ଯେ ଯେଉଁ ସବୁ ଦ୍ରବ୍ୟ ଗ୍ରାମଗୁଡ଼ିକରେ ଉତ୍ପାଦନ କରାଯାଇ ପାରିବ, ତାହାକୁ ନଗରମାନଙ୍କରେ ଉତ୍ପାଦିତ ହେବାକୁ ଛାଡ଼ିଦିଆଯିବା ଅନୁଚିତ । ଗ୍ରାମର ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ଖଲାସ କରିବା ପାଇଁ ଗୋଷ୍ଠଦ୍ୱାର ରୂପେ କାର୍ଯ୍ୟ କରିବା ନଗରଗୁଡ଼ିକର କର୍ତ୍ତବ୍ୟ । ସେ ଶୁଣିଥିଲେ ଭାରତର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନକୁ ପ୍ରକୃତରେ ଏକ ବାସ୍ତୁହରା ଓ ସ୍ଥିତିହରା କାରଖାନାର ଶ୍ରମିକ ଗୋଷ୍ଠୀ ବା ଅଧ୍ୟବସିତ, ସେହି ଓ କଳକବ୍‌ଜା—ସର୍ବସ୍ୱ ବ୍ୟବସାୟୀ ଗୋଷ୍ଠୀ ପ୍ରଭାବିତ ନ କରି, କରିବେ ଛୋଟ ଛୋଟ କୃଷି ପେଶର ବିଶ୍ୱବନ୍ତ ଓ ସ୍ଥାୟୀ ସ୍ୱତ୍ୱବାନ କୃଷିଜୀବୀଶ୍ରେଣୀ । ଏହି ପ୍ରକାର ଜୀବନ ଭାରତର ଐତିହ୍ୟ । ଭାରତୀୟମାନଙ୍କୁ ସତ୍ୟ ବୋଲି ଚିହ୍ନାଇବା ପାଇଁ ଏହାହିଁ ଏକମାତ୍ର ପଥ । ଭାରତର ଗ୍ରାମ୍ୟ ଜୀବନ, କୃଷିସର୍ବସ୍ୱ ପରମ୍ପରା ଓ ଆଶ୍ରମ-ରୀତି ବିଶ୍ୱକୁ ବହୁତ କିଛି ଶିକ୍ଷା ଦେଇଛି ; ଅଥଚ କୌଣସି ବ୍ୟକ୍ତିର ବା ଦେଶର କ୍ଷତି କରିନାହିଁ କି ଅନ୍ୟ କାହାରି ଉପରେ ପ୍ରଭୁତ୍ୱ ବିସ୍ତାର କରିନାହିଁ ।

ପ୍ରଥମ ମହାସମରରେ ଯୁଦ୍ଧଭୂମିକୁଯାଇ ଆହତ ଓ ମୁମୂର୍ଷୁମାନଙ୍କ ସେବା କରିବା ପାଇଁ ସେ ବ୍ରିଟିଶ୍ ସରକାରଙ୍କ ଅନୁମତି ଚାହିଁଥିଲେ । ଏପରିକି ଯୁଦ୍ଧରେ ଯୋଗଦେବା ପାଇଁ ସେ ଲୋକମାନଙ୍କୁ ବୁଝାଉଥିବାର ଦେଖି ଅନେକମଧ୍ୟ ବିସ୍ମିତ ହୋଇଥିଲେ । ଯୁଦ୍ଧ ପରେ ପରେ କିନ୍ତୁ ଭାରତୀୟମାନଙ୍କର ସମ୍ମିଳିତ ପ୍ରତିବାଦ ସତ୍ତ୍ୱେ 'ରାଉଲଟ ଆଇନ୍' ପାସ ହୋଇଗଲା । ପଞ୍ଜାବର ଅମୃତସର ହତ୍ୟାକାଣ୍ଡ ଓ ସାମରିକ ଶାସନ ଭଳି ଅପ୍ରୀତିକର ଘଟଣାମାନ ଘଟିଗଲା । ତଥାପି ୧୯୧୯ର ଶାସନସଂସ୍କାରକୁ ଗ୍ରହଣ କରି ନେବା ପାଇଁ ଗାନ୍ଧୀଜୀ ଅମୃତସର କଂଗ୍ରେସକୁ ସୁପାରିଶ୍ କରିଥିଲେ । କିନ୍ତୁ ଯେତେବେଳେ ୧୯୨୦ରେ ହଣ୍ଟର କମିଶନ୍ ରିପୋର୍ଟରେ ସରକାରୀ କାର୍ଯ୍ୟର ନିନ୍ଦା କରା ନଗଲା ଓ ପାର୍ଲାମେଣ୍ଟର ଲର୍ଡସଭା ଜେନେରାଲ ଡାୟାରଙ୍କୁ ଅପରାଧୀ ବୋଲି ଘୋଷଣା କରିବା ପାଇଁ ଦ୍ୱିଧା ପ୍ରକାଶ କଲେ ସେତେବେଳେ ହିଁ ଗାନ୍ଧୀଜୀ ଅହିଂସା ଅସହଯୋଗର ଆଶ୍ରୟ ଗ୍ରହଣ କଲେ । ସେ ସମ୍ପର୍କରେ ଗାନ୍ଧୀଜୀ ତତ୍‌କାଳୀନ ବଡ଼ଲାଟଙ୍କୁ ଯେଉଁ ପତ୍ର ଲେଖିଥିଲେ, ତାହା ଏଠାରେ ଉଲ୍ଲେଖଯୋଗ୍ୟ । ''ଅଗଷ୍ଟ ୧, ୧୯୨୦—ଆପଣ ଯେପରି ଲଘୁଭାବରେ ସରକାରୀ ଅପରାଧର ବିଚାର କରିଛନ୍ତି, ସାର୍ ମାଇକେଲ ଓ ଡାୟାରଙ୍କୁ ଯେଉଁପରି ଭାବରେ ଅପରାଧରୁ ମୁକ୍ତି ଦେଇଛନ୍ତି, ସେଥିଯୋଗୁଁ ତଥା ମଣ୍ଟେଗୁ - ରିପୋର୍ଟ, ପଞ୍ଜାବର ନିନ୍ଦନୀୟ ଘଟଣା ଯୋଗୁଁ ମୋ ମନରେ ସାମ୍ରାଜ୍ୟର ଭବିଷ୍ୟତ ନେଇ ଆଶଙ୍କା ଜନ୍ମିଛି । ଏଇଥିପାଇଁ ବର୍ତ୍ତମାନ ସରକାରଙ୍କ ସହିତ ମୋର ସଂପର୍କ ପୂରାପୂରି ବିଚ୍ଛିନ୍ନ ହୋଇଛି ଓ ଏପର୍ଯ୍ୟନ୍ତ ମୁଁ ସରକାରଙ୍କ ସହିତ ଯେପରି ପୂର୍ଣ୍ଣପ୍ରାଣରେ ସହଯୋଗ କରିଆସିଥିଲି, ସେପରି କରିବା ସମ୍ଭବ ହେଉନାହିଁ ।

''ମୋର ବିନୀତ ମତ ଯେ ଭାରତ ସରକାର ତାଙ୍କର ଦାୟିତ୍ୱରେ ଥିବା ଲୋକମାନଙ୍କ କଲ୍ୟାଣ ସାଧନ କରିବା ଦିଗରେ ନିତାନ୍ତ ଉଦାସୀନ ବୋଲି ପ୍ରମାଣିତ ହୋଇଛନ୍ତି । ଏଭଳି ଏକ ସରକାରଙ୍କୁ ଅନୁତାପ ପ୍ରକାଶ କରିବା ନିମନ୍ତେ ବାଧ୍ୟ କରିବା ପାଇଁ ଦରଖାସ୍ତ ଦେବା ଓ ସାକ୍ଷାତ କରିବା ଭଳି ସାଧାରଣ ରୀତିର ଆନ୍ଦୋଳନ ଚଳାଇବା ଯଥେଷ୍ଟ ହେବ ନାହିଁ । ଖିଲାଫତ୍ ବା ପଞ୍ଜାବ ଅତ୍ୟାଚାର ପରି ଉତ୍କଟ ଅବିଚାରର ପ୍ରତିବାଦ ହୋଇଥିଲେ ୟୁରୋପୀୟ ଦେଶମାନଙ୍କରେ ଲୋକ ହୁଏତ ରକ୍ତାକ୍ତ ବିପ୍ଳବ ଘଟାଇ ଦିଅନ୍ତେ । କିନ୍ତୁ ଭାରତର ଅର୍ଦ୍ଧାଧିକ ଲୋକ ଏତେ ଦୁର୍ବଳ ଯେ

'ସୌଜନ୍ୟ ଓ ସଦ୍ ବ୍ୟବହାର ବିନା ଯୁବକମାନଙ୍କ ଶିକ୍ଷା ନିରର୍ଥକ ।'

ସେମାନେ ଏଭଳି ହିଂସାତ୍ମକ ପ୍ରତିରୋଧ ପାଇଁ ଏକାନ୍ତ ଅକ୍ଷମ । ବାକି ଅଧିକ ଏପରି କରିବା ପାଇଁ ଅନିଚ୍ଛୁକ । ତେଣୁ ମୁଁ ଅସହଯୋଗ ପନ୍ଥାକୁ ଏହାର ଏକମାତ୍ର ପ୍ରତିକାର ବୋଲି ପରାମର୍ଶ ଦେବାକୁ ସାହସ କରିଛି । ଏହା ଫଳରେ, ଯେଉଁମାନେ ସରକାରଙ୍କଠାରୁ ବିଚ୍ଛିନ୍ନ ରହିବାକୁ ଚାହାନ୍ତି, ସେମାନେ ସେପରି କରିପାରିବେ ; ଆଉ ମଧ୍ୟ ଯଦି ଏହା ଶୃଙ୍ଖଳିତ ଓ ଅହିଂସାଭାବରେ କାର୍ଯ୍ୟକାରୀ ହୁଏ ତେବେ ସରକାର ଏହା ଫଳରେ ନିଜର ଅନ୍ୟାୟ ପଥରୁ ପଛଘୁଞ୍ଚା ଦେବାକୁ ବାଧ୍ୟ ହେବେ । ଅବଶ୍ୟ ମୁଁ ବାଧ୍ୟ ହୋଇ ଅସହଯୋଗ ନୀତି ଅନୁସରଣ କରୁଛି - ତା' ସଙ୍ଗେ ସଙ୍ଗେ ଆପଣ ନ୍ୟାୟ ବିଧାନର ପନ୍ଥା ଦେଖିପାରିବାର ଆଶା ମୁଁ ହରାଉ ନାହିଁ" । ଏଥିରୁ ଗାନ୍ଧୀଜୀଙ୍କର ସାମ୍ବିଧାନିକତା ଓ ଶୃଙ୍ଖଳାପ୍ରୀତି ପରିସ୍ଫୁଟ ହେବ ।

ଯାହା ହେଉ, ଦକ୍ଷିଣ ଆଫ୍ରିକାର ହୁଅନ୍ତୁ ବା ବ୍ରିଟିଶ୍ ସରକାର ହୁଅନ୍ତୁ ଭାରତୀୟ ମିଲ-ମାଲିକ ବା ହିନ୍ଦୁ ପୁରୋହିତ ବା ଭାରତୀୟ ରାଜା ରାଜୁଡ଼ା ଯେ କେହି ଗାନ୍ଧୀଜୀଙ୍କର ସମାଲୋଚନା ଓ ଆକ୍ରମଣର ଲକ୍ଷ୍ୟ ହୋଇଥାଆନ୍ତୁ ପଛକେ, ସବୁ କ୍ଷେତ୍ରରେ ଗାନ୍ଧିଜୀଙ୍କର ଅନ୍ତର୍ନିହିତଭାବ ଏକ ପ୍ରକାର- - "କୋଟି କୋଟି ଜନତାର ହୃଦୟରେ ଯେଉଁ ଈଶ୍ୱରଙ୍କର ସନ୍ଧାନ ମିଳି ପାରିବ, ତାଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱରଙ୍କୁ ମୁଁ ସ୍ୱୀକାର କରେ ନାହିଁ । ସେମାନେ ତାହାଙ୍କ ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ ; କିନ୍ତୁ ମୁଁ କରେ । ଏହି କୋଟି କୋଟି ଜନତାର ସେବା ମାଧ୍ୟମରେ ହିଁ ମୁଁ ସତ୍ୟ ସ୍ୱରୂପ ଭଗବାନ ବା ଭଗବାନ ସ୍ୱରୂପ ସତ୍ୟର ପୂଜା କରୁଛି ।"

(ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼ଃ ରାଧାକୃଷ୍ଣନ୍‌ଙ୍କ ଲିଖିତ **'Gandhi's Religion and Politics'** ରୁ ସଂଗୃହୀତ ।)

---

ମୁଁ ଏପରି ଏକ ଭାରତ ପାଇଁ କାର୍ଯ୍ୟ କରିବି ଯେଉଁଠାରେ କି ଦରିଦ୍ରତମ ବ୍ୟକ୍ତି ମଧ୍ୟ ଏ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ ଓ ଦେଶ ଗଠନରେ ତାଙ୍କ ମତର ମୂଲ୍ୟ ରହିଛି ବୋଲି ଅନୁଭବ କରିବେ । ଭାରତ ଏଭଳି ଗୋଟିଏ ରାଷ୍ଟ୍ର ହେବ ଯେଉଁଠାରେ କି ଉଚ୍ଚନୀଚ ଭେଦଭାବ ରହିବ ନାହିଁ । ଭାରତରେ ସବୁ ସଂପ୍ରଦାୟର ଲୋକମାନେ ପୂରାପୂରି ସୁଖ ସ୍ୱାଚ୍ଛନ୍ଦ୍ୟରେ ବସବାସ କରିପାରିବେ । ଭାରତରେ ଅସ୍ପୃଶ୍ୟତାର ନାମଗନ୍ଧ ରହିବ ନାହିଁ କି ନିଶାଦ୍ରବ୍ୟାଦି ସେବନ କରାଯିବ ନାହିଁ । ଏଠାରେ ସ୍ତ୍ରୀମାନେ ମଧ୍ୟ ପୁରୁଷମାନଙ୍କ ସହ ସମାନ ଅଧିକାର ଉପଭୋଗ କରି ପାରିବେ ।

ଗାନ୍ଧୀଜୀ

# ସୁଷମ ଖାଦ୍ୟ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଉତ୍ତମ ଖାଦ୍ୟ । ଆମେ ଯେ କେବଳ ଜୀବନଧାରଣ ପାଇଁ ଖାଦ୍ୟ ଖାଉ ତାହା ନୁହେଁ, ସୁସ୍ଥ ଜୀବନ ପାଇଁ ଖାଦ୍ୟ ଏକାନ୍ତ ପ୍ରୟୋଜନ । ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସର୍ବଦା ନାନାବିଧ କର୍ମରେ ବ୍ୟାପୃତ । କର୍ମ ପାଇଁ ଶକ୍ତି ଆବଶ୍ୟକ । ଏହି ଶକ୍ତି ଯୋଗାଇବା ସଂଗେ ସଂଗେ ଶରୀରର ବୃଦ୍ଧି ପାଇଁ ଖାଦ୍ୟ ଆବଶ୍ୟକ । କିନ୍ତୁ ଶରୀର ଭିତରେ ଜୀବାଣୁ ପ୍ରତିରୋଧକ ଶକ୍ତିର ବିକାଶ ଲାଗି ଆମକୁ ଉତ୍ତମ ଖାଦ୍ୟ ଖାଇବାକୁ ପଡ଼ିବ । ଖାଦ୍ୟରେ ଥିବା ବିଭିନ୍ନ ଶକ୍ତି ଶରୀରକୁ ଉତ୍ତାପ ଓ କର୍ମଶକ୍ତି ପ୍ରଦାନ କରେ, ଶରୀର ଗଠନ କରେ ଏବଂ ଶରୀରକୁ ରୋଗ ପ୍ରତିରୋଧକ ଶକ୍ତି ଦିଏ ।

ଆମର କେତେକ ଖାଦ୍ୟ ଅଧିକ ଶକ୍ତି ଉତ୍ପାଦକ । ଚାଉଳ, ଗହମ, ଆଳୁ, ତୈଳବୀଜ ଓ ଚିନି ଆଦି ଖାଦ୍ୟରୁ ଆମେ ଅଧିକ ଶକ୍ତି ଲାଭ କରିଥାଉ । ଶରୀର ବୃଦ୍ଧି ପାଇଁ ଆମେ ଡାଲି , ଦୁଧ, ଦହି, ଫଳ, ମାଛ, ମାଂସ, ଅଣ୍ଡା ଓ ପନିପରିବା ଦରକାର କରୁ । ଅସ୍ଥି ଗଠନ ପାଇଁ ଦୁଧ ଓ ଦହି ଏବଂ ପେଶୀଗଠନ ପାଇଁ ଡାଲି ଓ ଜୈବିକ ଖାଦ୍ୟ ଆମର ଆବଶ୍ୟକ ।

ବୟସ, ଶାରୀରିକ ଗଠନ ତଥା ଦୈହିକ ପରିଶ୍ରମ ଦୃଷ୍ଟିରୁ ବିଭିନ୍ନ ଲୋକଙ୍କ ପାଇଁ ବିଭିନ୍ନ ଧରଣର ଖାଦ୍ୟ ପ୍ରୟୋଜନ । ଗୋଟିଏ ଶିଶୁ ଓ ଜଣେ ବୟସ୍କ ଲୋକର ଖାଦ୍ୟ ସମାନ ହୋଇପାରେନା । ଗୋଟିଏ ବର୍ଦ୍ଧିଷ୍ଣୁ ଶିଶୁ ପାଇଁ ଅଧିକ ପରିମାଣର ପୁଷ୍ଟିସାର (ପ୍ରୋଟିନ୍) ଓ ଧାତୁସାର ଦରକାର । ଜଣେ ଶ୍ରମିକ ପାଇଁ ଶକ୍ତି ପ୍ରଦାୟକ ଖାଦ୍ୟରୁ ବେଶୀ ଭାଗ ପ୍ରୟୋଜନ ।

ଯେଉଁ ଖାଦ୍ୟ ଖାଇବା ଦ୍ୱାରା ଶରୀରର ସମସ୍ତ ପ୍ରୟୋଜନ ଓ ଅଭାବ ପୂରଣ ହୁଏ ତାହା ହେଉଛି "ସୁଷମ ଖାଦ୍ୟ" । ହାଲୁକା ଧରଣର କାର୍ଯ୍ୟ କରୁଥିବା ଜଣେ ବୟସ୍କ ପୁରୁଷ ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ତାଲିକା ନିମ୍ନରେ ପ୍ରଦତ୍ତ ହେଲା :—

ଚାଉଳ ଓ ଗହମ ୪୦୦ ଗ୍ରାମ, ଡାଲି ୭୦ ଗ୍ରାମ, ଶାକସବଜୀ ୧୦୦ ଗ୍ରାମ, ଆଳୁ ଜାତୀୟ ପରିବା ୭୫ ଗ୍ରାମ, ଅନ୍ୟାନ୍ୟ ପନିପରିବା ୭୫ ଗ୍ରାମ, ଫଳ ୩୦ ଗ୍ରାମ, ଦୁଧ ୨୦୦ ମି : ଲିଟର, ଚର୍ବି ଓ ତେଲ ୩୫ ଗ୍ରାମ, ଚିନି ଜାତୀୟ ଖାଦ୍ୟ ୩୦ ଗ୍ରାମ ।

ଉପରର ଖାଦ୍ୟ ଜଣେ ନିରାମିଷାଶୀ ଲାଗି ଉଦ୍ଦିଷ୍ଟ । ଆମିଷାଶୀ ବ୍ୟକ୍ତି ଦୁଧ ପରିମାଣ କମାଇ ଦେଇ ୩୦ ଗ୍ରାମ ମାଂସ ଓ ଅଣ୍ଡା ଖାଇ ପାରନ୍ତି । କଠିନ ଦୈହିକ ପରିଶ୍ରମ କରୁଥିବା ବ୍ୟକ୍ତି ଅଧିକ କାଲୋରୀ ପାଇବା ପାଇଁ ତାଙ୍କ ଖାଦ୍ୟରେ ଚାଉଳ, ଗହମ, ଚର୍ବି, ତେଲ ଓ ଚିନି ପରିମାଣ ବୃଦ୍ଧି କରିବା ଆବଶ୍ୟକ ।

ଉପଯୁକ୍ତ ପରିମାଣର ସୁଷମ ଖାଦ୍ୟ ନ ଖାଇଲେ ଶରୀରରେ ନାନା ଅଭାବଜନିତ ରୋଗ (ଡେଫିସିଏନ୍ସି ଡିଜିଜ୍) ଲକ୍ଷଣ ପ୍ରକାଶ ପାଏ । ଅର୍ଥନୈତିକ କାରଣରୁ ପ୍ରତ୍ୟେକ ଲୋକ ସୁଷମ ଖାଦ୍ୟ ଖାଇ ପାରନ୍ତି ନାହିଁ । କିନ୍ତୁ ଖାଦ୍ୟାଭ୍ୟାସ ତଥା ରନ୍ଧନ ପ୍ରଣାଳୀର ପରିବର୍ତ୍ତନ ଦ୍ୱାରା ଯେ ଯାହା ଘରରେ ଚେଷ୍ଟା କଲେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇପାରିବାର ସମ୍ଭାବନା ରହିଛି ।

ମହାତ୍ମାଙ୍କ ଦୃଷ୍ଟିରେ ····

# ଆଶ୍ରମ ଜୀବନ

ଏକପକ୍ଷରେ ପାଶ୍ଚାତ୍ୟ-ସଭ୍ୟତାର ଯାନ୍ତ୍ରିକ ବିଜ୍ଞାନରେ ଶକ୍ତିଶାଳୀ 'ବ୍ରିଟିଶ-କେଶରୀ—ଅନ୍ୟ ପକ୍ଷରେ ଗାନ୍ଧିଜୀଙ୍କ ଅହିଂସା-ନୀତିରେ ଦୀକ୍ଷିତ ଅର୍ଦ୍ଧ-ଉଲଗ୍ନ' ଭାରତୀୟ ଜାତି—ଏ ଦୁହିଁଙ୍କ ମଧ୍ୟରେ ଅର୍ଦ୍ଧ-ଶତାବ୍ଦୀରୁ ଅଧିକ କାଳ ଲାଗିରହି ଥିଲା ଗୋଟାଏ ବିସ୍ମୟକର ସଂଗ୍ରାମ । ଗୁଳି ଆଗରେ ଖୋଲା ଛାତି ଦେଖାଇ ଠିଆହେବା ହୁଏତ ଅତି ସାହସୀ କିମ୍ବା ବଦ୍ଧ ପାଗଳପକ୍ଷେ ସମ୍ଭବ । ଅଥଚ ଆମ ମୁକ୍ତି-ସଂଗ୍ରାମର ଇତିହାସରେ ଏଭଳି ଶହ ଶହ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ପୁରାଣ-ପୃଷ୍ଠାରୁ ଦେଖିବାକୁ ମିଳେ—ଜଣେ ଜଣେ ଋଷି, ଯୋଗୀ ବା ମନୀଷୀଙ୍କର ଏଭଳି ନିର୍ଭୀକ ଆତ୍ମତ୍ୟାଗର ଦୃଷ୍ଟାନ୍ତ । ହିଂସାର ପ୍ରବାହକୁ ବାଧା ନ ଦେବା (non-resistance to Evil) ଓ ପୃଥିବୀକୁ ଓଲଟପାଲଟ କରିଦେବାର ଶକ୍ତି ଥାଇ ମଧ୍ୟ ହିଂସା ସମକ୍ଷରେ ଅହିଂସ ଆଚରଣ

"ମୁଁ ଯେଉଁଠି ସାହାଯ୍ୟ ଦେଇ ପାରିବି ନାହିଁ, ମୁଁ ସେଠି ବାଧା ଦେବାକୁ ଦୃଢ଼ପ୍ରତିଜ୍ଞ ।"

କରିବା ସେତେବେଳେ ହୁଏତ ବ୍ୟକ୍ତିବିଶେଷଙ୍କ ପକ୍ଷେ ସମ୍ଭବ ହୋଇଛି—କିନ୍ତୁ ବ୍ୟାପକଭାବେ ତାହାର ପ୍ରୟୋଗ ହୋଇଥିବା ଦେଖାଯାଏ ନାହିଁ । କେବଳ ମହାତ୍ମା ଗାନ୍ଧୀ ହିଁ ଏହି ନୀତିକୁ ବ୍ୟାପକଭାବରେ ସମାଜ ଓ ରାଜନୀତି କ୍ଷେତ୍ରରେ ପ୍ରୟୋଗ କରିଥିଲେ । କୋଟି କୋଟି ଲୋକ ଯେତେବେଳେ ତାଙ୍କର ଆଶ୍ରମ ନିୟମରେ ଦୀକ୍ଷିତ ହୋଇ ଅଦ୍ଭୁତ ଶକ୍ତିବଳରେ ମରଣକୁ ତୁଚ୍ଛ ମନେ କଲେ ଓ ଅହିଂସା ସହନଶୀଳତାଦ୍ୱାରା ହିଂସର ମୁକାବିଲା କଲେ, ସେତେବେଳେ ଯାଇ ଭାରତ ଆଗରେ ସ୍ୱାଧୀନତାର ଦ୍ୱାର ଫିଟିଗଲା ।



ସାବରମତୀ ଆଶ୍ରମ

ଗାନ୍ଧୀଜୀଙ୍କର ସେହି ଆଶ୍ରମ-ନୀତି ସଂପର୍କରେ ତାଙ୍କର ନିମ୍ନଲିଖିତ ମତାମତ କିଞ୍ଚିତ୍ ଆଲୋକପାତ କରିବ ବୋଲି ଆଶା କରୁଁ ।

## ଆତ୍ମାଶ୍ରମର ଆଦର୍ଶ

"ଲୋକ ଯେତେ ବଡ଼ ହୋଇ ପଛକେ, ଯଦି ତାର ପ୍ରତ୍ୟେକ କାର୍ଯ୍ୟ ପଛରେ ଧର୍ମର ସମର୍ଥନ ନ ଥାଏ, ତେବେ ସେ କାର୍ଯ୍ୟରେ ପ୍ରକୃତ ଉନ୍ନତି ହେବନାହିଁ । କିନ୍ତୁ ଧର୍ମ କଣ? ମୁଁ ତ ଏହାର ଉତ୍ତର ଦିଅନ୍ତି—ପୃଥିବୀର ସବୁଯାକ ଶାସ୍ତ୍ର ପଢିବା ପରେ ତୁମେ ଯାହାକୁ 'ଧର୍ମ' ବୋଲି ଭାବିନିଅ, ଏ 'ଧର୍ମ' ତାହା ନୁହେଁ । ପ୍ରକୃତ ଧର୍ମର ସ୍ଥାନ ହୃଦୟରେ—ମନରେ ନୁହେଁ ।

'ଧର୍ମ' ଏପରି ଏକ ବିଷୟ, ଯାହା କି ଆମର ଅଜଣା ନୁହେଁ । ଆମରି ଭିତରୁ ଏହାର ଉଦ୍ଭବ ହୋଇଥାଏ । ଏହା ସବୁବେଳେ ଆମ ହୃଦୟ ଭିତରେ ରହିଛି । କେତେକ ହୁଏତ ଏହାର ଅସ୍ତିତ୍ୱ ସଂପର୍କରେ ସଚେତନ; ଆଉ ଅନେକ ହୁଏତ ଏହାର ଅସ୍ତିତ୍ୱ ଜାଣିପାରନ୍ତି ନାହିଁ । ତା' ସତ୍ତ୍ୱେ ଏହା ବରାବର ନିଜ ସ୍ଥାନରେ ରହିଛି ।

'ମାନ ମହତ ରଖି ସଂସାରରେ ରହିବା ନିମନ୍ତେ ଯେତିକି ଜମି ବାଡ଼ି ଦରକାର ତା ଠାରୁ ବେଶୀ ଜମିବାଡ଼ିର କେହି ମାଲିକ ହେବା ଉଚିତ ନୁହେଁ ।'

କିନ୍ତୁ କୌଣସି କାର୍ଯ୍ୟ ଠିକଭାବରେ କରିବାକୁ ହେଲେ କିମ୍ବା ସ୍ଥାୟୀଭାବରେ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରାଗଲେ ଏହି ଧର୍ମ ସଂପର୍କୀୟ ସହଜାତ-ପ୍ରବୃତ୍ତିକୁ ଜାଗରିତ କରିବାକୁ ପଡ଼ିବ । ତାହାକୁ ଜାଗରୂକ କରିବା ପାଇଁ ବାହାରର ସାହାଯ୍ୟ ନିଆଯାଉ କିମ୍ବା ଅନ୍ତର୍ଗତ ବୁଦ୍ଧିର ବିକାଶଦ୍ୱାରା ଏହା ସାଧିତ ହେଉ, ସେଥିରେ କିଛି ଯାଏଆସେ ନାହିଁ । ଅସଲ କଥା ହେଲା—ଯେକୌଣସି ପ୍ରକାରେ ଏହାକୁ ଜଗାଇବାକୁ ପଡ଼ିବ ।



ଅମର-ଜ୍ୟୋତି

ମାନବ-ଜୀବନର ମୂଳମନ୍ତ୍ର ହିସାବରେ ଅନେକ ନିୟମାବଳୀ ଆମର ଶାସ୍ତ୍ର-ପୁରାଣରେ ଲିପିବଦ୍ଧ ହୋଇଛି । ସେଗୁଡ଼ିକ ଆମକୁ ଜଣାଇଦିଏ ଯେ ଏହି ନୀତି ବା ମୂଳମନ୍ତ୍ର-ଗୁଡ଼ିକର ଅନୁସରଣରେ ଜୀବନଯାପନ ନ କଲେ ଆମେମାନେ ଧର୍ମର ଯୁକ୍ତିଯୁକ୍ତ ଧାରଣା କରିବାରେ ଅସମର୍ଥ ହେଉ । ଆଶ୍ରମ ଜୀବନର ପ୍ରଥମ ନିୟମ ହେଲା---

## ସତ୍ୟର ଶପଥ :

ସାଧାରଣତଃ 'ସତ୍ୟ' ଶବ୍ଦକୁ ଲୋକେ ଯେଉଁ ଅର୍ଥରେ ଗ୍ରହଣ କରନ୍ତି ଏବଂ "ସାଧୁତା ହିଁ ପ୍ରଧାନ ନୀତି" ଏହି ପ୍ରବାଦରୁ ସତ୍ୟର ଯେଉଁ ଆଭାସ ମିଳେ, ସେହି ଅର୍ଥରେ ମୁଁ 'ସତ୍ୟ' ଶବ୍ଦର ବ୍ୟବହାର କରିବାକୁ ଯାଉନାହିଁ । କାରଣ 'ସାଧୁତା ହିଁ ଶ୍ରେଷ୍ଠ ନୀତି' କହିଲେ ସେଥିରେ ଏଇ ଅର୍ଥ ଲୁଚିରହିଛି ଯେ ଯଦି ଏହା ସର୍ବୋତ୍କୃଷ୍ଟ ନୀତି ନ ହୁଏ, ତେବେ ଆମେ ଏହାକୁ ତ୍ୟାଗ କରିପାରୁଁ । ମୋର କଳ୍ପିତ ସତ୍ୟର ଅର୍ଥ ହେଉଛି ସେହି ନିୟମ, ଯାହାକୁ ଯେଉଁଭାବରେ ଗ୍ରହଣ କଲେ ମଧ୍ୟ ଆମର ଜୀବନ ଧାରା ନିୟମିତ ହୋଇପାରେ । ଏହି ସଂଜ୍ଞାକୁ ବିଶଦ କରିଦେବା ପାଇଁ ମୁଁ ପ୍ରହ୍ଲାଦଙ୍କ ଜୀବନର ଆଦର୍ଶ ଉପସ୍ଥାପିତ କରୁଛି । ସତ୍ୟ ପାଇଁ ସେ ନିଜର୍ ବାପାଙ୍କ ବିରୁଦ୍ଧରେ ଯିବାକୁ ମଧ୍ୟ ସାହସ କଲେ ଓ ନିଜକୁ ବି ରକ୍ଷା କରିପାରିଲେ । ତାଙ୍କ ବାପା ତାଙ୍କପ୍ରତି ଯେପରି ବ୍ୟବହାର କରିଥିଲେ, ସେହିପରି ବ୍ୟବହାର ଦେଖାଇ ଆତ୍ମରକ୍ଷା କରିବାକୁ ପ୍ରହ୍ଲାଦ ଚେଷ୍ଟା କରି ନ ଥିଲେ । ସେ ସତ୍ୟକୁ ଯେଉଁ ଭାବରେ ଜାଣିଥିଲେ, ସେହି ଭାବରେ ହିଁ ସତ୍ୟରକ୍ଷା କରିବା ନିମନ୍ତେ ବରଂ ମରିବା ପାଇଁ ପ୍ରସ୍ତୁତ ଥିଲେ; କିନ୍ତୁ କେବେହେଲେ ପିତୃ-ପ୍ରଦତ୍ତ ବା ପିତାଙ୍କ ନିର୍ଦ୍ଦେଶରେ ଅନ୍ୟମାନଙ୍କ ପ୍ରଦତ୍ତ ପ୍ରହାରର ପ୍ରତି ଆଘାତ ଦେବା ପାଇଁ ଚେଷ୍ଟା କରି ନାହାନ୍ତି । ଖାଲି ସେତିକି ନୁହେଁ, କୌଣସି ମତେ ମାଡ଼କୁ ଆଉଢ଼େଇବା ପାଇଁ ସେ ଚେଷ୍ଟା କରି ନାହାନ୍ତି; ବରଂ ହସ ହସ

"ଭାରତ ଯଦି ଖଣ୍ଡା ଧରି ଯୁଝିବା ନୀତିର ଉପାସକ ହୁଏ, ତେବେ ଭାରତର ଜୟ କ୍ଷଣସ୍ଥାୟୀ ହେବ ।"

ମୁହଁରେ ଅଜସ୍ର ନିର୍ଯାତନା ସହିଯାଇଛନ୍ତି ଓ ତା' ଫଳରେ ଶେଷରେ ସତ୍ୟର ବିଜୟ ହୋଇଛି । ନିଜର ଜୀବନ କାଳ ଭିତରେ ସତ୍ୟବ୍ରତର ଅମୋଘତା ଦିନେ ନା ଦିନେ ସମସ୍ତଙ୍କୁ ଦେଖାଇ ଦେଇପାରିବେ ବୋଲି ଆଗରୁ ଜାଣିପାରି ସେ ସେ ଏସବୁ ନିର୍ଯାତନା ସହୁଥିଲେ, ତା' ବି ନୁହେଁ । ଅବଶ୍ୟ ସତ୍ୟର ଅନୁଶାସନ ସେଠାରେ ଥିଲା; କିନ୍ତୁ ଏପରିକି ଯଦି ଏହି ନିର୍ଯାତନା ମଧ୍ୟରେ ବି ତାଙ୍କର ପ୍ରାଣବିୟୋଗ ହୋଇଥାନ୍ତା ତଥାପି ସେ ସତ୍ୟକୁ ତ୍ୟାଗ କରି ନ ଥାନ୍ତେ । ମୁଁ ଏହିଭଳି ସତ୍ୟର ଅନୁସରଣ କରିବାକୁ ଚାହୁଁଛି । ଆମ ଆଶ୍ରମରେ ଗୋଟିଏ ନିୟମ କରିଛୁ ଯେ, ଯଦି ପ୍ରକୃତରେ କୌଣସି ବିଷୟରେ ଆମର 'ନା' କହିବାର ଉଦ୍ଦେଶ୍ୟ ଥାଏ, ତେବେ ଫଳାଫଳପ୍ରତି ଦୃଷ୍ଟି ନ ଦେଇ ଆମେ ଅବଶ୍ୟ 'ନା' କହିବୁ ।

## ଅହିଂସା ମତ :

ଅହିଂସାର ଆକ୍ଷରିକ ଅର୍ଥ ହେଉଛି, ହତ୍ୟା ନ କରିବା । କିନ୍ତୁ ମୋ ପକ୍ଷରେ ଏହାର ଅର୍ଥ ଅସୀମ । ଏହାର ପ୍ରକୃତ ଅର୍ଥ ଏହି ଯେ, ତୁମେ କାହାରି ମନରେ କଷ୍ଟ ଦେବ ନାହିଁ; କାହାରି ସମ୍ପର୍କରେ, ଏପରିକି ଯେ ନିଜକୁ ତୁମର ଶତ୍ରୁ ବୋଲି ବିଶ୍ୱାସ କରୁଥିବେ ସେମାନଙ୍କ ସମ୍ପର୍କରେ ମଧ୍ୟ ନିଜ ମନରେ ଅନୁଦାର ଚିନ୍ତା ପୋଷଣ କରିବ ନାହିଁ । ଏହି ନୀତି ଯେଉଁମାନେ ପାଳନ କରିବେ, ସେମାନଙ୍କର କେହି ଶତ୍ରୁ ରହିବାର ଅବକାଶ ନାହିଁ । କିନ୍ତୁ ହୁଏତ କେତେକ ଲୋକ ମନେ ମନେ ତାଙ୍କର ଶତ୍ରୁ ବୋଲି ନିଜକୁ ବିଶ୍ୱାସ କରୁଥିବେ । ସେଇଥିପାଇଁ କୁହାଯାଉଛି ଯେ ଏଭଳି ଲୋକ-ମାନଙ୍କ ସମ୍ପର୍କରେ ମଧ୍ୟ ଆମେମାନେ କୁ-ଚିନ୍ତାକୁ ମନରେ ସ୍ଥାନ ଦେବା ଉଚିତ ନୁହେଁ । ଯଦି ଆମେ ମାଡ଼ ବଦଳରେ ମାଡ଼ ଦେଉ, ତେବେ ଅହିଂସା-ନୀତିର ଖିଲାପ୍ ହୁଏ । କିନ୍ତୁ ମୁଁ ଆଉ ଟିକିଏ ଆଗକୁ ଯାଉଛି । ଯଦି ଆମେ କୌଣସି ବନ୍ଧୁଙ୍କର କିମ୍ବା ତଥାକଥିତ ଶତ୍ରୁଙ୍କର କାର୍ଯ୍ୟରେ ଆମେ ବିରକ୍ତି ବା ଆକ୍ରୋଶ ପ୍ରକାଶ କରୁ, ତେବେ ଆମେମାନେ ଅହିଂସା-ନୀତିରୁ ବିଚ୍ୟୁତ ହୋଇପଡୁ । ଅବଶ୍ୟ ମୁଁ ଯେତେବେଳେ ଆକ୍ରୋଶ ରଖିବା ଉଚିତ ନୁହେଁ ବୋଲି କହୁଛି, ମୁଁ କହୁନାହିଁ ଯେ ଆମେମାନେ ତାଙ୍କ କାର୍ଯ୍ୟକୁ ମାନିନେବୁ । ଏଠାରେ ଆକ୍ରୋଶ (resents) ଅର୍ଥ ହେଉଛି—ଶତ୍ରୁର କିଛି କ୍ଷତି କରାଯାଉ କିମ୍ବା ଆମ କାର୍ଯ୍ୟାନୁଷ୍ଠାନଦ୍ୱାରା ହେଉ ବା ଅନ୍ୟ କାହାରି, ଏପରିକି ଭଗବତ୍‌ଶକ୍ତିର କାର୍ଯ୍ୟାନୁଷ୍ଠାନଦ୍ୱାରା ହେଉ, ସେ କିପରି ଦୂର ହୋଇଯାଆନ୍ତୁ ବୋଲି ଇଚ୍ଛା କରିବା । ଯଦି ଏଭଳି ଚିନ୍ତା ଆମ ମନରେ ସ୍ଥାନ ପାଏ, ତେବେ ଆମେ ଅହିଂସା ନୀତିରୁ ବିଚ୍ୟୁତ ହେଉ । ଆଶ୍ରମବାସୀମାନେ ଏହି ଅର୍ଥକୁ ଅକ୍ଷରେ ଅକ୍ଷରେ ଗ୍ରହଣ କରିବା ଉଚିତ ।

ଏହା ଏଭଳି ଗୋଟିଏ ଆଦର୍ଶ, ଯେଉଁଠି ଆମ୍ଭମାନଙ୍କୁ ନିଶ୍ଚୟ ଉପନୀତ ହେବାକୁ ପଡ଼ିବ ଏବଂ ଏପରି କି, ଯଦି ସମ୍ଭବ ହୁଏ ତୁରନ୍ତ ଉପନୀତ ହେବା ଦରକାର । କିନ୍ତୁ ଏହା ତ ଏକ ଜ୍ୟାମିତିକ ପ୍ରତିଜ୍ଞା ନୁହେ କିମ୍ବା ବୀଜଗଣିତର କୌଣସି କଠିନ ସମସ୍ୟାର ସମାଧାନ ଭଳି ବିଷୟ ନୁହେଁ—ତାହା ଅପେକ୍ଷା ଏହା ବହୁଗୁଣରେ କଷ୍ଟକର । ଏସବୁ ସମସ୍ୟାର ସମାଧାନ ପାଇଁ ଆମ ଭିତରୁ ଅନେକେ ରାତାରାତି ଉଜାଗର ରହି ଅଧ୍ୟୟନ କରୁଛନ୍ତି । କିନ୍ତୁ କେବଳ ଉଜାଗର ରହିଲେ ଚଳିବ ନାହିଁ- ଆଉ ଅଧିକ କିଛି କରିବାକୁ ପଡ଼ିବ । ଏହି ଲକ୍ଷ୍ୟରେ

---

'ଆତ୍ମ ତ୍ୟାଗ ନିମନ୍ତେ ଯେଉଁ ସାହସ ପ୍ରୟୋଜନ, ସେଥିରେ ନାରୀ ପୁରୁଷଠାରୁ ଶ୍ରେଷ୍ଠ ଏବଂ ପାଶବିକ ସାହସରେ ପୁରୁଷ ନାରୀ ଠାରୁ ଶ୍ରେଷ୍ଠ ।

ଉପନୀତ ହେବା ତ ଦୂରର କଥା, ଏହାର ତ୍ରିସୀମା ମାଡ଼ିବା ପାଇଁ ମଧ୍ୟ ଅବସ୍ତୁ ରାତ୍ରି-ଜାଗରଣ ଓ ମାନସିକ ଯାତନା ଭିତର ଦେଇ ଯିବାକୁ ହେବ। ଧର୍ମ-ଜୀବନର ପ୍ରକୃତ ତଥ୍ୟ ବୁଝିବାକୁ ହେଲେ ଏ ଲକ୍ଷ୍ୟରେ ଉପନୀତ ହେବା ଆମର ଅବଶ୍ୟ କର୍ତ୍ତବ୍ୟ।

ଯେ ଏହି ନୀତିର ସଫଳତାରେ ଆସ୍ଥା ସ୍ଥାପନ କରନ୍ତି, ସେମାନେ ପରିଣାମରେ ଏପରି ଗୋଟାଏ ଅବସ୍ଥାକୁ ଆସିବେ, ଯେତେବେଳେ କି ଲକ୍ଷ୍ୟରେ ଉପନୀତ ହେଲାବେଳକୁ ସମଗ୍ର ବିଶ୍ୱ ତାଙ୍କର ପଦାନତ ହେଲା ବୋଲି ବୁଝିପାରିବେ। ଯଦି ତୁମେ ପ୍ରେମ ବା ଅହିଂସାକୁ ଏଭଳି ଭାବରେ ପ୍ରକାଶ କରିବ, ଯେପରି କି ତୁମର ତଥାକଥିତ ଶତ୍ରୁର ମନ ଉପରେ ତାହାର ଅମଳିନ ଦାଗ ରହିଯିବ, ତାହାହେଲେ ସେ ନିଶ୍ଚୟ ତୁମର ପ୍ରେମର ପ୍ରତିଦାନ ଦେବେ। ଏହି ନିୟମ ଅନୁସାରେ ତୁମ ଦେଶ ପାଇଁ କିମ୍ବା ତୁମ ଦାୟିତ୍ୱରେ ଥିବା ଅତିପ୍ରିୟ ଲୋକମାନଙ୍କ ସମ୍ମାନ ରକ୍ଷା କରିବା ପାଇଁ ସଂଗଠିତ ହତ୍ୟାକାଣ୍ଡ କିମ୍ବା ଖୋଲାଖୋଲି ହତ୍ୟା ଓ ହିଂସାଚରଣ କରିବାର ଅବକାଶ ନାହିଁ। ମୋଟ ଉପରେ ସେମାନଙ୍କ ସମ୍ମାନ ରକ୍ଷା ପାଇଁ ଏହା ଉପଯୁକ୍ତ ଆୟୁଧ ହୋଇପାରନ୍ତା ନାହିଁ। ଅହିଂସାନୀତି କହେ ଯେ ଯେଉଁ ଲୋକ ନରହତ୍ୟା କରିବାକୁ ଆଗେଇ ଆସୁଛି, ତା' ହାତରେ ଆମ ନିଜ ଜୀବନ ସମର୍ପଣ କରିଦେବାଦ୍ୱାରା ଆମେ ଆମ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ସମ୍ମାନ ରକ୍ଷା କରିପାରିବା। ବିଂଶୁରି ପାହାର ପିଟିବା ପାଇଁ ଯେତିକି ସାହସ ଦରକାର, ଏଥିପାଇଁ ତା ଅପେକ୍ଷା ବେଶି ସାହସ ଦରକାର। ଯଦି ତୁମେ ପ୍ରତିଆଘାତ ନ କରି ତୁମ ପ୍ରିୟ ଲୋକ ଓ ତାର ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଅଟଳଭାବରେ ଛିଡ଼ା ହୋଇ ରହ ଓ ପ୍ରତିଶୋଧ ନ ନେଇ ସବୁପ୍ରକାର ଆଘାତ ଓ ପ୍ରହାର ସହିଯାଅ, ତେବେ କ'ଣ ଘଟିବ ? ମୁଁ ଶପଥ କରି କହିପାରେ ଯେ ଘାତକର ସମସ୍ତ କ୍ରୋଧ ତୁମରି ଉପରେ ଶମତା ପାଇଯିବ ଓ ତୁମ ବନ୍ଧୁଙ୍କ ଦେହରେ ଆଞ୍ଚ ଲାଗିବ ନାହିଁ। ଜୀବନର ଏ ଯୋଜନା ଅନୁସାରେ ଏଭଳି କୌଣସି ଦେଶାତ୍ମବୋଧର କଳ୍ପନା କରାଯାଇ ନ ପାରେ, ଯାହା କି ଆଜିକାଲିର ଲଜ୍ଜାଜନକ ଯୁଦ୍ଧକୁ ଯୁକ୍ତିଯୁକ୍ତ ବୋଲି ପ୍ରମାଣ କରିବ।

## ବ୍ରହ୍ମଚର୍ଯ୍ୟ ପାଳନର ଶପଥ :

ଯେଉଁମାନେ ଜାତିର ସେବା କରିବାକୁ କିମ୍ବା ପ୍ରକୃତ ଧର୍ମଜୀବନର ଆଲୋକ ପାଇବାକୁ ଚାହାନ୍ତି, ସେମାନଙ୍କୁ ବିବାହିତ ବା ଅବିବାହିତ-ନିର୍ବିଶେଷରେ କାମ-ରହିତ ଜୀବନଯାପନ କରିବାକୁ ହେବ। ବିବାହଦ୍ୱାରା କେବଳ ନାରୀ ଓ ନର ପରସ୍ପରର ନିବିଡ଼ ସଂସ୍ପର୍ଶରେ ଆସିଥାନ୍ତି—ସେମାନେ ଗୋଟାଏ ବିଶେଷ ଅର୍ଥରେ ପରସ୍ପରର ବନ୍ଧୁ ହୋଇପଡ଼ନ୍ତି। ବିବାହଜନିତ ବନ୍ଧୁତ୍ୱ ଇହଜୀବନରେ ବା ପରଲୋକରେ ମଧ୍ୟ ବିଚ୍ଛିନ୍ନ ହୁଏ ନାହିଁ। କିନ୍ତୁ ବିବାହ କଥା କହିବାବେଳେ ଏଥିରେ କାମଶକ୍ତିର କଥା ଆସିବ ବୋଲି ମୁଁ ତ ବିଶ୍ୱାସ କରେ ନାହିଁ। ଯେ ଯାହା ହେଉ ଆଶ୍ରମବାସୀଙ୍କ ପକ୍ଷେ ଏହା ଏକ ଆଦର୍ଶ।

---

'ପୁରୁଷ ପରିବାରର ଭରଣପୋଷଣ ଭାର ନେବ, ସ୍ତ୍ରୀ ପରିବାରର ଆଭ୍ୟନ୍ତରୀଣ ପରିଚାଳନା କରିବ। ଏହାଦ୍ୱାରା ଉଭୟେ ଉଭୟର ପରିପୂରକ ହେବେ'-

## ରସନା ସଂଯମର ଶପଥ :

ଜଣେ ଲୋକ ଯଦି ତାର ପାଶବିକ ପ୍ରବୃତ୍ତିଗୁଡ଼ିକୁ ଆୟତ୍ତ କରିବାକୁ ଚାହେଁ, ତେବେ ସେ ତିହ୍ବାକୁ ସଂଯତ କଲେ ତାହା ସହଜରେ ଆୟତ୍ତ କରିପାରିବ । ମୋର ଭୟ ହୁଏ ଯେ ଏହି ଶପଥ ପାଳନ କରିବା ସବୁଠାରୁ କଷ୍ଟକର । ଉତ୍ତେଜକ, ଉଦ୍ଦୀପକ ଓ ତାପବର୍ଦ୍ଧକ ସୁସ୍ୱାଦୁ ଖାଦ୍ୟର ଆକର୍ଷଣରୁ ମୁକ୍ତ ହେବା ପାଇଁ ଯଦି ଆମେ ପ୍ରସ୍ତୁତ ନ ଥାଉ, ତାହାହେଲେ ପାଶବିକ ପ୍ରବୃତ୍ତିର ଅତ୍ୟଧିକ ଓ ଅନାବଶ୍ୟକ ଉତ୍ତେଜନାକୁ ଆୟତ୍ତ କରିପାରିବୁ ନାହିଁ—ଅଥଚ ସେଗୁଡ଼ିକୁ ଆୟତ୍ତ ନ କଲେ ଆମେ ଭଗବତ୍-ପ୍ରଦତ୍ତ ଆମ ଶରୀରର ପବିତ୍ରତା ଶୂନ୍ୟ କରି ତାଙ୍କଠାରୁ ଓ ପଶୁମାନଙ୍କଠାରୁ ହୀନ ହୋଇପଡ଼ିବୁ । ସେତେବେଳେ ଖାଇବା, ପିଇବା ଓ ପ୍ରବୃତ୍ତି ଚରିତାର୍ଥ କରିବାରେ ପଶୁ-ବୃତ୍ତିଗୁଡ଼ିକରେ ଆମେ ଲିପ୍ତ ହୋଇପଡ଼ିବୁ । କିନ୍ତୁ କେବେ ଘୋଡ଼ା ଓ ଗୋରୁ ରସନେନ୍ଦ୍ରିୟର ଅପବ୍ୟବହାର କରିବା ଦେଖିଛ କି ? ତୁମେ କ'ଣ ମନେ କରୁଛ ଯେ ଅତିହ୍ବା, ଅଜଣା ଗୁଡ଼ାଏ ଖାଦ୍ୟବସ୍ତୁ ତିଆରି କରିବା ସଭ୍ୟତା ଓ ପ୍ରକୃତ ଜୀବନର ଲକ୍ଷଣ ?

## କାହାରିକୁ ନ ଠକିବାର ଶପଥ :

ମୋର ମନେ ହୁଏ, ଆମେ ସମସ୍ତେ କୌଣସି ନା କୌଣସି ପ୍ରକାର ଠକାମିରେ ଲିପ୍ତ । ଯେଉଁ ଦ୍ରବ୍ୟ ଆଜି ମୋ କାମ ପାଇଁ ଆବଶ୍ୟକ ପଡୁନାହିଁ, ସେଭଳି ଦ୍ରବ୍ୟ ନେବା ଓ ପାଖରେ ରଖିବା ଦ୍ୱାରା ମୁଁ ଆଉ କାହାରିଠାରୁ ତାହା ଚୋରି କରୁଛି ବୋଲି କହିବାକୁ ହେବ । ପ୍ରକୃତିର ଗୋଟାଏ ମୌଳିକ ନିୟମ ହେଉଛି ଯେ, ଆମର ଦୈନନ୍ଦିନ ଆବଶ୍ୟକତା ପାଇଁ ଯଥେଷ୍ଟ ପରିମାଣରେ ସାମଗ୍ରୀ ପ୍ରକୃତି ଉତ୍ପାଦନ କରିଥାଏ । ଯଦି ପ୍ରତ୍ୟେକ ଲୋକ ନିଜ ପାଇଁ ଯେତିକି ଦରକାର ସେତିକି ନିଅନ୍ତେ, ଆଉ ବେଶି ନିଅନ୍ତେ ନାହିଁ, ତେବେ ସଂସାରରେ ଦାରିଦ୍ର୍ୟ ରହନ୍ତା ନାହିଁ କି ଅନାହାର-ମୃତ୍ୟୁ ଘଟନ୍ତା ନାହିଁ । ମୁଁ ସମାଜବାଦୀ ନୁହେଁ ଓ ଯେଉଁମାନଙ୍କର କିଛି ସମ୍ପତ୍ତି ଅଛି, ସେଥିରୁ ମୁଁ ସେମାନଙ୍କୁ ବେଦଖଲ କରିବାକୁ ଚାହୁଁନାହିଁ । କିନ୍ତୁ ମୁଁ ନିଶ୍ଚୟ କହିବି ଯେ ଆମ ଭିତରୁ ଯେଉଁମାନେ ବ୍ୟକ୍ତିଗତ ଭାବରେ ଅନ୍ଧାରରୁ ଆଲୋକ ଦେଖିବାକୁ ଚାହାନ୍ତି, ସେମାନେ ଏହି ନିୟମ ପାଳନ କରିବା ଉଚିତ । ମୁଁ କାହାରିକୁ ବେଦଖଲ କରିବାକୁ ଚାହୁଁ ନାହିଁ; କାରଣ ତାହାଲେଲେ ମୁଁ ଅହିଂସା ନିୟମର ବିରୁଦ୍ଧାଚରଣ କରିବି । ଯଦି ମୋ ଅପେକ୍ଷା କାହାର ଅଧିକ ସମ୍ପତ୍ତି ଅଛି, ତେବେ ସେ ତାହା ରଖୁ; କିନ୍ତୁ ମୋର ନିଜ ଜୀବନ ନିୟନ୍ତ୍ରିତ କଲାବେଳେ ଆବଶ୍ୟକତାଠାରୁ ବେଶି ରଖିବାକୁ ଯିବି କାହିଁକି ? ଭାରତରେ କୋଟି କୋଟି ଲୋକ ଅଛନ୍ତି, ଯେଉଁମାନଙ୍କୁ ଦୈନିକ ଗୋଟିଏ ବଖତ ଖାଇ ସନ୍ତୁଷ୍ଟ ରହିବାକୁ ପଡ଼େ । ସେ ବଖତକ ହୁଏତ ପଟେ ରୁଟି, ଚିକ୍କଣ ବୋଲି କିଛି ନାହିଁ, ଆଉ ଚିମୁଟେ ଲୁଣ । ଏହି କୋଟି କୋଟି ଲୋକଙ୍କୁ ଖାଦ୍ୟ ଓ ବସନ ନ ମିଳିଲା ପର୍ଯ୍ୟନ୍ତ ଆମର ଯେତିକି ବିଭବ ପ୍ରକୃତରେ ରହିଛି, ତା ଉପରେ ତୁମର ଓ ମୋର କୌଣସି ଅଧିକାର ନାହିଁ । ତୁମେ ଓ ମୁଁ—ଯେଉଁମାନେ ଏ କଥାଟାର ମର୍ମ ବୁଝୁଥାଉଁ, ସେମାନେ ନିଜର ଅଭାବ ଯେ କୌଣସି ମତେ ତୁଲାଇ ନେଇ ଏହି ଲୋକମାନଙ୍କୁ ଖାଦ୍ୟ ଓ ବସନ ଯୋଗାଇବା ନିମନ୍ତେ ସ୍ୱତଃପ୍ରବୃତ୍ତ ହୋଇ ଦୁଃଖକଷ୍ଟ ବରଣ କରିବା ଉଚିତ ।

---

"ସାହାସୀ ଲୋକମାନେ ହସି ହସି ମରଣ ବରଣ କରନ୍ତି ; କିନ୍ତୁ ସେମାନେ ହୁସିଆର । ଅହିଂସା ଭିତ୍ତିରେ ଦୁଃସାହସର ସ୍ଥାନ ନାହିଁ ।"

## ସ୍ୱଦେଶୀ-ବ୍ରତ :

ସ୍ୱଦେଶୀ-ମନ୍ତ୍ର ଏକ ଅତ୍ୟାବଶ୍ୟକ ଶପଥ । ଯେତେବେଳେ ଆମେ ଆମର ପାଖପଡ଼ିଶାଙ୍କୁ ଛାଡ଼ି [illegible] ମେଣ୍ଟାଇବା ସକାଶେ ଅନ୍ୟତ୍ର ଯାଉଁ, ସେତେବେଳେ ଆମେ ଆମ ପଡ଼ିଶାର ଏକ ପବିତ୍ର ନିୟମର ଖିଲାପ୍ କରୁ । ମନେକର, ତୁମେ ମାନ୍ଦ୍ରାଜରେ ଜନ୍ମ ହୋଇଛ ଓ ବଢ଼ିଛ । ଯଦି ବମ୍ବେରୁ ଜଣେ ଲୋକ ଆସି ତୁମକୁ କିଛି ଜିନିଷ



ଗଛଛାଇରେ ଚରଖା ସୂତକଟା ଓ ବହିପଢ଼ା

ବିକ୍ରି କରିବାକୁ ଚାହେଁ ଓ ତୁମ ଦ୍ୱାରମୁହଁରେ ଅନ୍ୟ ବେପାରୀ ସେ ଜିନିଷ ବିକ୍ରି କରୁଥିବାବେଳେ ତୁମେ ଯଦି ବମ୍ବେ ବେପାରୀଠାରୁ ତାହା କିଣ, ତେବେ ବମ୍ବେ ବେପାରୀକୁ ତୁମର ଏହି ସମର୍ଥନ ଯୁକ୍ତିଯୁକ୍ତ ହେବ ନାହିଁ ।

‘ଯେଉଁ ଯୁବକ ଯଥେଷ୍ଟ ଯୌତୁକ ପାଇଲେ ବିଭା ହେବାକୁ ମଙ୍ଗେ, ସେ ତା ବିଶ୍ୱବିଦ୍ୟାଳୟ ଉପାଧିକୁ କଳଙ୍କିତ କରେ ।”

ସ୍ୱଦେଶୀ ସମ୍ପର୍କରେ ମୋର ଏହାହିଁ ମତ । ଗାଁରେ ରହିଥିଲେ ତୁମେ ସହରିଆ ଭଣ୍ଡାରୀକୁ ଛାଡ଼ି ନିଜ ଗାଁର ଭଣ୍ଡାରୀକୁ ସମର୍ଥନ କରିବାକୁ ବାଧ୍ୟ । ଅବଶ୍ୟ ଯଦି ତୁମେ ଚାହୁଁଥାଅ ଯେ ତୁମ ଗାଁର ଭଣ୍ଡାରୀ ସହରିଆ ଭଣ୍ଡାରୀ ପରି ବାଳ କାଟୁ, ତେବେ ତୁମେ ତାକୁ ସହରକୁ ପଠାଇ ତାଲିମ କରିପାର; କିନ୍ତୁ ତାହା ନ ହେବା ପର୍ଯ୍ୟନ୍ତ ତୁମେ ଅନ୍ୟ ଭଣ୍ଡାରୀ ପାଖକୁ ଯିବାରେ ଯୁକ୍ତି ନାହିଁ । ଯେତେବେଳେ ଆମେ ଦେଖୁ ଯେ ବହୁ ଜିନିଷ ଆମେ ଭାରତରେ ପାଇପାରୁନାହୁଁ, ସେତେବେଳେ ତାହା ନ ଥାଇ ମଧ୍ୟ ଚଳିଯିବା ପାଇଁ ଚେଷ୍ଟା କରିବା ଉଚିତ । ମନେରଖ, ଯେତେବେଳେ ତୁମ ମନର ବଳ ଏହି ଅବସ୍ଥାକୁ ଆସିଯିବ; ସେତେବେଳେ ତୁମ କାନ୍ଧରୁ ଗୋଟାଏ ବୋଝ ଖସି ଗଲା ଭଳି ଲାଗିବ ଯଦି ତୁମେ ସଙ୍ଗେ ସଙ୍ଗେ ସ୍ୱଦେଶୀ-ଜୀବନ ଆରମ୍ଭ କରିଦିଅ, ତେବେ ବର୍ତ୍ତମାନ ଅପେକ୍ଷା ନିଜକୁ ଅଧିକ ମୁକ୍ତ ବୋଲି ଅନୁଭବ କରି ପାରିବ ।



ସତ୍ୟାଗ୍ରହୀ ଗାନ୍ଧୀଜୀ

## ନିର୍ଭୀକତାର ଶପଥ :

ଭାରତର ଚାରିଆଡ଼େ ବୁଲି ମୁଁ ଦେଖିଛି ଯେ ମୋ ଦେଶ ଗୋଟାଏ ଆତଙ୍କରେ ଜଡ଼ସଡ଼ ହୋଇ ରହିଛି । ସାଧାରଣଙ୍କ ଆଗରେ ଆମେ ପାଟି ଫିଟାଇ ପାରିବୁ ନାହିଁ, ନିଜ ନିଜ ସମ୍ପର୍କରେ କଥାବାର୍ତ୍ତା ହେଲାବେଳେ କେବଳ ଗୋପନରେ କଥାବାର୍ତ୍ତା କରିବୁଁ । ଘରର ଚାରିକାନ୍ଥ ଭିତରେ ରହି ତୁମେ ଯାହା ଇଚ୍ଛା ତାହା କର ପଛକେ, ଜନ ସାଧାରଣଙ୍କ ପାଇଁ ଯେପରି ତାହା ଅଭିପ୍ରେତ ନ ହୁଏ ।

ଅବଶ୍ୟ ଆମେ ଯଦି ମୌନବ୍ରତ ଅବଲମ୍ବନ କରୁଥାନ୍ତେ, ତେବେ ମୋର କିଛି କହିବାର ନ ଥିଲା । ମୁଁ କହିରଖୁଛି ଯେ କେବଳ ଜଣେ ଅଛି, ଯାହାକୁ ସମସ୍ତେ ଡରିବା ଆବଶ୍ୟକ । ସେ ଜଣକ ହେଉଛନ୍ତି ଈଶ୍ୱର । ଈଶ୍ୱର ଭୟ ରହିଲେ ଆଉ ମନୁଷ୍ୟ-ଭୟ ରହେ ନାହିଁ- ସେ ଯେତେ ମୁଖ୍ୟପଦବୀରେ ଥାନ୍ତୁ ନା କାହିଁକି । ଯଦି ତୁମେ ସତ୍ୟବ୍ରତ ଅବଲମ୍ବନ କରିବାକୁ ଚାହଁ, ତେବେ ନିର୍ଭୀକତା ନିତାନ୍ତ ଆବଶ୍ୟକ । ଭାରତର ଭାଗ୍ୟନିୟନ୍ତ୍ରିତ କରିବାକୁ ଆଶା କରିବା ପୂର୍ବରୁ ଆମମାନଙ୍କୁ ନିର୍ଭୀକତାର ଅଭ୍ୟାସ ଚଳାଇବାକୁ ହେବ ।

## ସ୍ୱଦେଶୀ ଭାଷାରେ ଶିକ୍ଷା:

ୟୁରୋପରେ ମାର୍ଜିତ ରୁଚିର ପ୍ରତ୍ୟେକ ଲୋକ କେବଳ ଯେ ନିଜ ଭାଷା ଶିଖନ୍ତି ତାହା ନୁହେଁ; ଅନ୍ୟାନ୍ୟ ଭାଷା ମଧ୍ୟ ଶିଖନ୍ତି । ଭାରତରେ ଭାଷା-ସମସ୍ୟାର ସମାଧାନ ପାଇଁ ଆଶ୍ରମବାସୀମାନେ ଯେତେ ଅଧିକ ଭାରତୀୟ ଭାଷା ଶିକ୍ଷା କରି ପାରନ୍ତି, ତାହା କରିବେ । ଇଂରେଜୀ-ଭାଷା ଆୟତ୍ତ କରିବା ପାଇଁ ଯେତେ ଶ୍ରମ ଦରକାର ହୁଏ, ତା ତୁଳନାରେ ଏ ସବୁ ଭାଷା ଶିକ୍ଷା କରିବାର କଷ୍ଟ କିଛି ନୁହେଁ । ଆମ ଶିଶୁ-ଜୀବନର ସବୁ ସ୍ମୃତି ଆମେ ପୋଛି ପକାଇବା ସମ୍ଭବ କି ? ଅଥଚ ଏକ ବିଦେଶୀ ଭାଷା ମାଧ୍ୟମରେ ଉଚ୍ଚତର ଜୀବନ ଯାପନ କରିବାକୁ ଗଲାବେଳେ ଆମେମାନେ ତାହା ହିଁ କରିଥାଉଁ । ଏହା ଫଳରେ ଆମ ଜୀବନରେ ଗୋଟାଏ ଶୂନ୍ୟ ସ୍ଥାନ ସୃଷ୍ଟି ହୁଏ- ଯାହା ପାଇଁ ଆମମାନଙ୍କୁ ଅନୁତପ୍ତ ହେବାକୁ ପଡ଼େ ।

### ଖଦଡ଼

ତୁମେ ପଚାରିପାର- "ଆମେ କାହିଁକି ନିଜ ହାତରେ କାମ କରିବୁ ? ନିରକ୍ଷର ଲୋକମାନେ ସିନା ଶାରୀରିକ ଶ୍ରମ କରିବେ; ସାହିତ୍ୟିକ ଓ ରାଜନୀତିକ ପ୍ରବନ୍ଧ ପଢ଼ିବା ତ ଆମ କାମ" । କିନ୍ତୁ ଆମମାନଙ୍କୁ ଶ୍ରମର ମର୍ଯ୍ୟାଦା ହୃଦୟଙ୍ଗମ



ସ୍ୱାବଲମ୍ବନଶୀଳତାର ମନ୍ତ୍ର

କରିବାକୁ ହେବ । ଯଦି ଜଣେ ଭଣ୍ଡାରୀ ବା ମୋଚି କଲେଜରେ ପାଠ ପଢ଼େ, ସେ ନିଜର ମୌଳିକ ବୃତ୍ତି ତ୍ୟାଗ କରିବା ଉଚିତ ନୁହେଁ । ମୋ ମତରେ ଏ ଭଳି ବୃତ୍ତି ଡାକ୍ତରୀ ବୃତ୍ତି ଅପେକ୍ଷା କୌଣସି ମତେ ନ୍ୟୂନ ନୁହେଁ ।

---

"ମୁଁ ଭାରତକୁ ସ୍ୱାଧୀନ ଓ ଶକ୍ତିଶାଳୀ ଦେଖିବାକୁ ଚାହେଁ । ତାହା ହେଲେ ପୃଥିବୀକୁ ଉନ୍ନତ ସ୍ତରକୁ ନେବା ପାଇଁ ସ୍ୱେଚ୍ଛାରେ ଭାରତ ଆତ୍ମବଳି ଦେଇ ପାରିବ ।"

## ରାଜନୀତିରେ ଧର୍ମ-ସମ୍ବନ୍ଧ ପ୍ରୟୋଗ :

ଧର୍ମ ଛଡ଼ା ରାଜନୀତିରେ କୌଣସି ମାନେ ହୁଏତ ନାହିଁ । ଯଦି ସମଗ୍ର ଛାତ୍ର- ଜଗତ ଏ ଦେଶର ରାଜନୀତି ରଙ୍ଗ-ମଞ୍ଚରେ ପୂନ ହୁଅନ୍ତି, ତାହା ଯେ ଜାତୀୟ ବିକାଶର ଗୋଟାଏ ସୁସ୍ଥ ଚିହ୍ନ ହେବ, ଏପରି କିଛି କଥା ନାହିଁ । ଏହା ହୋଇ



' ସଦାରଜୀ ଓ ବାପୁଜୀ '

ମୁଁ କହୁ ନାହିଁ ଯେ ତୁମେ ଛାତ୍ର-ଜୀବନରେ ରାଜନୀତି ଅଧ୍ୟୟନ କରିବା ଅନୁଚିତ । ରାଜନୀତି ଆମ ଅସ୍ତିତ୍ୱର ଏକ ଅଙ୍ଗ । ଆମ ଅନୁଷ୍ଠାନଗୁଡ଼ିକୁ ଆମ୍ଭେମାନେ ବୁଝି ରଖିବା ଉଚିତ; ଏପରି କି ଆମର ଶିଶୁ-ଜୀବନରେ ମଧ୍ୟ ଆମେ ଏହା

ଜାଣିପାରନ୍ତି । ତେଣୁ ଆମର ଆଶ୍ରମରେ ପ୍ରତ୍ୟେକ ଶିଶୁକୁ ଆମ ଦେଶର ରାଜନୀତିକ ଅନୁଷ୍ଠାନମାନଙ୍କ ସମ୍ପର୍କରେ ଧାରଣା ଦିଆଯାଏ । ତାକୁ ଜଣାଇ ଦିଆଯାଏ, କିପରି ଏ ଦେଶ ନୂଆ ଭାବ, ନୂଆ କାର୍ଯ୍ୟ ଓ ନୂଆ ଜୀବନରେ ସ୍ପନ୍ଦିତ ହେଉଛି । କିନ୍ତୁ ଆମେ ଚାହୁଁ, ଗୋଟାଏ ଅବିଚ୍ଛିନ୍ନ ଆଲୋକ- ଧର୍ମ ବିଶ୍ୱାସର ପରିସମ୍ବାଦୀ ଆଲୋକ । ଏହା ବୁଦ୍ଧିକୁ ପାଇଲ ଭଳି ଗୋଟାଏ ସାଧାରଣ ବିଶ୍ୱାସ ନୁହେଁ ; କିନ୍ତୁ ହୃଦୟରେ ଅଲିଭା ଅକ୍ଷରରେ ଅଙ୍କିତ ହୋଇଥିବା ଗୋଟାଏ ବିଶ୍ୱାସ । ପ୍ରଥମତଃ ଆମେ ଆମର ରାଜନୀତିକ ଚେତନାକୁ ହୃଦୟଙ୍ଗମ କରିବାକୁ ଚାହୁଁ । ତାହା ହୋଇଯିବା ପରେ ପରେ ଜୀବନର ସମଗ୍ର ବିକାଶ ଆମ ପାଇଁ ଖୋଲିଯିବ । ସେତେବେଳେ ଧର୍ମ-ବିଶ୍ୱାସ ସମସ୍ତଙ୍କ ପୂର୍ଣ୍ଣ ସୁଯୋଗର ବିଷୟ ହୋଇ ପଡ଼ିବ । ତାହାହେଲେ ଯୁବକମାନେ ଯେତେବେଳେ ଗୃହସ୍ଥ ହୋଇଯିବେ, ସେମାନେ ଜୀବନ-ସଂଗ୍ରାମ ପାଇଁ ଉପଯୁକ୍ତଭାବେ ପ୍ରସ୍ତୁତ ହୋଇପାରିଥିବେ । କିନ୍ତୁ ଆଜି କ'ଣ ଘଟୁଛି ? ରାଜନୀତିକ ଜୀବନର ଅଧିକାଂଶ ଭାଗ ଛାତ୍ରମାନଙ୍କଠାରେ ସୀମାବଦ୍ଧ । କିନ୍ତୁ ସେମାନେ ଛାତ୍ର-ଜୀବନ ଛାଡ଼ିବା ସଙ୍ଗେ ସଙ୍ଗେ କେଉଁଠି ଖଣ୍ଡେ-ଅଧେ ଚାକିରୀ ଆଦରି ମୁହଁ ଛପା ଦେଉଛନ୍ତି । ଈଶ୍ୱରଙ୍କ ସମ୍ପର୍କରେ ତଥା ସତେଜ ବାୟୁ, ଉଜ୍ଜ୍ୱଳ ଆଲୋକ ଓ ବାସ୍ତବ ଶକ୍ତି ବହୁଳ ସ୍ୱାଧୀନତା ସମ୍ପର୍କରେ କିଛି ଜାଣୁ ନାହାନ୍ତି । ଏହିସବୁ ଜଣାଇ ଦେବା ପାଇଁ ହିଁ ଆଶ୍ରମ ଜୀବନର ପରିକଳ୍ପନା । *

*ସି. ଏଫ୍. ଆଣ୍ଡ୍ରୁଜଙ୍କ ସହିତ ଗାନ୍ଧୀଜୀଙ୍କ ଆଲୋଚନାରୁ

---

ଅନ୍ୟର ସ୍ୱାଧୀନତା ଅପହରଣ ପାଇଁ ଚେଷ୍ଟା ନ କରି ବା ଅନ୍ୟର ମୁକ୍ତିଲାଭର ଉଦ୍ୟମରେ ବାଧା ନ ଦେଇ ନିଜ ବାଟରେ ନିଜର କଲ୍ୟାଣ ସାଧନ ଦିଗରେ ଆମ୍ଭମାନଙ୍କୁ ଯେଉଁ ସ୍ୱାଧୀନତା ସୁଯୋଗ ଦେଇଥାଏ, ତାହାହିଁ ଏକମାତ୍ର ସ୍ୱାଧୀନତା ।

ଜନ୍ ଷ୍ଟୁଆର୍ଟ ମିଲ୍

---

## ପୋଲିଓ

ପୋଲିଓ ରୋଗ ଦ୍ୱାରା ମୁଖ୍ୟତଃ ଶିଶୁମାନେ ଆକ୍ରାନ୍ତ ହୋଇଥାନ୍ତି ଏବଂ ପୋଲିଓମାଇଲାଇଟିସ୍ ନାମକ ଏକ ଜୀବାଣୁ ଏହି ରୋଗର କାରଣ । ଉତ୍ତାପ, ଫର୍ମାଲିନ୍ ଓ କ୍ଲୋରିନ୍ ଦ୍ୱାରା ଏହି ଜୀବାଣୁକୁ ନିଷ୍କ୍ରିୟ କରାଯାଇ ପାରେ । ଜୀବାଣୁ ରକ୍ତରେ ମିଶି କେନ୍ଦ୍ରୀୟ ସ୍ନାୟୁ ପ୍ରକ୍ରିୟାରେ କେନ୍ଦ୍ରୀଭୂତ ହେବାପରେ ରୋଗର ଲକ୍ଷଣ ପ୍ରକାଶ ପାଏ ।

ପୋଲିଓ ଜୀବାଣୁରୁ ଉଦ୍ଭୂତ ପକ୍ଷାଘାତ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ରୋଗ ଆକ୍ରମଣ ସଙ୍ଗେ ସଙ୍ଗେ ପକ୍ଷାଘାତଗ୍ରସ୍ତ ଅଙ୍ଗ ଉକ୍ତିରେ ଫିଜିଓଥେରାପି ପଦ୍ଧତିରେ ଚିକିତ୍ସା ଆରମ୍ଭ କରାଯିବା ଉଚିତ୍ । ରୋଗ ସମୟରେ କାନ, ନାକ ଓ ଗଳା ଅସ୍ତ୍ରୋପଚାର ଆଦି ବନ୍ଦ କରାଯିବା ଆବଶ୍ୟକ ।

ପୋଲିଓ ପାଇଁ ମୁଖସେବ୍ୟ ପୋଲିଓ ଟୀକା ଖୁବ୍ ଦରକାରୀ । ତିନିରୁ ଛଅ ମାସ ବୟସ୍କ ଶିଶୁଙ୍କ ସମେତ ଯେ କୌଣସି ଶିଶୁକୁ ଏହା ଦିଆଯାଇପାରେ । ଜ୍ୱର, ବାନ୍ତି ଓ ଆମାଶୟ ରୋଗ ଭୋଗୁଥିଲେ ଏହି ଟୀକା ଦିଆଯିବା ଅନୁଚିତ । ଟୀକା ଦେବାର ତିନି ଚାରି ଘଣ୍ଟା ପୂର୍ବରୁ ତଥା ପରେ ପିଲାକୁ ମାତୃ ଦୁଗ୍ଧ ଦିଆଯିବା ଉଚିତ ନୁହେଁ । ଟୀକା ଦିଆଯିବାର ଅଧ ଘଣ୍ଟା ଭିତରେ କୌଣସି ପ୍ରକାର ଗରମ ପାନୀୟ ପିଇବା ଉଚିତ୍ ନୁହେଁ ।

* * * *

## ରକ୍ତହୀନତା

ଶରୀରର ସମସ୍ତ କୋଷ ପୁରୁଣା ହୁଏ ଏବଂ କ୍ରମାଗତ ଭାବେ ନୂତନ କୋଷ ଗଠନ ଚାଲିଥାଏ । ରକ୍ତରେ ମଧ୍ୟ ଏହି ପ୍ରକ୍ରିୟା ସଂଘଟିତ ହୁଏ । ଲୋହିତ ରକ୍ତ କଣିକାର ଜୀବନ କାଳ ପ୍ରାୟ ୧୨୦ ଦିନ । ନୂତନ ଲୋହିତ ରକ୍ତ କଣିକା ଗଠନ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରୟୋଜନ । ଏହାର ଅଭାବରେ ରକ୍ତହୀନତା ଦେଖାଦିଏ । ଆମ ଲୋକସଂଖ୍ୟାର ବହୁଭାଗ ରକ୍ତହୀନତା ରୋଗରେ ପୀଡ଼ିତ । ପୁଷ୍ଟିକର ଖାଦ୍ୟାଭାବ ଛଡ଼ା ମ୍ୟାଲେରିଆ ଓ ହୁକ୍‌ୱାର୍ମ ଯୋଗୁଁ ମଧ୍ୟ ରକ୍ତହୀନତା ହୋଇଥାଏ । ଆମ ଦେଶରେ ଦାରିଦ୍ର୍ୟ ଓ ତତ୍‌ଜନିତ ସମସ୍ୟା ମୁଖ୍ୟତଃ ରକ୍ତହୀନତାର କାରଣ । କ୍ଲାନ୍ତି, ମୁଣ୍ଡବ୍ୟଥା, ନିଦ୍ରାହୀନତା ଓ ଦୁର୍ବଳତା ରକ୍ତହୀନତାର ଲକ୍ଷଣ । ପ୍ରତି ଶହେ ମିଲିମିଟର ରକ୍ତରେ ୧୪ରୁ ୧୫ ଗ୍ରାମ ହେମୋଗ୍ଲୋବିନ୍ ଥାଏ । ଲୋହିତ ରକ୍ତକଣିକାରେ ହେମୋ-ଗ୍ଲୋବିନ୍ ଥିବା ଯୋଗୁଁ ଶରୀର ଅମ୍ଳଜାନ ପାଏ ।

ଗର୍ଭବତୀ ମହିଳାମାନଙ୍କ ପାଇଁ ରକ୍ତହୀନତା ବିପଜ୍ଜନକ । ରକ୍ତହୀନତା ଯୋଗୁଁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସନ୍ତାନ ଜନ୍ମର ସମ୍ଭାବନା ଥାଏ । ମା'ର ରକ୍ତହୀନତା ଯୋଗୁଁ ସନ୍ତାନ'ର ବୃଦ୍ଧି ମଧ୍ୟ ବ୍ୟାହତ ହୁଏ ।

ରକ୍ତ ପ୍ରସ୍ତୁତ ପାଇଁ ପ୍ରୋଟିନ୍, ଲୌହ, ଖାଦ୍ୟପ୍ରାଣ 'ଖ' ଓ 'ଗ' ପ୍ରୟୋଜନ । ଏଥିରୁ କୌଣସିଟିର ଅଭାବ ଘଟିଲେ ରକ୍ତହୀନତା ଘଟେ ।

# ଗାନ୍ଧୀଜୀଙ୍କ ଏକଦଶ-ବ୍ରତ

ପୁରାଣ ଯୁଗରୁ ବିଭିନ୍ନ ସମୟରେ ସମାଜକୁ ଲକ୍ଷ୍ୟ କରି ଯୁଗ-ସ୍ରଷ୍ଟାମାନେ ମନ୍ତ୍ର ଦେଇ ଥାଆନ୍ତି । କଅଣ କଲେ ଲୋକେ ଭଲରେ ରହିବେ, ସେହି ମନ୍ତ୍ରର ଅର୍ଥାତ୍ ବଳୀ-ବାମନଙ୍କ ବେଳେ 'ଦାନ' ଉପରେ ଜୋର ଥିଲା, କିନ୍ତୁ ରାମ ରାବଣଙ୍କ ସମୟରେ 'ଦାନ' ଉପରେ ଜୋର ଦିଆଗଲା ନାହିଁ ଅଥଚ 'ସତ୍ୟ' ଉପରେ ଦିଆଗଲା । କୃଷ୍ଣ, ପ୍ରେମ ବା ଭଲପାଇବା ଉପରେ ଜୋର ଦେଲେ, ବୁଦ୍ଧ କିନ୍ତୁ ଦୟା ଉପରେ । ସେହିପରି ମହାତ୍ମାଗାନ୍ଧୀ 'ଅହିଂସା' ଉପରେ ବିଶେଷ ଜୋର ଦେଇ 'ଏକାଦଶ ବ୍ରତ' ମନ୍ତ୍ର ଜନସାଧାରଣଙ୍କୁ ଦେଲେ । ଏକାଦଶ ବ୍ରତକୁ ପୁରାପୁରି ପାଳନ କରିବା ଯେ ଅତି କଷ୍ଟସାଧ୍ୟ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏପରିକି ଏଥିରୁ ଗୋଟିଏ ବ୍ରତକୁ ପାଳନ କରିବା ଭାରି କଷ୍ଟକର । ତାହାହେଲେ ଗାନ୍ଧୀଜୀ ଲୋକଙ୍କୁ 'ଏକାଦଶ ବ୍ରତ' ପାଇଁ କହିଲେ କାହିଁକି ? ସମାଜର ଅବସ୍ଥା ତାଙ୍କୁ କଅଣ ଜଣା

'ଉପାୟ ଅପବିତ୍ର ହୋଇଥିଲେ ସିଦ୍ଧି ମଧ୍ୟ ଅପବିତ୍ର ହୋଇଯାଏ ।'

ନ ଥିଲ ? ସେ କଥା ନୁହେଁ । ଏ ଯୁଗରେ ଲୋକେ 'ଏକାଦଶ ବ୍ରତ' ଯଥାସମ୍ଭବ ପାଳନ କରନ୍ତୁ, ଅନ୍ତତଃ ଏହା ଆଲୋଚନା କରି ସେହି ଜ୍ଞାନ ଦ୍ୱାରା ନିଜକୁ ତଥା ପରିବାର ଏବଂ ସମାଜକୁ ଉନ୍ନତତର ସୋପାନକୁ ନିଅନ୍ତୁ । ପ୍ରତିଦିନ ଏହି ମନ୍ତ୍ର ଉଚ୍ଚାରଣ ଦ୍ୱାରା କ୍ରମେ ସୁଫଳ ମିଳିବ । ସାଧାରଣ ଲୋକ ବୁଝିଲା ଭଳି ଏହି ଏକାଦଶ ବ୍ରତର ଅର୍ଥ ହେବା ଉଚିତ । ଆମ ଦେଶର ଶ୍ରୀଅକ୍ଷର ବିବର୍ଜିତ ଲୋକେ ବି କିଛି ଅଂଶରେ ଧର୍ମଜ୍ଞାନ ପାଇ ଥାଆନ୍ତି । ସାଧାରଣ ଲୋକଙ୍କ ଭାଷାରେ ଥୋଇଲେ ସେମାନେ ମଧ୍ୟ ବୁଝି ପାରିବେ । ତେଣୁ ସେହିପରି ଅର୍ଥ କରି ବୁଝାଇବାର ଚେଷ୍ଟା କରାଯାଉଛି ।

ଅହିଂସା ସତ୍ୟ ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ
ଶରୀର-ଶ୍ରମ, ଅସ୍ୱାଦ, ସର୍ବତ୍ର ଭୟ ବର୍ଜନ
ସର୍ବଧର୍ମ ସମାନତ୍ୱ, ସ୍ୱଦେଶୀ, ସ୍ପର୍ଶ-ଭାବନା
ବିନମ୍ର ବ୍ରତ ନିଷ୍ଠା ସେ ଏ ଏକାଦଶ ସେବାହେଁ ।

ଅହିଂସାର ଅର୍ଥ ହେଲା ଅନ୍ୟର ଖରାପ ହେବ ଜାଣିପାରି କିଛି କହିବ ନାହିଁ କି କରିବ ନାହିଁ ।

ସତ୍ୟ କାହାକୁ କହନ୍ତି ? ଯାହାର ଉଦ୍ଦେଶ୍ୟ ସତ୍ ବା ଭଲ ତାହାହିଁ ସତ୍ୟ । ଜଣେ ଗୋଟିଏ ଭୁଲ କାମ କରିବା ମୁଁ ଜାଣିଲି । ଅନ୍ୟମାନଙ୍କୁ ଏହି କଥାଟି କହିବାରେ ମୋର ଉଦ୍ଦେଶ୍ୟ କଅଣ ମନେ ଭାବିବାକୁ ହେବ । ରାମ ଚୋରି କରିଥିଲା, ମୁଁ ଜାଣିଲି ରାମର ମୋର ପଡ଼େ ନାହିଁ । ସେଇଥି ପାଇଁ ଯଦି ମୁଁ କହେ, ତାହାହେଲେ ମୁଁ ସତ୍ୟ କହିଲି ନାହିଁ । ରାମର ମଙ୍ଗଳ ହେବ ବୋଲି ଯଦି କହିଲି ତାହାହେଲେ ହୋଇପାରେ ।

'ଅସ୍ତେୟ'ର ଅର୍ଥ ହେଲା ଅନ୍ୟର ଧନ ଚୋରି ନ କରିବା । ଏହା ନିଜେ ବିଚାର କରିବା ଉଚିତ ।

'ବ୍ରହ୍ମଚର୍ଯ୍ୟ'ର ଅର୍ଥ ନୁହେଁ ବିବାହ ନ କରିବା କିମ୍ବା ପୁତ୍ରସନ୍ତାନ ଜନ୍ମ ନ ଦେବା । ବିବାହ କରି ପୁଅ ଝିଅ ଜନ୍ମ କରି ମଧ୍ୟ ଲୋକ ବ୍ରହ୍ମଚାରୀ ହୋଇ ପାରେ ଯଥା- ରାମକୃଷ୍ଣ, ବିଜୟକୃଷ୍ଣ, ଗାନ୍ଧୀ, ଅରବିନ୍ଦ । ନିଜ ସ୍ତ୍ରୀ ସହିତ ମଧ୍ୟ ଯୌନ ସମ୍ପର୍କଠାରୁ ସନ୍ତାନ ଜନ୍ମ ହେବା ଉଦ୍ଦେଶ୍ୟମୂଳକ ଏବଂ ଆଦର୍ଶସ୍ଥାନୀୟ ହେବା ଉଚିତ ।

'ଅସଂଗ୍ରହ'ର ଅର୍ଥ ହେଲା ଗୁଡ଼ିଏ ଧନ ଜମେଇବା କିମ୍ବା ଜମେଇବାକୁ ଚେଷ୍ଟା କରିବା ଭଲ ନୁହେଁ । ଏଥିରେ ନିଜର, ପରିବାରର ଏବଂ ସମାଜର ବିପଦ । ଯାହା ଆବଶ୍ୟକ ତାହା ରଖିବା ଭୁଲ ନୁହେଁ ।

'ଶରୀର ଶ୍ରମ' ପ୍ରତିଦିନ କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ହିତକର । ଦେହ ଓ ମନ ଭଲ ରହେ । ଫଳରେ ଖର୍ଚ୍ଚ କମେ ଏବଂ ଆୟ ବଢ଼େ । ତେଣୁ ପରିବାରର ତଥା ସମାଜର ଲାଭ ହୁଏ ।

'ଅସ୍ୱାଦ'ର ଅର୍ଥ ହେଲା ଦେହକୁ ଯାହା ହିତକାରକ ତାହା ଖାଇବ ଏବଂ ସେହି ପରିମାଣରେ ମଧ୍ୟ ଖାଇବ । ଖାଲି ପାଟିକି ଭଲ ଲାଗିବ ବୋଲି ଖାଇଲେ ହୁଏତ ଦେହ ଖରାପ ହେବ । କହନ୍ତି ଜର୍ମାନୀର ପ୍ରତ୍ୟେକ ଲୋକର ରୋଷେଇ ଘର ଗୋଟିଏ ବିଜ୍ଞାନ-ଗବେଷଣାଗାର (Science Laboratory) ଅର୍ଥାତ୍ 'ପ୍ରତ୍ୟେକ ଲୋକର କଅଣ କେତେ ଖାଇବା ଉଚିତ୍, ପରୀକ୍ଷା କରି ସେହି ଅନୁସାରେ ରୋଷେଇ ହୁଏ । ତେଣୁ ଆମ ଲୋକେ ଖାଇବା ବିଷୟ ଆଲୋଚନା କରିବା ଉଚିତ୍ ।

---

'ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବାହିଁ ମାନବର କର୍ତ୍ତବ୍ୟ ।'

'ସର୍ବତ୍ର ଭୟ ବର୍ଜନ' ଏହାର ଅର୍ଥ ହେଉ ମନରୁ ଭୟ ଛାଡ଼ି ସବୁଠାରେ ଚଳିବ । କିନ୍ତୁ ଏତକ କେମିତି କିଏ କରିବ ? ଅନ୍ୟକୁ ହିଂସା ନ କରି, ଅନ୍ୟର ମନ୍ଦ ଚିନ୍ତା ନ କରି ଚଳିଲେ ସବୁଠାରେ ଭୟ ଛାଡ଼ି ହେବ ।

'ସର୍ବଧର୍ମ ସମାନତ୍ୱ' ସବୁ ଧର୍ମ ସମାନ ବୋଲି ଆମେ ଭାବିବା ଉଚିତ୍ । ଏହା ମଧ୍ୟ ସତ୍ୟ । ମନୁଷ୍ୟର ଉନ୍ନତି ପାଇଁ ବିଭିନ୍ନ ଧର୍ମ ହୋଇଛି । କେବଳ ଭିନ୍ନ ଭିନ୍ନ ରାସ୍ତା । ତେଣୁ ଧର୍ମ ନେଇ କଳି କଜିଆରେ କାରଣ ନାହିଁ । ଧର୍ମ ନେଇ କଳି କଜିଆ ସବୁଠାରୁ ବଡ଼ ଅଧର୍ମ ।

'ସ୍ୱଦେଶୀ' କଥାରୁ ବୁଝିବାକୁ ହେବ ଯେ ଘର ପାଖର ଜିନିଷ ବ୍ୟବହାର କରିବ । ଏଥିରେ ନିଜ ଲୋକେ କାମ ପାଇବେ । ସେମାନଙ୍କ ସଙ୍ଗେ ବନ୍ଧୁତା ବଢ଼ିବ । ଆପଦ ବିପଦରୁ ରକ୍ଷା ମିଳିବ ।

'ସ୍ପର୍ଶ-ଭାବନା' ହେଉ କୌଣସି ଲୋକକୁ ଅଛୁଆଁ ଭାବିବ ନାହିଁ । ସମସ୍ତଙ୍କ ଦେହରେ ଭଗବାନ ଅଛନ୍ତି । ସମସ୍ତେ ମଣିଷ । ମଣିଷକୁ ଘୃଣା କରିବା ପାପ ।

ଏହି ଏଗାରଟି କଥା ଘରେ ଏବଂ ସାଇପଡ଼ିଶାରେ ଆଲୋଚନା ହେବା ମଙ୍ଗଳକର । ବର୍ତ୍ତମାନର ସଂସାରରେ ଏହି ଏକାଦଶ ବ୍ରତର ମନ୍ତ୍ର ଆମକୁ ଏବଂ ଆମ ପିଲାଙ୍କୁ ବହୁ ବିପଦରୁ ରକ୍ଷା କରିବ । ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଆମେ ଏ ବିଷୟରେ ଗାଁ ଗାଁ ବୁଲି ଆଲୋଚନା କରି କିପରି ବର୍ଷସାରା ପ୍ରତିଦିନ ଘରେ ଘରେ 'ଏକାଦଶ ବ୍ରତ' ମନ୍ତ୍ର ପ୍ରଚଳିତ ହେବ ସ୍ଥିର କରିବା ଉଚିତ ।

---

### ପ୍ରତ୍ୟେକ ବ୍ୟକ୍ତି ପାଇଁ ଉପଦେଶ

"ମାନବିକ କ୍ରମ ବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରବୃତ୍ତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନଯାପନ କରିବ । ପ୍ରେମ-ସେବା-ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନହିଁ ବାଞ୍ଛନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, ଆନେ ଅନ୍ୟ ଲୋକ ସେହି ସତ୍ୟକୁ ଦେଖି ପାରୁ ନ ଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।

ମହାତ୍ମା

# ଓଡ଼ିଶାରେ ଆଦିବାସୀ ଉନ୍ନୟନ

* ପଞ୍ଚମ ଯୋଜନା କାଳରେ ୧,୮୦୦ ଆଦିବାସୀ ଛାତ୍ରଙ୍କୁ ସର୍ଟହ୍ୟାଣ୍ଡ ଓ ଟାଇପିଂ ସମେତ ବିଭିନ୍ନ ଶିଳ୍ପ ତାଲିମ ଦିଆଯିବ ।

* ଆଦିବାସୀ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ କୂପ ଖନନର ବ୍ୟବସ୍ଥା ହୋଇଛି । ଆଦିବାସୀ ଗାଁରେ ବିଦ୍ୟୁତ୍ ଯୋଗାଣର ପୌନଃପୁନିକ ଖର୍ଚ୍ଚ ତୁଲାଇବା ପାଇଁ ସବ୍‌ସିଡ଼ି ଦିଆଯିବ । ୭୫ଟି ଅଗଷ୍ଟ ୧୪ ତାରିଖ ସୁଦ୍ଧା ୧,୨୨୮ଟି ଆଦିବାସୀ ଗାଁକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି । ଚଳିତ ବର୍ଷ

* ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ୭୦୦ ଆଦିବାସୀ ପରିବାରଙ୍କୁ ବଳଦ ଓ କୃଷି ଉପକରଣ କିଣିବା ଲାଗି ସବ୍‌ସିଡ଼ି ଯୋଗାଇ ଦିଆଯିବ । ଛ ହଜାର ଏକର ଜମି ଆବାଦ କରାଯିବ ।

* ଶିଳ୍ପ ତାଲିମ ପ୍ରତିଷ୍ଠାନ ବା ଉତ୍ପାଦନ ତଥା ତାଲିମ କେନ୍ଦ୍ରର ତାଲିମପ୍ରାପ୍ତ ଆଦିବାସୀ ପ୍ରାର୍ଥୀମାନଙ୍କୁ ନିଜର ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ଆତ୍ମ ନିଯୁକ୍ତି ଯୋଜନା ଅଧୀନରେ ସହାୟତା କରାଯିବ । ପଞ୍ଚମ ଯୋଜନା କାଳରେ ଏହିଭଳି ୩୦୦ ଆଦିବାସୀ ପ୍ରାର୍ଥୀଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ ।

* ସଂପ୍ରତି ରାଜ୍ୟରେ ୭୫ଟି ଆଦିବାସୀ ଉନ୍ନୟନ ବ୍ଲକ୍ ରହିଛି ଏବଂ ଆଗାମୀ ଯୋଜନା କାଳରେ ଏହିଭଳି ଆହୁରି ୩୮ଟି ବ୍ଲକ୍ ପ୍ରତିଷ୍ଠାର ପ୍ରସ୍ତାବ ଅଛି । ଆଦିବାସୀମାନଙ୍କ ସାମାଜିକ ତଥା ଅର୍ଥନୈତିକ ଉନ୍ନୟନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଗୁଣୁପୁର-ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଦୁଇଟି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି

* ଆଶ୍ରମ ବିଦ୍ୟାଳୟ, କନ୍ୟାଶ୍ରମ ଓ ଆଦିବାସୀ ସେବାଶ୍ରମଗୁଡ଼ିକର ସଂପ୍ରସାରଣ କରାଯାଇଛି ।

* ଚାକିରିରେ ତଫସିଲଭୁକ୍ତ ଉପଜାତିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଆରୋପ କରାଯାଉଛି । ପଦୋନ୍ନତିରେ ସୁବିଧା ଦେବା ପାଇଁ ମଧ୍ୟ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

# ହୃଦୟ ବିଜୟୀ 'ବାପୁ'


**ରମେଶ ଧଳ**

ଆଡ୍‌ଭୋକେଟ, ଭୁବନେଶ୍ୱର


ବ୍ୟକ୍ତିଗତ ସମ୍ପର୍କ ରକ୍ଷା କରିବାରେ ବୋଧହୁଏ ଗାନ୍ଧୀଜୀ ଥିଲେ ପୃଥିବୀରେ ଅପ୍ରତିଦ୍ୱନ୍ଦୀ ଜନନାୟକ । ଜନସାଧାରଣଙ୍କ ବ୍ୟକ୍ତିଗତ ସମସ୍ୟାଠାରୁ ରାଷ୍ଟ୍ର ତଥା ଆନ୍ତର୍ଜାତିକ ସମସ୍ୟା ସମାଧାନ କରିବା କ୍ଷେତ୍ରରେ ସେ ସମପରିମାଣରେ ଗୁରୁତ୍ୱ ଦେଉଥିଲେ । ତାଙ୍କର ସରଳ ତଥା ନିରାଡମ୍ବର ଜୀବନଯାତ୍ରା, ଉଚ୍ଚ ଆଦର୍ଶ ଏବଂ ନିଷ୍କପଟ ସ୍ନେହ ସଦିଚ୍ଛା ହେତୁ ସେ ସମସ୍ତଙ୍କୁ ଆପଣାର କରିପାରୁଥିଲେ । ସେ ସମଗ୍ର ଦେଶବାସୀଙ୍କୁ ଆପଣା ପରିବାରର ଲୋକ ବୋଲି ବିଚାରୁଥିଲେ । ତାଙ୍କ ସମ୍ପର୍କରେ ଥରେ ଯେ ଆସିଛି, ସେ ତାଙ୍କୁ ଛାଡ଼ି ଆଉ ଚାଲି ଯାଇପାରିନାହିଁ, ତାଙ୍କରି ଆଦର୍ଶରେ ଦୀକ୍ଷିତ ହୋଇଛି । ତାଙ୍କରି ପ୍ରେରଣାରେ କେବଳ ଆମ ଦେଶର ନୁହେଁ, ବହୁ ବିଦେଶୀ ଭାରତର ମୁକ୍ତି ସଂଗ୍ରାମ ପାଇଁ ପ୍ରାଣଦାନ କରିଛନ୍ତି । ବ୍ୟକ୍ତିଗତ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ସାଧାରଣ ସେବକ ଜୀବନରେ ଏକ ଆଦର୍ଶପୂର୍ଣ୍ଣ ମାନ ରକ୍ଷା କରି ସେ ଆମ ସମସ୍ତଙ୍କ ପାଇଁ ନୂତନ ପରମ୍ପରା ସୃଷ୍ଟି କରିଯାଇଛନ୍ତି ।

---

"ଅନ୍ୟ ଉପରେ କର୍ତ୍ତୃତ୍ୱ କରିବା ପାଇଁ ମୋ ହାତରେ ଅହିଂସା ଛଡ଼ା ଅନ୍ୟ ଅସ୍ତ୍ର ନାହିଁ ।"

ଶିକ୍ଷିତ, ଅଶିକ୍ଷିତ, ଧନୀମାନୀ, ରାଜାମହାରାଜା, ପଥର ପଥିକ, କଳକାରଖାନାର ଶ୍ରମିକ, ସଖୀ ମୁନିଆ ସମସ୍ତେ ତାଙ୍କୁ ନିଜର ବୋଲି ଭାବୁଥିଲେ। ସମସ୍ତଙ୍କ ପ୍ରାଣର କଥା ସେ କହିପାରୁଥିଲେ। ସେଥିପାଇଁ ତାଙ୍କର ଦର୍ଶନ ନିମନ୍ତେ ସମସ୍ତେ ପାଗଳ ହେଉଥିଲେ। ଏହି କ୍ଷୀଣକାୟ ବ୍ୟକ୍ତିଟିକୁ ବନ୍ଦୀଶାଳାରେ ରଖି ମଧ୍ୟ ବ୍ରିଟିଶ-ସିଂହ ସ୍ୱସ୍ତିରେ ନିଶ୍ୱାସ ମାରି ପାରିନଥିଲେ । ବନ୍ଦୀଶାଳାର ଲୌହ କବାଟ ବାହାରେ ପଶାନ୍ତ ଜନତାକୁ ଶାନ୍ତ ରହିବାଲାଗି ଗାନ୍ଧୀଜୀଙ୍କୁ ସରକାରଙ୍କ ପକ୍ଷରୁ ନମ୍ର ନିବେଦନ କରିବାକୁ ପଡୁଥିଲା।

ସୂର୍ଯ୍ୟଙ୍କୁ କେନ୍ଦ୍ରକରି ଅନ୍ୟାନ୍ୟ ଗ୍ରହ ଉପଗ୍ରହ ରହିଥିଲାପରି ଗାନ୍ଧୀଜୀଙ୍କୁ କେନ୍ଦ୍ରକରି ଅନ୍ୟାନ୍ୟ ବହୁ ଭାରତୀୟ ନେତୃବୃନ୍ଦ ରହି କିପରି କାର୍ଯ୍ୟ କରୁଥିଲେ, ତାହା ଜାଣିଲେ ବିସ୍ମିତ ହେବାକୁ ହୁଏ । ବିଭିନ୍ନ ମତାବଲମ୍ବୀ ନେତୃବୃନ୍ଦ ସମସ୍ତ ମତବାଦ ଭୁଲି ତାଙ୍କ ଦ୍ୱାରା ଆକର୍ଷିତ ହୋଇ ଭାରତର ମୁକ୍ତି ନିମନ୍ତେ ସବୁମନ୍ତେ ଉଦ୍ୟମ କରୁଥିଲେ। ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଜି: ଡ଼ି. ବିରଳା ଓ ସେଠ୍ ଯମୁନା ଲାଲ ବାଜାଜଙ୍କ ପରି ପୁଞ୍ଜିପତି, ସତ୍ତ୍ୱସବାଦରେ ବିଶ୍ୱାସ କରୁଥିବା ଆଚାର୍ଯ୍ୟ କୃପାଳିନୀ, ବିପ୍ଳବୀ ବୁଦ୍ଧିଜୀବୀ ଜବାହରଲାଲ ନେହରୁ, କୂଟନୀତିଜ୍ଞ ଓ ରାଜନୀତି ବିଶାରଦ ପଣ୍ଡିତ ମୋତିଲାଲ ଏବଂ ବିଟ୍ଠଲ ଭାଇ ପଟେଲ, ବିଚକ୍ଷଣ ଆଇନ୍‌ବିତ୍ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ସନ୍ଥ ସାଧକ ବିନୋବାଜୀ, ଡକ୍‌ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ମୌଲାନା ଆବୁଲ୍ କଲାମ ଆଜାଦ, ଡକ୍‌ଟର ଆନ୍‌ସାରି, ହାକିମ୍ ଅଜମଲ ଖାଁ ସାହେବ, ଭାରତର ବୁଲ୍‌ବୁଲ୍ ଶ୍ରୀମତୀ ସରୋଜିନୀ ନାଇଡୁ ଓ ଲୁହାର ମଣିଷ ସର୍ଦ୍ଦାର ପଟେଲ।

ପୁଞ୍ଜିପତିମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ କାରଣ ସେମାନଙ୍କ ଦୃଷ୍ଟିରେ ସେ ଥିଲେ ବାସ୍ତବବାଦୀ ଓ ଅସହଯ ରୂପେ ଦୁଃସାହସୀ। କୃପାଳିନୀ ତାଙ୍କର ସ୍ୱପ୍ନର ମଣିଷକୁ ଗାନ୍ଧୀଙ୍କଠାରେ ଆବିଷ୍କାର କରିପାରିଥିଲେ। ତାଙ୍କ ଦୃଷ୍ଟିରେ ସେ ଥିଲେ ଚିରବିପ୍ଳବୀ। ଜବାହରଲାଲ ଗାନ୍ଧୀଜୀଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଓ ସରଳ ଜୀବନଯାତ୍ରା ପାଇଁ ତାଙ୍କପ୍ରତି ଆକୃଷ୍ଟ ହୋଇଥିଲେ।

ବିନୋବାଙ୍କ ଦୃଷ୍ଟିରେ ଗାନ୍ଧୀଜୀଥିଲେ ପ୍ରାଚୀନ ଭାରତୀୟ ସାଧୁଙ୍କ ପରି ଜଣେ ସାଧୁ। ମୌଲାନା ଆଜାଦ୍ ତାଙ୍କଠାରେ ଉଚ୍ଚ ଆଧ୍ୟାତ୍ମିକ ଭାବର ସନ୍ଧାନ ପାଇଥିଲେ। ରାଜାଜୀଙ୍କ ମତରେ, ଅନ୍ୟର ଦୃଷ୍ଟିକୋଣ ପ୍ରତି ସମ୍ମାନ ଦେଇ, ବଳିଷ୍ଠ ଯୁକ୍ତି ପ୍ରତିପାଦନ କରି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଅଗ୍ରସର ହେବାରେ ଗାନ୍ଧୀଜୀଙ୍କର ଅଶେଷ କୃତିତ୍ୱ ରହିଥିଲା। ସରୋଜିନୀ ନାଇଡୁଙ୍କ ଭାଷାରେ ଗାନ୍ଧୀ ଥିଲେ ଜଣେ କର୍ମରତ କବି। ଲୁହାର ମଣିଷ ପଟେଲଙ୍କ ହୃଦ୍‌ବୋଧ ହୋଇଥିଲା ଯେ ସେ ଭାରତୀୟ ରାଜନୈତିକ ଗଗନରେ ଗାନ୍ଧୀଜୀଙ୍କଭଳି ଜଣେ ନେତାଙ୍କୁ ଭେଟିଲେ। ସେ ଜଣେ ଉଚ୍ଚକୋଟୀର ନେତା, ଯିଏ କେବଳ ଅନ୍ୟମାନଙ୍କ ପରି ପ୍ରସ୍ତାବ କହନ୍ତି ନାହିଁ, କିନ୍ତୁ ଯାହା କହନ୍ତି, କାମରେ ତାହା ଦେଖାଇ ଥାଆନ୍ତି। ଯେଉଁ ଦାୟିତ୍ୱ ଥରେ ନିଜ ଉପରକୁ ନିଅନ୍ତି, ତାହା ଶେଷ ନହେବା ପର୍ଯ୍ୟନ୍ତ ଆନ୍ତରିକତାର ସହିତ ସେ ଦିଗରେ ଆଗେଇ ଥାଆନ୍ତି।

ଛୋଟଠୁ ବଡ ପର୍ଯ୍ୟନ୍ତ ଯାହାର ଯେଉଁଥିରେ ଆଗ୍ରହ ତାକୁ ସେହି କର୍ମରେ ଗାନ୍ଧୀଜୀ ନିୟୋଜିତ କରିଥାଆନ୍ତି। ଅନ୍ୟକୁ ତାଙ୍କ ପନ୍ଥାନୁସରଣ କରିବା ଲାଗି ବାଧ୍ୟ ନକରି ତାକୁ ପ୍ରବର୍ତ୍ତାଇ ଥାଆନ୍ତି ଶ୍ରଦ୍ଧା ଓ ପ୍ରେମରେ।

କେବଳ ବୁଦ୍ଧିଜୀବୀ ନୁହନ୍ତି ଅଗଣିତ ସାଧାରଣ ନାଗରିକ, ଏପରିକି ଶିକ୍ଷା ଦୀକ୍ଷାହୀନ ବିଭିନ୍ନ ସାମାଜିକ ଅପରାଧରେ ଦଣ୍ଡିତ କଏଦୀ ଉପରେ ଗାନ୍ଧୀ କିପରି ପ୍ରଭାବ ପକାଇପାରନ୍ତି, ତା'ର ଗୋଟିଏ ଦୃଷ୍ଟାନ୍ତ ନିଆଯାଉ। ଭାରତୀୟ ମୁକ୍ତି

---

"ନିଜ ଧର୍ମ ଅନ୍ୟାନ୍ୟ ଧର୍ମଠାରୁ ଉତ୍କୃଷ୍ଟ ଓ ଅନ୍ୟ ଧର୍ମାବଲମ୍ବୀମାନେ ଆମ ଧର୍ମ ଗ୍ରହଣ କରନ୍ତୁ-ଏପରି ଭାବିବା ଅସହିଷ୍ଣୁତା, ଔଦ୍ଧତ୍ୟର ପ୍ରକାଶଭଙ୍ଗୀ ମାତ୍ର।"

ସଂଗ୍ରାମରେ ନେତୃତ୍ୱ ନେଇ ଗାନ୍ଧୀଜୀ ଭାରତୀୟ କାରାଗାରରେ ୨୦୮୯ ଦିନ ଓ ଦକ୍ଷିଣ ଆଫ୍ରିକାର କାରାଗାରରେ ୨୧୪ ଦିନ କଟାଇଥିଲେ । ଏଥିପାଇଁ ତାଙ୍କର କିଛିହେଲେ ଶୋଚନା ନଥିଲା, କାରଣ ଏହି କାରାଗାରହିଁ ଥିଲା ଗାନ୍ଧୀଙ୍କ ସାଧନାର ପୀଠ । କାରାଗାରରେ ଅବସ୍ଥାନ କାଳରେ ସେ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ ।

କାରାଗାରର ଅନ୍ୟାନ୍ୟ ବନ୍ଦୀମାନଙ୍କ ଅପେକ୍ଷା ଗାନ୍ଧୀଜୀଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ଦିଆଯାଉଥିଲା । ଚିଠିପତ୍ର ଆଦାନପ୍ରଦାନ ଓ ବାହାରର ପରିଦର୍ଶକଙ୍କ ସହିତ ସାକ୍ଷାତ କରିବାରେ କଟକଣା ଆଦିକୁ କୋହଳ କରାଯାଇଥିଲା । ଏହା ସତ୍ତ୍ୱେ ଗାନ୍ଧୀଜୀଙ୍କ ପ୍ରତି ସର୍ବଦା ଜେଲ କର୍ତ୍ତୃପକ୍ଷଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥାଏ । ନ ରହନ୍ତା ବା କିପରି ? ଯେଉଁ ବ୍ରିଟିଶ ସାମ୍ରାଜ୍ୟ ଏତେ ବିରାଟ ଯେ ସେଠାରେ ସୂର୍ଯ୍ୟ ଅସ୍ତ ଯାଏନି, ସେହି ସାମ୍ରାଜ୍ୟର ଶାସକଙ୍କୁ ଭାରତ ମାଟିରୁ ହଟାଇବା ପାଇଁ ଚରମ ଚେଷ୍ଟା ସେ ଚଳାଇଥିଲେ ।

୧୯୨୨ ମସିହା କଥା । ଦୀର୍ଘ ୬ ବର୍ଷ ଗାନ୍ଧୀଙ୍କୁ ଶାସ୍ତି ମିଳିଥାଏ । ସେ ୟାରବାଡ଼ା ଜେଲ୍‌ରେ ଥାଆନ୍ତି । ଏହି ଜେଲରେ ତାଙ୍କର ବିଭିନ୍ନ କାମ କରିବା ପାଇଁ ଜେଲ କର୍ତ୍ତୃପକ୍ଷ ଜଣେ ଆଫ୍ରିକାନ କଏଦୀଙ୍କୁ ନିଯୁକ୍ତି ଦେଇଥିଲେ । ସେ କୌଣସି ଭାରତୀୟ ଭାଷା ଜାଣି ନଥିଲା । କୌଣସି ଭାରତୀୟ କଏଦୀଙ୍କୁ ନିଯୁକ୍ତି ନ ଦେବାର କାରଣ ଏଥିରୁ ସହଜେ ଅନୁମେୟ । ପରସ୍ପର ମଧ୍ୟରେ ଭାବର ବିନିମୟ ପାଇଁ କେତେକ ସାଙ୍କେତିକ ଚିହ୍ନ ଓ କେଇଟି ହିନ୍ଦୁସ୍ତାନୀ ଶବ୍ଦର ବ୍ୟବହାର ବ୍ୟତୀତ ଅନ୍ୟାନ୍ୟ କୌଣସି କଥାବାର୍ତ୍ତା ସମ୍ଭବ ହେଉନଥିଲା ।

ଦିନ ଗଡ଼ି ଚାଲିଥାଏ । ଦିନେ କଏଦୀଙ୍କୁ ଗୋଟିଏ ବିଛା କାମୁଡ଼ିଦେଲା । ଦେହରେ ଅସମ୍ଭବ ଯନ୍ତ୍ରଣା । ଉପାୟହୀନ ହୋଇ ସେ ଆସିଲା ଗାନ୍ଧୀଙ୍କ ପାଖକୁ । ଗାନ୍ଧୀ ଏହା ଦେଖି ବ୍ୟସ୍ତ ହୋଇ ଉଠିଲେ ଓ କଏଦୀର ଯନ୍ତ୍ରଣା ଲାଘବ କରିବା ଲାଗି ବିଛା କାମୁଡ଼ିଥିବା ସ୍ଥାନଟିକୁ ଭଲରୂପେ ଧୋଇଦେଇ ଶୋଷି ଶୋଷି କେତେକ ବିଷ ବାହାର କରିଦେଲେ । ତାପରେ କଏଦୀଟି ସାମାନ୍ୟ ଆରାମ ଅନୁଭବ କଲା ଓ ପରେ ଔଷଧ ବ୍ୟବହାର କରି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲା ।

କଏଦୀଟି ଜୀବନରେ ଏପରି ହୃଦୟଭରା ଅକପଟ ସ୍ନେହ କେବେ କାହାଠାରୁ ହୁଏତ ପାଇନଥିବ । ଏହାର ପ୍ରତିଦାନ ବା ସେ କ'ଣ ଦେଇପାରନ୍ତା ?

ଗାନ୍ଧୀଜୀଙ୍କ ବ୍ୟକ୍ତିଗତ ସମ୍ପର୍କର କି ପ୍ରଭାବ, ତାର ଆଉ ଗୋଟିଏ ଦୃଷ୍ଟାନ୍ତ ନିଆଯାଉ । ଗାନ୍ଧୀ ଗୋଲଟେବୁଲ ବୈଠକରେ ଯୋଗ ଦେବାପାଇଁ ବିଲାତ ଯାଇଥାଆନ୍ତି । ତାଙ୍କର ଗତିବିଧି ଲକ୍ଷ୍ୟ କରିବା ଲାଗି ସରକାର ଦୁଇଜଣ ସ୍କଟଲାଣ୍ଡ ଗୁଇନ୍ଦା ପୋଲିସଙ୍କୁ ନିଯୁକ୍ତି ଦେଇଥିଲେ; କିନ୍ତୁ ଗାନ୍ଧୀଜୀ ଅନ୍ୟମାନଙ୍କୁ ଯେପରି ସ୍ନେହ ଶ୍ରଦ୍ଧା କରୁଥିଲେ ଏହି ଗୁଇନ୍ଦା ପୋଲିସଙ୍କୁ ବି ସେହିପରି ସ୍ନେହ ଶ୍ରଦ୍ଧା କରୁଥିଲେ । ଆପଣାର ବହୁ ପୁରାତନ ବନ୍ଧୁମାନଙ୍କ ପରି ସେମାନଙ୍କ ସଙ୍ଗରେ ସେ ମିଶୁଥିଲେ ଓ ବିଲାତ ରହଣି କାଳ ମଧ୍ୟରେ ବିଭିନ୍ନ ଦ୍ୱନ୍ଦମୂଳକ ଆନ୍ତର୍ଜାତିକ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିଲେ । ସେମାନଙ୍କ ଘରକୁ ଗାନ୍ଧୀ ନିଜେ ଯାଇ ତାଙ୍କର ପରିବାର ଲୋକଙ୍କ ସଙ୍ଗେ ଭଲଭାବେ ଭଲମନ୍ଦ ଦୁଃଖସୁଖ ହେଉଥିଲେ ।

---

'ଯାହା ପ୍ରେମ ଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣା ଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ରୋଗ ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ ।'

ଗାନ୍ଧୀଜୀଙ୍କ ଫେରିବା ବେଳ ହୋଇଗଲା । ଇଟାଲିର ବ୍ରାଣ୍ଡିଶ୍ ପର୍ଯ୍ୟନ୍ତ ଡିଟେକ୍ଟିଭ୍ ଦ୍ୱୟଙ୍କୁ ତାଙ୍କ ସଙ୍ଗେ ଆସିବା ପାଇଁ ଅନୁମତି ଦେବାପାଇଁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲେ । ବିଭାଗୀୟ ମୁଖ୍ୟ ଗାନ୍ଧୀଙ୍କୁ ପ୍ରଶ୍ନ କଲେ 'ଆପଣ ଦେଶକୁ ଫେରିବେ, ସେମାନଙ୍କୁ ବ୍ରାଣ୍ଡିଶ୍ ପର୍ଯ୍ୟନ୍ତ ନେବାର ଉଦ୍ଦେଶ୍ୟ କ'ଣ ? ଗାନ୍ଧୀ ବିଶେଷ କିଛି ନକହି କହିଲେ "ସେମାନେ ମୋ ନିଜ ପରିବାରର ଅତି ଆପଣାର ଲୋକ ।" ଗାନ୍ଧୀଜୀଙ୍କ ଅନୁରୋଧ ଫଳରେ ଶେଷରେ ଅନୁମତି ମିଳିଲା । ଡିଟେକ୍ଟିଭ ଦ୍ୱୟ ବ୍ରାଣ୍ଡିଶ୍ ପର୍ଯ୍ୟନ୍ତ ଗାନ୍ଧୀଙ୍କ ସଙ୍ଗେ ଆସି ସେଠାରୁ ଫେରିଗଲେ । ବିଦାୟ ବେଳର ଦୃଶ୍ୟ ଭାଷାରେ ବର୍ଣ୍ଣନା କରିବା କଷ୍ଟ । ପ୍ରୀତିର ନିଦର୍ଶନ ସ୍ୱରୂପ ନିଜ ଦସ୍ତଖତ ଥିବା ଦୁଇଟି ଫଟୋ ସେ ସେମାନଙ୍କୁ ଦେଇଥିଲେ । ସେହି ଡିଟେକ୍ଟିଭ ଅଫିସର ଦୁଇଜଣଙ୍କ ନାମ ହେଲା ମିଃ ଉଇଲିୟମ ଜେ. ରୋଗାରସ ଓ ମିଃ ଉଇଲିୟମ ଏଭାନସ୍ ।

ଗାନ୍ଧୀ ଆସି ପହଞ୍ଚିଲେ ଭାରତରେ । ସକାଳୁ ସଞ୍ଜ ଯାଏ ପୁଣି କାମ । ମାତ୍ର ଗାନ୍ଧୀ ଡିଟେକ୍ଟିଭମାନଙ୍କ କଥା ଭୁଲିଯାଇ ନଥାନ୍ତି । ଭାରତରୁ ସେ ଦୁହିଙ୍କ ପାଇଁ ଦୁଇଟି ହାତ ପିନ୍ଧା ଘଣ୍ଟା ଉପହାର ସ୍ୱରୂପ ପଠାଇଲେ । ସେଥିରେ ଲେଖା ଥିଲା–"ଏମ. କେ. ଗାନ୍ଧୀଙ୍କ ଠାରୁ ଶ୍ରଦ୍ଧାର ସହିତ ।"

---

## ଛୋଟ ଓ ଅତି ଛୋଟ ଚାଷୀଙ୍କ ପାଇଁ ୧,୭୦୦ ପମ୍ପ ସେଟ

ଓଡ଼ିଶାର ଢେଙ୍କାନାଳ, ବଲାଙ୍ଗୀର, ଗଞ୍ଜାମ, କଟକ ଓ କେନ୍ଦୁଝର ଜିଲ୍ଲାର ଛୋଟ ଓ ଅତିଛୋଟ ଚାଷୀ ଉନ୍ନୟନ ସଂସ୍ଥା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ୧୭ ଶହ ପମ୍ପ ସେଟ୍ ରହିଛି । ଏହି ଅଞ୍ଚଳମାନଙ୍କରେ ୧୮ଟି ନଳ କୂଅ ଓ ୧୬୩,୦୧୯ କୂଅ ଖୋଳା ଯାଇଛି । କୁକୁଡ଼ା ପାଳନ, ଛେଳି ପାଳନ ଓ ଦୁଧିଆଳ ଗାଈ କେନ୍ଦ୍ର ସଂଖ୍ୟା ହେଉଛି, ଯଥାକ୍ରମେ ୩୩୩, ୪,୮୧୧ ଏବଂ ୩,୪୧୩ । ୧୯୭୩ ମସିହା ଜୁଲାଇ ସୁଦ୍ଧା ଏହି ଅଞ୍ଚଳଗୁଡ଼ିକରେ ୧୯୪ ଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

ଢେଙ୍କାନାଳ, ଗଞ୍ଜାମ ଓ ବଲାଙ୍ଗୀର ଜିଲ୍ଲାରେ ଏକଲକ୍ଷ ୨୨ ହଜାର ୨୩୭ ଜଣ ଛୋଟ ଚାଷୀଙ୍କୁ ସଂସ୍ଥାର ସଭ୍ୟ ରୂପେ ଗ୍ରହଣ କରାଯାଇଛି । ସେମାନଙ୍କ ମଧ୍ୟରୁ ୩୫,୯୦୬ ଜଣ କୃଷକ ଉପକୃତ ହୋଇପାରିଛନ୍ତି । କେନ୍ଦୁଝର ଓ କଟକ ଜିଲ୍ଲାର ୬୫,୩୧୬ ଜଣ ଅତି ଛୋଟ ଚାଷୀଙ୍କ ମଧ୍ୟରୁ ୩୩,୬୭୩ ଜଣ ଚାଷୀ ସଂପୂର୍ଣ୍ଣ ଭାବେ ଉପକୃତ ହୋଇପାରିଛନ୍ତି ।

ଉପରୋକ୍ତ ପାଞ୍ଚଟି ଛୋଟ ଓ ଅତିଛୋଟ ଚାଷୀ ଉନ୍ନୟନ ସଂସ୍ଥାର ୯୧,୫୦୯ ଜଣ ଚାଷୀ ସମବାୟ ସମିତିର ସଭ୍ୟ ଅଛନ୍ତି । ଏହି ସମବାୟ ସମିତି ତଥା ବ୍ୟବସାୟିକ ବ୍ୟାଙ୍କ୍‌ଗୁଡ଼ିକରୁ ଚାଷୀମାନଙ୍କୁ ଚଳିତବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ୪୩୫ ଲକ୍ଷ ୭୮ ହଜାର ଟଙ୍କା ଋଣ ଯୋଗାଇ ଦିଆଯାଇଛି ।

# ଗାନ୍ଧୀଜୀଙ୍କ ଦୃଷ୍ଟିରେ ଗଣତନ୍ତ୍ର

**ଶାନ୍ତଲତା ପଣ୍ଡା**
ରାଜ୍ୟ ସୂଚନା କେନ୍ଦ୍ର

ଆମ ଭାରତ ଭୂମିରେ ଗଣତନ୍ତ୍ର ବା ଗଣଶାସନ ନୂଆ ନୁହେଁ । ବହୁ ଅତୀତରୁ ଏ ଦେଶରେ ଗଣତନ୍ତ୍ରର ଏକ ସୁସ୍ଥ ପରମ୍ପରା ଗଢ଼ିଆସିଛି । ଏପରିକି ପୌରାଣିକ ଯୁଗରେ ବି ରାଜାମାନେ କିପରି ଜନସାଧାରଣଙ୍କ ମତାମତ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ-ପୂର୍ବକ ତାଙ୍କର ଶାସନକୁ ନିୟନ୍ତ୍ରିତ କରୁଥିଲେ ତାହାର ବିଶଦ ବର୍ଣ୍ଣନା ଆମର ଶାସ୍ତ୍ର ପୁରାଣରେ ରହିଛି । କିନ୍ତୁ ସେ କାଳର ଓ ବର୍ତ୍ତମାନର ଗଣତନ୍ତ୍ର ମଧ୍ୟରେ ପ୍ରଭେଦ ହେଲା- ସେତେବେଳର ଗଣତନ୍ତ୍ର ଥିଲା ପ୍ରତ୍ୟକ୍ଷ, କିନ୍ତୁ ଆଜିର ଜନବହୁଳ ବୃହତ୍ ସମାଜରେ ଏଭଳି ପ୍ରତ୍ୟକ୍ଷ ଗଣତନ୍ତ୍ର ସମ୍ଭବ ନୁହେଁ । ବର୍ତ୍ତମାନ ସର୍ବତ୍ର ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର ହିଁ ପ୍ରତିଷ୍ଠିତ । ଆମେରିକାର ଅନ୍ୟତମ ପ୍ରଖ୍ୟାତ ରାଷ୍ଟ୍ରନାୟକ ଆବ୍ରାହମ୍ ଲିଙ୍କନ ପ୍ରଥମ କରି ଆଧୁନିକ ଗଣତନ୍ତ୍ରର ନୂତନ ସଂଜ୍ଞା ଦେବାକୁ ଯାଇ ଯେତେବେଳେ କହିଲେ ଯେ

"ଅହିଂସା ବିନା ସତ୍ୟକୁ ପାଇବା ସମ୍ଭବ ନୁହେଁ । ଅହିଂସା ଓ ସତ୍ୟ ପରସ୍ପର ସହିତ ଏପରି ଭାବରେ ବିଜଡ଼ିତ ଯେ ଦୁହିଁଙ୍କୁ ଅଲଗା କରିବା କଠିନ ।"

ଗଣତନ୍ତ୍ର ହେଉଛି: ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ନିମିତ୍ତ (Of the people, by
the people and for the people) ସେତେବେଳେ ଏହା ସମଗ୍ର ବିଶ୍ୱବାସୀଙ୍କ ମନରେ ସଚେତ
ରେଖାପାତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଦେଶର ଜନସାଧାରଣ ଗଣତନ୍ତ୍ର ବିଷୟରେ ଅଧିକରୁ ଅଧିକ ସଚେତନ ହେବାକୁ
ଲାଗିଲେ। ତଥାପି ସାଧାରଣ ଅର୍ଥରେ ଗଣତନ୍ତ୍ର ବୟସ୍କ (ଭୋଟ ଦ୍ୱାରା) ପ୍ରତିନିଧି ସରକାରକୁ ହିଁ ବୁଝାଉଥା
ଆମର ଜାତିର ଜନକ ମହାତ୍ମାଗାନ୍ଧୀ ରାଜନୀତି କ୍ଷେତ୍ରରେ ପଦାର୍ପଣ କଲାପରେ ଏକ ଭିନ୍ନ ଦୃଷ୍ଟିକୋଣରୁ ଗଣତନ୍ତ୍ରକୁ
ଅନୁଧ୍ୟାନ କଲେ। ଗାନ୍ଧୀଙ୍କ ରାଜନୀତି ଦର୍ଶନରେ ଗଣତନ୍ତ୍ରର ସ୍ୱରୂପ ସମ୍ପୂର୍ଣ୍ଣ ବଦଳିଗଲା।

ଗାନ୍ଧୀଜୀଙ୍କ ମତରେ ଗଣତନ୍ତ୍ର ଜନତାର ସ୍ୱରାଜ (Swaraj of the masses)। ଗଣତନ୍ତ୍ରରେ
ସାଧାରଣତଃ ସଂଖ୍ୟାଗରିଷ୍ଠ ଜନତାର ମତାମତ ନେଇ ନିଷ୍ପତ୍ତି ଗ୍ରହଣ କରାଯାଏ। କିନ୍ତୁ ଯେଉଁଠାରେ ବିବେକର
ରାଜତ୍ୱ, ସେଠାରେ ସଂଖ୍ୟାଗରିଷ୍ଠ ନିୟମ ଖାପ ଖାଇବନାହିଁ (In matters of conscience, the
law of majority has no place)। ଏ ସମ୍ପର୍କରେ ଗାନ୍ଧୀଜୀ କହିଛନ୍ତି--(Democracy is
not a state in which people act like sheep. Under democracy
individual Liberty, Opinion and action are jealously guarded)
ସଂଖ୍ୟାଲଘୁ ଗୋଷ୍ଠୀର ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି—ଅହିଂସାତ୍ମକ ଗଣତନ୍ତ୍ରରେ ସଂଖ୍ୟାଲଘୁ
ଗୋଷ୍ଠୀର ଶୋଷଣ ପାଇଁ ସ୍ଥାନ ନାହିଁ। ସେମାନଙ୍କର ମତିଗତି, ସ୍ୱାଧୀନତା ପ୍ରତିହତ ହେଲେ ସଂଖ୍ୟାଗରିଷ୍ଠ ଗୋଷ୍ଠୀର
ନିଷ୍ପତ୍ତିକୁ ପ୍ରତିରୋଧ କରିବାର ଅଧିକାର ଅଛି ଓ ସେଥିପାଇଁ ଏମାନେ ସତ୍ୟାଗ୍ରହ କରିପାରିବେ। ଏଥିପାଇଁ ସେ
ସତର୍କବାଣୀ ଶୁଣାଇଛନ୍ତି—"A popular state can never act in adverse of
Public Opinion. If it goes against, it will be destroyed". ଏ ସମ୍ପର୍କରେ
ସେ ସ୍ପଷ୍ଟ ସୂଚନା ଦେଇଛନ୍ତି—"True democracy can not be worked by twenty
men sitting at the Centre. It has to be worked from below by
the people of every village".

ଅହିଂସାତ୍ମକ ଗଣତନ୍ତ୍ରର ଉତ୍କର୍ଷ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ସେ ପାଶ୍ଚାତ୍ୟ ଗଣତନ୍ତ୍ରର ସମାଲୋଚନା କରି
କହିଛନ୍ତି—"My notion of democracy is that under it the weakest
should have the same opportunity as the strongest. . . . . . western
democracy, as it functions to-day, is diluted Nazism or Fascism.
At best, it is merely a cloak to hide the Nazi and the Fascist
tendencies of Imperialism".

ସେ ଆଫ୍ରିକୀୟ ଗଣତନ୍ତ୍ରରେ କଳାମାନଙ୍କ ଉପରେ ଗୋରାମାନଙ୍କର କିଭଳି ଅତ୍ୟାଚାର ଚାଲିଛି, ତା'ର ଦୃଷ୍ଟାନ୍ତ
ଦେଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ ଆଫ୍ରିକୀୟ ଗଣତନ୍ତ୍ରର ସମ୍ବିଧାନରେ ହିଁ ଶ୍ୱେତକାୟମାନଙ୍କ ସୁରକ୍ଷା ବିଷୟ
ଲିପିବଦ୍ଧ ହୋଇଛି। ତେଣୁ, ଏହା ଗଣତନ୍ତ୍ର ପଦବାଚ୍ୟ ନୁହେଁ। ଆମ ଦେଶର ତତ୍କାଳୀନ ପରିସ୍ଥିତି ବିଷୟ ସୂଚନା
ଦେଇ ସେ କହିଥିଲେ ଯେ ଆମ ଦେଶରେ ଯେଉଁ ମୁଷ୍ଟିମେୟ ପୁଞ୍ଜିପତି ଦଳ ଶାସନ କାର୍ଯ୍ୟ ହାତକୁ ନେଇଛି, ତାହା
ଗଣତନ୍ତ୍ର ପଦବାଚ୍ୟ ନୁହେଁ। ଏହି ପରିପ୍ରେକ୍ଷୀରେ ସେ ଭାରତୀୟ ଗଣତନ୍ତ୍ରର ଆଦର୍ଶ ଦର୍ଶାଇବାକୁ ଯାଇ ଘୋଷଣା

କହିଛନ୍ତି—"India is trying to evolve true democracy, i. e. without violence. Our weapons are those of satyagraha expressed through the charkha, the village industries, primary education through handicrafts, removal of untouchability, Communal harmony, Prohibition and non-violent organisation of Labour. These mean mass effort and mass education."

ଭାରତ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ବହୁ ପୁରାକାଳରୁ ଗଣତନ୍ତ୍ର ଶାସନ ପ୍ରଚଳିତ। ବର୍ତ୍ତମାନ ଗଣତନ୍ତ୍ରର ରୂପରେଖ ବଦଳିଛି। ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ପୂର୍ବ କାଳର ପ୍ରତ୍ୟକ୍ଷ ଗଣତନ୍ତ୍ର ବର୍ତ୍ତମାନ ପରୋକ୍ଷ ଗଣତନ୍ତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଦେଶବାସୀ ଗାନ୍ଧୀଜୀଙ୍କର ଅହିଂସା ନୀତି ଭୁଲିଗଲେଣି। ଭାରତ ପରି ଶାନ୍ତିକାମୀ ଦେଶରେ ଗଣତନ୍ତ୍ରର ସ୍ଥିତି ହିଁ କାମ୍ୟ, ତେଣୁ ଗଣତନ୍ତ୍ରର ସଫଳତା ଏ ଦେଶର ଏକମାତ୍ର ଲକ୍ଷ୍ୟ। କିନ୍ତୁ ସବୁ ବାଧାବିଘ୍ନ ସତ୍ତ୍ୱେ ଆମକୁ ଗଣତନ୍ତ୍ରକୁ ହିଁ ବଞ୍ଚାଇ ରଖିବାକୁ ପଡ଼ିବ। ଏଥିପାଇଁ ଦେଶର ସମଗ୍ର ଜନତା ଯେ କୌଣସି ରାଜନୈତିକ ଗୋଷ୍ଠୀର ହୁଅନ୍ତୁ ନା କାହିଁକି, ଏକମନ ଏକପ୍ରାଣ ହୋଇ ଏ ଦେଶର ବହୁ ପ୍ରାଚୀନ କାଳରୁ ଚଳି ଆସୁଥିବା ଗଣତନ୍ତ୍ରକୁ ବଞ୍ଚାଇ ରଖିବା ଦରକାର।

ଗାନ୍ଧୀଜୀଙ୍କ ମତରେ ଏକ ସୁସ୍ଥ ଓ ଶୃଂଖଳିତ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ହେଲେ ଅଶିକ୍ଷା, ଅନ୍ଧ ବିଶ୍ୱାସ ଓ ପକ୍ଷପାତିତାକୁ ବର୍ଜନ କରିବା ସର୍ବାଦୌ ଆବଶ୍ୟକ। ଦ୍ୱିତୀୟତଃ, ଗଣତନ୍ତ୍ରବାଦୀ ସର୍ବଦା ଶୃଂଖଳାପ୍ରିୟ। ଗଣତନ୍ତ୍ରରେ କୌଣସି ଦୁର୍ଗୁଣ ଦେଖିଲେ ଦେଶବାସୀଙ୍କୁ ସଙ୍ଗେ ସଙ୍ଗେ ସେଥିପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ପଡ଼ିବ। ଏପରିକି ସେମାନେ ସେହି ସରକାରକୁ ବଦଳିଦେଇ ପାରନ୍ତି କିନ୍ତୁ ଆନ୍ଦୋଳନ କରି ସେହି ସରକାରର ପଥାବରୋଧ କରିବା ଅନୁଚିତ। ଶେଷରେ ସ୍ମରଣ ରଖିବା ଉଚିତ ଯେ ପ୍ରକୃତ ଗଣତନ୍ତ୍ରରେ ଗ୍ରାମ ହିଁ ଏକକ(Unit)। ସୁତରାଂ, ପଞ୍ଚାୟତିରାଜ ମାଧ୍ୟମରେ ହିଁ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ ସମ୍ଭବପର।

---

ମୋର ଏକା କାହିଁକି, ଆମ ସମସ୍ତଙ୍କର ସ୍ୱପ୍ନର ସ୍ୱରାଜରେ (Swaraj of the masses) ଜାତି କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ। ଏହା ଶିକ୍ଷିତ କିମ୍ବା ଧନୀମାନଙ୍କର ଏକଚ୍ଛତିଆ ଅଧିକାର ହୋଇ ରହିବନାହିଁ। ସ୍ୱରାଜ ହେଉଛି ସମସ୍ତଙ୍କର। ଏଥିରେ କୃଷୀ ମୂଲିଆଙ୍କ ଠାରୁ ଆରମ୍ଭ କରି ଧନୀ, ନିର୍ଦ୍ଧନ, ଅନ୍ଧ ତଥା ରୋଗିଣା ଜନତାର ବି ସ୍ଥାନ ରହିଛି।

—ଗାନ୍ଧୀଜୀ

---

# ପୋଲିସ କ'ଣ ଓ କାହିଁକି ?

**ମହେଶ୍ୱର ରାଉତ**

ଇନସ୍‌ପେକ୍‌ଟର, କ୍ରାଇମ୍ ବ୍ରାଞ୍ଚ

ଘରେ ପହଞ୍ଚୁ ପହଞ୍ଚୁ ଆପଣ ପିଲମାନଙ୍କର ନାନା ଆପତ୍ତି ଓ ଅଭିଯୋଗ ଶୁଣନ୍ତି । ମୁନା ଟୁନୁକୁ ଦି ବିଧା ମାରିଛି, ମିନି ଟୁନୁର ବହି ଚିରି ଦେଇଥିବାରୁ ଟୁନୁ ମିନିର ଜାମାକୁ କୁଣ୍ଡାଇ ଦେଇଛି, ଟୁନୁ ମା'ଙ୍କ କାନିରୁ ପଇସା ଚୋରି କରି ପକୁଡ଼ି ଖାଇଛି—ଏହିପରି ନାନାପ୍ରକାର ଶହ କଳି ତକରାଳ ଘରକୁ ଆସିଲେ, ଆପଣ ଶୁଣନ୍ତି। ଦୋଷ ଅନୁସାରେ କାହାକୁ ଧମକ ଦିଅନ୍ତି, କାହାର କାନ ମୋଡ଼ି ଦିଅନ୍ତି, କାହାକୁ ବୁଝାଇ ଦିଅନ୍ତି । ଏ ସବୁ ନିତି ଦିନିଆ କଥା । ସମସ୍ତଙ୍କ ଘରେ ପ୍ରାୟ ଏହି ସମସ୍ୟା ଥାଏ । ଆପଣ ସବୁବେଳେ ଘରେ ରହି ପାରିବେ ନାହିଁ । ତା ମଧ୍ୟ ସମ୍ଭବ ନୁହେଁ । ତେଣୁ ଘରେ ଶାନ୍ତି ରକ୍ଷା କରିବାର ଦାୟିତ୍ୱ ବୁଲୁ ଉପରେ ଦେଲେ । ଆପଣଙ୍କ ଅନୁପସ୍ଥିତିରେ ବୁଲୁ ଘରେ ଶାନ୍ତି ରକ୍ଷା କଲା । ଆପଣ ଘରକୁ ଫେରିଲେ କିଏ ଦୁଷ୍ଟାମି କରିଛି, କିଏ କାହାକୁ ମାରିଛି, ଅଥବା କିଏ ପଇସା ଚୋରି କରିଛି ଇତ୍ୟାଦି ସବୁ କଥା ସେ ଆପଣଙ୍କୁ କହେ । ବିସ୍ତୃତ ଭାବରେ ଆପଣ ବୁଝା ସୁଝା କରି ଦିଅନ୍ତି । ଏ ପରି କରିବା ଦ୍ୱାରା ଘରୁ ଗଣ୍ଡଗୋଳ ଅନେକ ପରିମାଣରେ କମିଗଲା । ଆପଣ ଶାନ୍ତିରେ ନିଶ୍ୱାସ ମାରିଲେ ।

ଏହା ହେଲା ଗୋଟିଏ ପରିବାରର କଥା । ସମାଜଟି ତ ଗୋଟିଏ ପରିବାରକୁ ନେଇ ଗଢ଼ା ନୁହେଁ, ଅନେକ ପରିବାରକୁ ନେଇ ସମାଜ । ସେହିପରି କେତେକ ପରିବାରର ସମଷ୍ଟିରେ ଗ୍ରାମ, ଗ୍ରାମରୁ ଅଞ୍ଚଳ, ଅଞ୍ଚଳରୁ ଜିଲ୍ଲା, ଜିଲ୍ଲାରୁ ପ୍ରଦେଶ ଓ ଶେଷରେ ସୃଷ୍ଟି ହୋଇଛି ଦେଶ । ଦେଶ ହେଉଛି ଗୋଟିଏ ବିରାଟ ପରିବାର । ତେଣୁ ଏହି ବିରାଟ ପରିବାରରେ ନାନା ଗଣ୍ଡଗୋଳ ରହିବା ସ୍ୱାଭାବିକ । ତେଣୁ ଦେଶରେ ଶାନ୍ତି ରକ୍ଷା କରିବା ଲାଗି, ଚୋର ଡାକୁଙ୍କୁ ବିଚାରପତିଙ୍କ ପାଖରେ ହାଜର କରିବା ଲାଗି କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ନିଯୁକ୍ତ କରାଗଲା । ଆପଣଙ୍କ ପରିବାରରେ ବୁଲୁ ଯେଉଁ କାମ କରୁଥିଲା, ଏମାନେ ବି ସେହିପରି କାମ କରିବେ ବୋଲି ସ୍ଥିର ହେଲା । ଦେଶରେ ବହୁ ସମସ୍ୟା ଥାଏ । କାରଣ ସମାଜରେ ଭଲ ଲୋକ, ମନ୍ଦ ଲୋକ, ସାଧୁ, ଚୋର, ମୂର୍ଖ, ଜ୍ଞାନୀ ଇତ୍ୟାଦି ନାନା ଶ୍ରେଣୀର ଲୋକ ଅଛନ୍ତି । ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ଚୋର, ଡକାଏତ ଓ ଅସାମାଜିକ ଲୋକମାନଙ୍କୁ ବିଚାରପତିଙ୍କ ପାଖରେ ହାଜର କରିବା ପୋଲିସର ମୁଖ୍ୟ କାମ । ଏହା ନ କଲେ ଭଲ ଓ ନିରପରାଧ ଲୋକେ ସମାଜରେ ରହିବେ କିପରି ? ସମାଜ ତିଷ୍ଠିବ ଅବା କିପରି ? ଆପଣଙ୍କ ପରିବାର ଛୋଟ ବୋଲି ସିନା ବୁଲୁ ଏକା କାମ ତୁଲାଇ ପାରିଲା । ମାତ୍ର ଦେଶ ପାଇଁ ବହୁ ଲୋକ ଦରକାର ହେଲେ । ବହୁ ଲୋକଙ୍କ ଉପରେ ଏହି ଦାୟିତ୍ୱ ଦିଆ ଯିବାରୁ ସେମାନଙ୍କୁ ଶୃଙ୍ଖଳିତ ଭାବରେ କାମ କରିବା ସକାଶେ ନାନା ନିୟମ କାନୁନ୍ ସୃଷ୍ଟି ହେଲା । କ'ଣ କରିବେ, କିପରି କରିବେ—ସେସବୁ ଆଇନ ଜରିଆରେ ନିର୍ଦ୍ଦିଷ୍ଟ କରି ଦିଆଗଲା । ଏହିପରି ଭାବରେ ପୋଲିସ ବିଭାଗର ସୃଷ୍ଟି । ସାମାଜିକ ଜୀବନ ସହିତ ଏହା ଓତଃପ୍ରୋତ ଭାବରେ ଜଡ଼ିତ ।

ପୋଲିସ କ'ଣ—ତାହା ଉପଲବ୍ଧି କରିବା କଷ୍ଟକର କଥା ନୁହେଁ । ଆପଣ ନିଜ ଘର ସହିତ ଦେଶକୁ ତୁଳନା କଲେ, ବୁଲୁ ସହିତ ପୋଲିସ ବାହିନୀର କି ସାମଞ୍ଜସ୍ୟ ଅଛି ତାହା ବୁଝି ପାରିବେ । ପୋଲିସ କାମ କରେ ସମାଜର ମଙ୍ଗଳ ବିଧାନ କରିବା ପାଇଁ । ଶାନ୍ତି ଓ ନିରାପତ୍ତା ସମାଜ ପକ୍ଷରେ ଅତି ଦରକାର । ଏହା ରକ୍ଷା କରା ନ ଗଲେ ଆପଣ ସମାଜରେ ଆଦୌ ବସବାସ କରି ପାରିବେ ନାହିଁ ।

ଆପଣ ନିଜ ନିରାପତ୍ତା ଲାଗି ଲୋକ ରଖି ପାରିବେ ନାହିଁ । ଏ କଥା ସତ । ଏସବୁ କରିବା ପାଇଁ ସରକାର ଗଢ଼ା ଯାଇଛି । ସମାଜର ମଙ୍ଗଳ ସକାଶେ ଅନେକ ପ୍ରକାରର ବିଭାଗ ମଧ୍ୟ ସୃଷ୍ଟି ହୋଇଛି । ଆପଣଙ୍କ ଧନ ଓ ଜୀବନର ନିରାପତ୍ତା ଭାର ସରକାର ନେଇଛନ୍ତି । କିନ୍ତୁ ସର୍ତ୍ତ ହେଲା—ଆପଣ ଆଇନ କାନୁନ୍ ମାନିବେ ଓ ଆଇନ ଅନୁଯାୟୀ ଆପଣଙ୍କୁ ଯେଉଁ କର୍ତ୍ତବ୍ୟ ପାଳନ କରିବା ଦରକାର, ତାହା ପାଳନ କରିବେ । ଶାନ୍ତି ଓ ନିରାପତ୍ତା ରକ୍ଷା କରିବାକୁ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ସାହାଯ୍ୟ କରିବେ । ଏହା ହେଉଛି ଶାନ୍ତିରେ ଚଳିବା ସକାଶେ ଏକ ସର୍ତ୍ତ, ଏକ ସୁବନ୍ଦୋବସ୍ତ ।

ପୋଲିସକୁ ସମାଜର ହିତ ସାଧନ ନିମନ୍ତେ ବହୁ କ୍ଷମତା ଦିଆଯାଇଛି । ଫଳରେ ଅପରାଧୀମାନେ ଦଣ୍ଡ ପାଇବେ । ଅସାମାଜିକ ଲୋକେ ଗଣ୍ଡଗୋଳ କରି ପାରିବେ ନାହିଁ । ପୋଲିସ ମଧ୍ୟ କ୍ଷମତା ବା ଆଇନ ବହିର୍ଭୂତ କାମ କରି ପାରିବେ ନାହିଁ । ଏତେ ବଡ଼ ଦାୟିତ୍ୱ ପୋଲିସକୁ ଦେଲେ ମଧ୍ୟ ଆପଣ ନୀରବରେ ରହି ପାରିବେ ନାହିଁ । ପୋଲିସ କିପରି ଉତ୍ତମ କାମ କରିବ, ନାଗରିକ ହିସାବରେ ତାହା ଦେଖିବା ଆପଣଙ୍କ କର୍ତ୍ତବ୍ୟ । ପୋଲିସ ଯେଉଁଭଳି କାମ କରିବା କଥା, ସେହିଭଳି ଦାୟିତ୍ୱ ଆପଣଙ୍କର ନାହିଁ ସତ, କିନ୍ତୁ ଏହି ଦାୟିତ୍ୱ ସୁରୁଖୁରୁରେ ତୁଲାଇବା ଢ଼ିବିଟି ଆପଣଙ୍କ ହାତରେ । ଏ କଥା ଭୁଲି ଗଲେ ଚଳିବ ନାହିଁ । ପରସ୍ପର ମଧ୍ୟରେ ସହଯୋଗ,

ଉତ୍ତମ ବୁଝାମଣା ଓ ସହନଶୀଳତା ନ ରହିଲେ ସମାଜରେ ଶାନ୍ତି ବିରାଜିବ ନାହିଁ । ସମାଜ ଅଶାନ୍ତ ହେଲେ ଆପଣବା ଶାନ୍ତି ପାଇବେ କୁଆଡୁ ? ସାମାଜିକ ଜୀବନର ଚରମ ଲକ୍ଷ୍ୟ ହେଲା ଶାନ୍ତି ଓ ନିରାପତ୍ତା । ଏହାକୁ ହାସଲ କରିବା ପାଇଁ ଆବଶ୍ୟକ ସହଯୋଗ, ସହନଶୀଳତା ଓ ସର୍ବୋପରି ସୁନାଗରିକତା ।

ଭଙ୍ଗାରୁଜା, ଦଙ୍ଗାହଙ୍ଗାମା ଇତ୍ୟାଦି ଅସାମାଜିକ କାର୍ଯ୍ୟକଳାପ ସୁସ୍ଥ ସମାଜ ଗଢ଼ିବାରେ ସହାୟକ ନୁହେଁ । ଏ ସବୁ ଅସାମାଜିକ କାମ କେବଳ ପୋଲିସକୁ କ୍ଷତିରେ ପକାଏ ନାହିଁ ସମଗ୍ର ଦେଶ ତଥା ସମଗ୍ର ସମାଜକୁ କ୍ଷତିରେ ପକାଏ । ଦେଶ ଭିତରେ ବା ସମାଜ ଭିତରେ ଆପଣ ରହୁଛନ୍ତି, ତେଣୁ ସବୁ ଦିଗରୁ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିବ ସମାଜରେ ବହୁ ପ୍ରକାରର ସମସ୍ୟା ବରାବର ରହିବ । ଏହାର ଅର୍ଥ ନୁହେଁ ଯେ ଅସାମାଜିକ କାମ ଦ୍ୱାରା ଏହାର ସମାଧାନ କରିବା । ଅସାମାଜିକତା ସମସ୍ୟାକୁ ଆହୁରି ଜଟିଳ କରେ ଓ ନିରାପତ୍ତାକୁ ବିପନ୍ନ କରେ । ଅବଶ୍ୟ ଏହି ସବୁ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ପୋଲିସ ଅଛି । ସେ ନିଶ୍ଚୟ ତା କାମ କରିବ । କିନ୍ତୁ ଫଳ ହେବ କଣ ? ଖାଲି ଅଶାନ୍ତି, କ୍ଷତି ଓ ସମୟର ଅପଚୟ ବ୍ୟତୀତ ଆଉ କିଛି ମିଳିବ ନାହିଁ । ତଥା ସମସ୍ୟା ସୃଷ୍ଟି କରି ଅଶାନ୍ତି ଓ ଅଯଥା ଖର୍ଚ୍ଚ କରିବା ଆଦୌ ଉଚିତ ନୁହେଁ । ପୋଲିସ ସବୁ ଯୁଗରେ ଥିଲା । ରହିବ ମଧ୍ୟ । ଅପରାଧମୁକ୍ତ ସମାଜ କେବେ ସମ୍ଭବ ନୁହେଁ । କିନ୍ତୁ ଚେଷ୍ଟା କରି ଅପରାଧ ଓ ଅସାମାଜିକତାକୁ ସୀମା ଭିତରେ ରଖି ହେବ । ଏଇଟା ଆମର ଲକ୍ଷ୍ୟ । ପୋଲିସ ଏହି କାମ କରିବ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ସାହାଯ୍ୟ ଦରକାର ।

ବ୍ରିଟିଶ ଯୁଗର ପୋଲିସକୁ ଏ ଯୁଗର ପୋଲିସ ସହିତ ତୁଳନା କରିବା ଠିକ ନୁହେଁ । ସେ ଦିନର ପୋଲିସର ଅଭିମୁଖ୍ୟ ଯାହା ଥିଲା, ଆଜି ତାହା ନାହିଁ । ବଦଳି ଯାଇଛି । ତେଣୁ ପୁରୁଣା ମାପକାଠିରେ ଆଜିର ପୋଲିସକୁ ମାପିଲେ ନ୍ୟାୟ କରାଗଲା ବୋଲି କୁହା ଯାଇ ପାରିବ ନାହିଁ । ସମୟର ପରିବର୍ତ୍ତନ ଘଟୁଛି । ତା ସହିତ ସମାଜର ଚଳଣି ମଧ୍ୟ ବଦଳୁଛି । ଆପଣ ଜାଣନ୍ତି ପୋଲିସ ଯେଉଁ କାମ କରେ ତାହା ବଡ଼ ଅପ୍ରିୟ । ତଥାପି ସାମୂହିକ କଲ୍ୟାଣ ସକାଶେ ତାହା କରିବାକୁ ହୁଏ । ଆପଣଙ୍କ ଘରେ ଚୋରି ହୋଇ ନାହିଁ ବୋଲି ଯେ ଆପଣଙ୍କର କିଛି କରିବାର ନାହିଁ ଏପରି ଧାରଣା ଯଦି ଥାଏ ତାହା ଭୁଲ । ଆପଣ ଯଦି ସହାନୁଭୂତିଶୀଳ ହେବେ ଓ ଦରକାର ବେଳେ ପୋଲିସକୁ ସାହାଯ୍ୟ କରିବେ ତେବେ ପୋଲିସ ଆହୁରି ଭଲ କାମ କରିବାକୁ ସମର୍ଥ ହେବ ।

ପୋଲିସ ଶାସନ କଳର ଏକ ଅବିଚ୍ଛିନ୍ନ ଅଂଶ । ଏହି ଅଙ୍ଗକୁ କାର୍ଯ୍ୟଦକ୍ଷ କରି ରଖିବା ସମସ୍ତଙ୍କର କର୍ତ୍ତବ୍ୟ । ଆଜି ପୁରୁଣା ମନୋଭାବ ରଖିବା ଅନୁଚିତ । କାରଣ, ବର୍ତ୍ତମାନ ଯେଉଁଭଳି ଚାଲିଛି ଏଥିରେ କେହି ଲାଭବାନ୍ ହେଉ ନାହାନ୍ତି, ବରଂ କ୍ଷତି ହେଉଛି ଅନେକ । ଜନସେବା କରିବା ପାଇଁ ପୋଲିସ ଚାକିରୀ ସୁଯୋଗ ଦିଏ । ପୋଲିସ ସହିତ ସହଯୋଗ କଲେ ନିଜ ଧନ ଓ ଜୀବନ ନିରାପଦ ରହେ । ଗୋଟିଏ ଟଙ୍କାର ଦୁଇ ପାଖ ପରି ପୋଲିସ ଓ ଜନତା । କେହି କାହାକୁ ତ୍ୟାଗ କରି ପାରିବେ ନାହିଁ । ତେଣୁ ଜନତା ଓ ପୋଲିସ ମଧ୍ୟରେ ବ୍ୟବଧାନ ରହିବା ଉଚିତ ନୁହେଁ । ଆପଣ ନିଜ ଘର କଥା ଚିନ୍ତା କରିବା ସମୟରେ ଦେଶଟିକୁ ଆପଣଙ୍କ ଘର ମନେ କରି ଓ ପୋଲିସକୁ ଭାଇ ମନେ କରି ଚିନ୍ତା କରନ୍ତୁ । ଦେଖିବେ ପୋଲିସ କଣ ଓ କାହିଁକି ?

---

'ବାପ ମା ଉତ୍ତରାଧିକାର ସୂତ୍ରରେ ସନ୍ତାନସନ୍ତତିମାନଙ୍କୁ ସବୁଠାରୁ ମୂଲ୍ୟବାନ ଯେଉଁ ସମ୍ପଦ ଦେଇଯାଇ ପାରନ୍ତି ତା' ହେଉଛି—ଚରିତ୍ର'



ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ଓଡ଼ିଶାରେ ପ୍ରଧାନମନ୍ତ୍ରୀ

ଅକ୍ଟୋବର ୧୬ ଓ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶା ଆଗମନ ଓଡ଼ିଶାବାସୀଙ୍କ ନିକଟରେ ଅବିସ୍ମରଣୀୟ ହୋଇ ରହିବ; କାରଣ ସେଦିନ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାରେ ପଦାର୍ପଣ ସଙ୍ଗେ ସଙ୍ଗେ ଦେଶର ବୃହତ୍ତମ ହ୍ରଦ, 'ମଙ୍ଗଳ ମାଳିନୀ ନିକାମ୍ୟ ଚିଲିକା' ଓଡ଼ିଶା ପାଇଁ ସୃଷ୍ଟିକଲା ଏକ ନୂତନ ଇତିହାସ । ଚିଲିକା କୂଳର ଚଢ଼ିଆ ପାଦଦେଶରେ ୬ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ନୌବାହକ ତାଲିମ ସଂସ୍ଥାର ଭିତ୍ତି ପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ଯେ ଏହା ପ୍ରତିଷ୍ଠା ଫଳରେ ଏକ ନୂତନ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ । ଚିଲିକାର ପାରିପାର୍ଶ୍ୱିକ ପ୍ରାକୃତିକ ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହେବ ନାହିଁ । କାରଣ ସବିଶେଷ ଅନୁଧ୍ୟାନ ପରେ ଚିଲିକାରେ ଉକ୍ତ ସଂସ୍ଥା ପ୍ରତିଷ୍ଠା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

# ନୌବାଳକ ତାଲିମ କେନ୍ଦ୍ର

କେନ୍ଦ୍ର ସରକାର ତଥା ଦେଶକୁ ଦୁର୍ବଳ କରିବାପାଇଁ ଉଦ୍ୟମ କରୁଥିବା ବିରୋଧୀଦଳମାନଙ୍କ ସମାଲୋଚନା କରି ଯେ କୌଣସି ପ୍ରକାରେ ଦେଶର ଐକ୍ୟ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଜଣାଇ ଥିଲେ । ଆଞ୍ଚଳିକତା ଧର୍ମ ଓ ଜାତିଭେଦ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକଠାରୁ ଦୂରେଇ ରହିବା ପାଇଁ ପ୍ରଧାନମନ୍ତ୍ରୀ ସତର୍କ କରି ଦେଇଥିଲେ । ଦେଶବାସୀ ଐକ୍ୟବଦ୍ଧ ନହେଲେ ଏବଂ ସମଗ୍ର ଦେଶରେ ଶାନ୍ତି ବିରାଜମାନ ନ କଲେ ଦାରିଦ୍ର୍ୟ ଦୂରୀକରଣ କିମ୍ବା ଦେଶର ପ୍ରଗତି ସମ୍ଭବ ନୁହେଁ ବୋଲି ସେ କହିଥିଲେ । ଦେଶ ରାଜନୈତିକ ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ ଅର୍ଥନୈତିକ ସ୍ୱାଧୀନତା ଏପର୍ଯ୍ୟନ୍ତ ହାସଲ କରିପାରି ନ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଏବଂ ଅନ୍ୟାନ୍ୟ ପୋଷିତ ନୀତିର ସଫଳତା ପାଇଁ ଦୃଢ଼ କେନ୍ଦ୍ର ସରକାର ଏବଂ ଲୋକଙ୍କ ମଧ୍ୟରେ ଏକତାର ଆବଶ୍ୟକତା ରହିଛି । ଦେଶର ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନୟନ ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଲୋକଙ୍କ ଜୀବନ ଧାରଣ ମାନ ବୃଦ୍ଧି ପାଇଁ ବହୁତ କାର୍ଯ୍ୟ ମଧ୍ୟ କରାଯାଇଛି ।

ଦେଶର ଅନୁନ୍ନତ ଅଞ୍ଚଳ ଏବଂ ଆଦିବାସୀ ତଥା ହରିଜନଙ୍କ ବିକାଶ ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଆରୋପ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ । ସେ କହିଲେ ଯେ, ଖାଦ୍ୟାଭାବ ସତ୍ତ୍ୱେ ପ୍ରତ୍ୟେକ ଲୋକ ଯେପରି ଖାଇବାକୁ ପାଆନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଛି ।

କେନ୍ଦ୍ର ସହାୟତାରେ ରାଜ୍ୟରେ ବୃହତ୍ ପରିକଳ୍ପନାମାନ ପ୍ରତିଷ୍ଠା ସଂକ୍ରାନ୍ତରେ ସୂଚନା ଦେଇ ନୂତନ ରେଳପଥ ନିର୍ମାଣ ସଂପର୍କରେ ବିଚାର କରାଯାଉଥିବା ବିଷୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ କହିଲେ ଯେ କ୍ଷୁଦ୍ର ତଥା ମଧ୍ୟମ ଧରଣ ଶିଳ୍ପ ପ୍ରତିଷ୍ଠା, କୃଷି ବିକାଶ ଏବଂ ଏତାଦୃଶ ଛୋଟ ଛୋଟ ପରିକଳ୍ପନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ, କାରଣ ରାଜ୍ୟରେ ମିଳୁଥିବା ଅନ୍ୟାନ୍ୟ ସମ୍ବଳ ବିନିଯୋଗରେ ଏହା କାର୍ଯ୍ୟକାରୀ ହୋଇ ପାରିବ ଏବଂ ଏଥିରେ ଅଧିକସଂଖ୍ୟକ ଲୋକଙ୍କ କର୍ମସଂସ୍ଥାନ ସମ୍ଭବ ହେବ । ଏହି ପ୍ରସଙ୍ଗରେ ପଞ୍ଜାବ ଓ ହରିଆନାର ଉଦାହରଣ ସେ ଦେଇଥିଲେ ।

# ପ୍ରାଚୀନ କଳିଙ୍ଗର ତରୁଣ ବଂଶଧରଙ୍କ ପାଇଁ ପ୍ରେରଣା

ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ସ୍ୱାଗତ ଭାଷଣ ଦେଇ କେନ୍ଦ୍ର ପ୍ରତିରକ୍ଷା ଉପମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କହିଲେ, ଚିଲିକାରେ ପ୍ରତିଷ୍ଠିତ ହେଉଥିବା ନୌବାଳକ ତାଲିମ ସଂସ୍ଥା ହେବ "ଦେଶର ଏକମାତ୍ର ନୌବାଳକ ତାଲିମ କେନ୍ଦ୍ର" ଓ ସେ ଦୃଷ୍ଟିରୁ ଭାରତୀୟ ନୌବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଳୟ । ଉତ୍କଳର ସ୍ୱତନ୍ତ୍ର କଳା ଶୈଳୀକୁ ଗ୍ରହଣ କରି ଏବଂ ହ୍ରଦ ଓ ଭୂଭାଗ ସହିତ ସୁନ୍ଦର ସମନ୍ୱୟ ରକ୍ଷା କରି ଏଠାରେ ଏକ ନୂତନ ନଗରୀ ଗଢ଼ି ଉଠିବ । ଓଡ଼ିଶା ସମେତ ଦେଶର ଚତୁର୍ଦ୍ଦିଗରୁ ଏଠାକୁ ଆସିବେ ନାବିକ ଜୀବନକୁ ବରଣ କରିଥିବା ଶହ ଶହ ଛାତ୍ର, ନାବିକ ଅଫିସର ଓ ଶିକ୍ଷକ ବୃନ୍ଦ । ନୌବାହିନୀରେ ପ୍ରବେଶ କରିବା ନିମନ୍ତେ ପ୍ରାଚୀନ କଳିଙ୍ଗର ତରୁଣ ବଂଶଧରମାନଙ୍କ ପାଇଁ ଏହା ହେବ ଏକ ପ୍ରେରଣାର ସ୍ଥଳ ଓ କବିବର ରାଧାନାଥଙ୍କର ସ୍ୱପ୍ନ-ଜ୍ଞାନୀ ଓ ବିଜ୍ଞାନୀଙ୍କର ମିଳନର ପୀଠ ।



ନୌବାହିନୀ ତାଲିମ୍ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ଉପମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଉଛନ୍ତି ।

ନୌବାହିନୀ ଏକ ବର୍ଦ୍ଧିଷ୍ଣୁ ସଙ୍ଗଠନ । ଏଠାରେ ଥରେ ତା'ର ଗୋଟିଏ ସଂସ୍ଥା ପ୍ରତିଷ୍ଠିତ ହେଲେ ଅନ୍ୟ ସଂସ୍ଥା ବା ଏହାର ସଂପ୍ରସାରଣ ହେବା ଯେ ସୁନିଶ୍ଚିତ, ଏହା ଆଶା କରାଯାଇପାରେ । ଏହି ସଂସ୍ଥାଟି ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକେ ବହୁଭାବରେ ଉପକୃତ ହେବେ ।

## ଅନଗ୍ରସରତା ହଟାଅ

ଅକ୍ଟୋବର ୧୬ ତାରିଖରେ ଅଖିଳ ଭାରତ ପଞ୍ଚାୟତ ପରିଷଦର ସ୍ୱତନ୍ତ୍ର ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ଭୁବନେଶ୍ୱର ପ୍ୟାରେଡ୍ ପଡ଼ିଆରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଅନଗ୍ରସରତା ହଟାଇବା ପାଇଁ ଆହ୍ୱାନ ଦେଇଥିଲେ । ସାରା ଦେଶର ସମୃଦ୍ଧି ଘଟିଲେ ଓଡ଼ିଶାର ସମୃଦ୍ଧି ହେବ ବୋଲି ସେ କହିଥିଲେ ।



ଭୁବନେଶ୍ୱରଠାରେ ଅନୁଷ୍ଠିତ ଅଖିଳ ଭାରତ ପଞ୍ଚାୟତ ପରିଷଦ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଭାଷଣ ଦେଉଛନ୍ତି ।

ପ୍ରଧାନମନ୍ତ୍ରୀ କହିଲେ; ରାତାରାତି ସମାଜବାଦ ପ୍ରତିଷ୍ଠିତ ହୋଇଯିବ ବା ମ୍ୟାଜିକ୍ ବଳରେ ଦାରିଦ୍ର୍ୟ ଦୂର ହୋଇଯିବ ବୋଲି ମୁଁ କେବେ କହି ନ ଥିଲି । ଏହିସବୁ ଲକ୍ଷ୍ୟ ହାସଲ ପାଇଁ ସରକାରଙ୍କ ପାଖରେ ମ୍ୟାଜିକ୍ ନାହିଁ, ମ୍ୟାଜିକ ଅଛି ଲୋକଙ୍କ ପାଖରେ, ଯେଉଁମାନେକି ଏକନିଷ୍ଠ ଉଦ୍ୟମ ଦ୍ୱାରା ଏହା ସାଧନ କରି ପାରିବେ ।

ପଞ୍ଚାୟତରାଜ ସଂପର୍କରେ ପ୍ରଧାନମନ୍ତ୍ରୀ କହିଲେ ଯେ, ଭାରତୀୟ ଜନତାର ଆକାଂକ୍ଷିତ ଗଣତନ୍ତ୍ର ଦୃଢ଼ୀଭୂତ କରିବା ଦିଗରେ ଏହାହିଁ ହେଉଛି ପ୍ରକୃଷ୍ଟ ବ୍ୟବସ୍ଥା । ଏହି ବ୍ୟବସ୍ଥା ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହେଲେ ଦେଶରେ ନିମ୍ନସ୍ତରରୁ ଗଣତନ୍ତ୍ର ଦୃଢ଼ୀଭୂତ ହୋଇ ପାରିବ । କିନ୍ତୁ ଦୁର୍ଭାଗ୍ୟବଶତଃ ବହୁ କାରଣରୁ ଏହା ସମ୍ଭବ ହୋଇପାରୁନି ବୋଲି ସେ କହିଲେ ।

ଓଡ଼ିଶାର ବନ୍ୟା ସଂପର୍କରେ ପ୍ରଧାନ ମନ୍ତ୍ରୀ କହିଲେ ଯେ, କ୍ଷତିଗ୍ରସ୍ତ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ।

## ଆଦିବାସୀ ଅଞ୍ଚଳର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ

ସତର ତାରିଖ ସକାଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ଡି. ଜଟିଙ୍କ ସହ ହେଲିକପ୍ଟର ଯୋଗେ କେନ୍ଦୁଝରରେ ଆସି ପହଞ୍ଚିବା କ୍ଷଣି ବିପୁଳ ଜନତା ତାଙ୍କୁ ଆନ୍ତରିକ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଆଦିବାସୀ ମହିଳାମାନଙ୍କ ନିକଟକୁ ଯାଇ ସେମାନଙ୍କୁ ନମସ୍କାର ଜଣାଇଥିଲେ ।



କେନ୍ଦୁଝର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କେତେକ ଆଦିବାସୀ ମହିଳାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ।

ଆଦିବାସୀମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଏଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଲେ ଯେ, ଆଦିବାସୀ ଅଞ୍ଚଳର ଉନ୍ନତି ନହେଲେ ଦେଶର ଉନ୍ନତି ଅସମ୍ଭବ । କାରଣ ଆଦିବାସୀମାନେ ସମାଜର ସବୁଠୁ ତଳେ ପଡ଼ନ୍ତି । ଯଦି ସେମାନଙ୍କର ଉନ୍ନତି ନହୁଏ, ତେବେ ସମଗ୍ର ସମାଜ ଉପରକୁ ଉଠି ପାରିବ ନାହିଁ । ସେମାନଙ୍କୁ ଶୋଷଣ କରାଯାଉଛି, ଆଜି ନୁହେଁ, ଯୁଗ ଯୁଗ ଧରି, ବିଶେଷ କରି ରାଜା ମହାରାଜାମାନଙ୍କ ସମୟରେ ସେମାନଙ୍କୁ ମଣିଷ ଭଳିଆ ଦେଖାଯାଉ ନଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, କର୍ମସଂସ୍ଥାନ ସବୁଥିରେ ସେମାନେ ଚିର ଅବହେଳିତ ହୋଇ ଆସିଛନ୍ତି । କିନ୍ତୁ ଆଜି ପ୍ରତ୍ୟେକ ଦେଶବାସୀଙ୍କୁ ଶପଥ ନେବାକୁ ପଡ଼ିବ ଯେ ସେମାନେ ଯେପରି ସବୁ ସୁବିଧା ସୁଯୋଗ ଓ ସାମାଜିକ ନ୍ୟାୟ ପାଇପାରିବେ । ସମାଜରୁ ବଡ଼ ଛୋଟ, ଆଦିବାସୀ, ଅଣଆଦିବାସୀ, ସାଂପ୍ରଦାୟିକତା ଭଳି ବିଷର ମୂଳୋତ୍ପାଟନ କରିବାକୁ ପଡ଼ିବ । ତେବେ ଯାଇଁ ଏକ ନୂଆ ସମାଜ, ଏକ ନୂଆ ଦୁନିଆର ବାଟ ଖୋଲିବ ।

> କେନ୍ଦୁଝର ଜିଲ୍ଲା ରାଜ୍ୟର ଏକ ଆଦିବାସୀବହୁଳ ଅଞ୍ଚଳ । ୧୯୭୧ ମସିହା ଜନଗଣନା ଅନୁଯାୟୀ ଏହି ଜିଲ୍ଲାର ଆଦିବାସୀ ସଂଖ୍ୟା ହେଉଛି ୪,୪୮,୬୭୫ । ସମଗ୍ର ଜିଲ୍ଲାର ଲୋକ ସଂଖ୍ୟାର ଏହା ହେଉଛି ୪୬.୯୬ ଭାଗ ।
>
> ଜୁଆଙ୍ଗ ଓ ଭୂୟାଁଙ୍କ ସଂଖ୍ୟା ପ୍ରାୟ ୪ ଲକ୍ଷ । ଜୁଆଙ୍ଗ ହେଉଛନ୍ତି ଏକ ଆଦିମ ଆଦିବାସୀ । ସେମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିରେ ପ୍ରାୟ ଦୁଇ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ।

ଶ୍ରୀମତୀ ଗାନ୍ଧୀ କହିଲେ ସେମାନଙ୍କ ଜୀବନ ଅତି ସରଳ, ସେମାନେ ପ୍ରକୃତିର ଅମୃତ ସନ୍ତାନ । ସେମାନଙ୍କ ସରଳତା ଓ ଉଦାରପଣିଆର ସୁଯୋଗ ନେଇ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନେ ସେମାନଙ୍କୁ ହାତ ମୁଠାରେ ରଖିଛନ୍ତି । ସେମାନଙ୍କର ରୋଜଗାର ନାହିଁ । ମହାଜନମାନଙ୍କ ଦାଉରେ ସେମାନେ ଆଜି ଅତିଷ୍ଠ । ସେମାନଙ୍କ ପାଇଁ ଏକ ନୂଆ ଜୀବନ ସୃଷ୍ଟି କରିବାକୁ ପଡ଼ିବ । ଆଦିବାସୀ ଅଞ୍ଚଳରେ ରାସ୍ତାଘାଟ, ସ୍କୁଲ, ଡାକ୍ତରଖାନା ଇତ୍ୟାଦି ବହୁସଂଖ୍ୟାରେ ଖୋଲିବାକୁ ହେବ । ଆଜି ଆମମାନଙ୍କର ସବୁଠାରୁ ବଡ଼ ଦାୟିତ୍ୱ ଓ କର୍ତ୍ତବ୍ୟ ହେଉଛି ଏକ ଦୃଢ଼ ସମାଜ ଗଢ଼ିବା, ଯେଉଁଥିରେ କି ବୈଷମ୍ୟ ନ ଥିବ । ସମସ୍ତେ ସମାନ ଭାବରେ ରୋଜଗାର କରିବାକୁ ସୁବିଧା ପାଇବେ । ଆଦିବାସୀମାନଙ୍କ ପିଲାମାନେ ନିରୋଗ ଓ ସୁସ୍ଥ ରହିବେ । ସ୍କୁଲ କଲେଜରେ ପାଠ ପଢ଼ିବେ । ଇଂଜିନିୟର ଓ ଡାକ୍ତର ହେବେ । କେହି ବେକାର ରହିବେ ନାହିଁ । ଆଦିବାସୀମାନଙ୍କର ଜୀବନ ସୁଖମୟ ଓ ଆନନ୍ଦମୟ ନ ହେବା ପର୍ଯ୍ୟନ୍ତ ଆମର ନେତାମାନଙ୍କ ସ୍ୱପ୍ନ ପୂରଣ ହେବ ନାହିଁ । ସେମାନଙ୍କୁ ନୂତନ ଜୀବନ ଦେବାକୁ ପଡ଼ିବ । ଦାରିଦ୍ର୍ୟ ହେଉଛି ସମାଜର ବଡ଼ ଶତ୍ରୁ । ଆଦିବାସୀମାନେ ଯଦି ଦରିଦ୍ର ରହିବେ, ତେବେ ଗରିବୀ ହଟାଓ କାର୍ଯ୍ୟକ୍ରମ ପୂରଣ ହେବ ନାହିଁ । ସେମାନଙ୍କ ଦାରିଦ୍ର୍ୟ ହଟିଲେ ଏ ଦେଶରୁ ଦାରିଦ୍ର୍ୟ ହଟିଯିବ । ସାମାଜିକ ନ୍ୟାୟ ଫେରି ଆସିବ । ଦେଶ ତା'ର ପ୍ରାଚୀନ ଐତିହ୍ୟ ଓ ପରମ୍ପରା ପୁଣି ଥରେ ଫେରି ପାଇବ । ଭାରତର ଯଶ ରହିବ । ଆମ ଯାତ୍ରା ଅତିଦୂର । ଆମକୁ ଏହି ଯାତ୍ରାରେ କେହି ପ୍ରତିରୋଧ କରି ପାରିବେ ନାହିଁ । ଦେଶ ଆଜି ଦୃଢ଼, ଆମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ । ଆତ୍ମନିର୍ଭରଶୀଳତା ଦିଗରେ ଆମେ ବହୁ ଆଗେଇ ଯାଇଛୁ । ୧୯୭୧ ମସିହାରେ ଭାରତ ଓ ପାକିସ୍ଥାନ ଯୁଦ୍ଧର ଫଳାଫଳରୁ ଏହା ପ୍ରମାଣିତ ହୋଇଛି । ଆଜି ସାରା ଦେଶ ଯଦି ସଂଘବଦ୍ଧ ଭାବେ ଆଗେଇ ଚାଲେ ତେବେ ଆମର ସବୁ ସମସ୍ୟା ଦୂର ହୋଇ ପାରିବ ।

## "ଆରାମ ନୁହେଁ-କଠିନ କାର୍ଯ୍ୟ"

ସେଦିନ ବାରିପଦାଠାରେ ପ୍ରଧାନମନ୍ତ୍ରୀ ଆଦିବାସୀ ଗଣପନ ସଂସ୍ଥାର ପ୍ରଶଂସା କରି ସେହିଭଳି ଆଉ କେତୋଟି ସଂସ୍ଥା ଖୋଲିବା ପାଇଁ ସରକାରଙ୍କର ପରିକଳ୍ପନା ରହିଛି ବୋଲି ପ୍ରକାଶ କରିଥିଲେ ।



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଅକ୍‌ଟୋବର ମାସ ୧୭ ତାରିଖ ଦିନ ବାରିପଦାଠାରେ ଏକ ସାଧାରଣ ସଭାରେ ଭାଷଣ ଦେଉଛନ୍ତି ।

ସମାଜବାଦ ଓ ଦେଶର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଥିବା ବିଭିନ୍ନ ପ୍ରତିକ୍ରିୟାଶୀଳ ଶକ୍ତିଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସତର୍କ କରି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସେ ରାଜା ମହାରାଜା ଓ ଅନ୍ୟାନ୍ୟ ସାମନ୍ତବାଦୀ

ଯୋଗୀଙ୍କ ଭୂମିକା ସଂପର୍କରେ ସୂଚନା ଦେଇଥିଲେ । ଅତୀତରେ ଲୋକମାନଙ୍କ କଲ୍ୟାଣ ଲାଗି ରାଜାମହାରାଜାମାନେ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ଏ ରାଜ୍ୟର କେତେକ ଶାସକଙ୍କ ଛଡ଼ା ଅନ୍ୟ କେହି ଲୋକଙ୍କ ଉନ୍ନତି ବିଷୟରେ ଚିନ୍ତା କରିନାହାନ୍ତି ।

ଯୁବକମାନଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଜଣାଇ କହିଥିଲେ ଯେ, ସେମାନେ ଲୋକଙ୍କ ପାଇଁ କାର୍ଯ୍ୟ କରିବା ଉଚିତ । ସମଗ୍ର ଦେଶରେ ପ୍ରଗତିର ଏକ ନୂତନ ବାତାବରଣ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଯୁବ ସଂପ୍ରଦାୟ ଦେଶର ସ୍ୱୀକୃତି ପ୍ରତିଷ୍ଠାରେ ସହାୟକ ହେବା ବାଞ୍ଛନୀୟ । ଦେଶର ନୂତନ ଇତିହାସ ସୃଷ୍ଟିରେ ସେମାନଙ୍କ ଅବଦାନ ରହିବା ଆବଶ୍ୟକ ବୋଲି ସେ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ଯୁବକମାନଙ୍କୁ ଆହ୍ୱାନ ଜଣାଇ କହିଥିଲେଯେ ତୁମ୍ଭେମାନେ ଯଦି ଆମ ସହିତ ଆସ ଆମେ ତୁମକୁ ଆରାମ କରିବାକୁ ଦେବୁନାହିଁ । ଦେବୁ କଠିନ କାର୍ଯ୍ୟ । ଦେଶ ଗଠନ କାର୍ଯ୍ୟରେ ଯେଉଁ କଷ୍ଟ ଓ ବିପଦ ଆଗରେ ରହିଛି ମୁଁ ସେଥିପ୍ରତି ତୁମକୁ ସାବଧାନ କରାଉ ଦେଉଛି ।



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ରାଜଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଉଛନ୍ତି ।

ଅକ୍ଟୋବର ୧୭ ତାରିଖ ଅପରାହ୍ନରେ ରାଜଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଗାନ୍ଧୀ କହିଲେ ଯେ, ରାଜ୍ୟଗୁଡ଼ିକର ବିକାଶ ପାଇଁ ସେମାନଙ୍କୁ ଯଥେଷ୍ଟ ସ୍ୱାୟତ୍ତ ଶାସନ (ଅଟୋନମି) ଦିଆଯାଉଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଶ୍ରୀ କରୁଣାନିଧିଙ୍କ ପକ୍ଷରୁ ହେଉଥିବା ଦାବୀ ସଂପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ, ଏଭଳି ଦାବୀ ଯଦି ପୂରଣ କରାଯାଏ ତେବେ ଓଡ଼ିଶା ଭଳି ଅନୁନ୍ନତ ଅଞ୍ଚଳରେ କୌଣସି ଶିଳ୍ପ ପ୍ରତିଷ୍ଠା ସମ୍ଭବ ହେବନାହିଁ । ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ବୈଷମ୍ୟ ଦୂରୀକରଣ ପାଇଁ କେନ୍ଦ୍ର ହାତରେ ଅଧିକ କ୍ଷମତା ରହିବା ଆବଶ୍ୟକ । ସୁଷମ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁନ୍ନତ ଅଞ୍ଚଳର ସ୍ୱାର୍ଥ ସଂରକ୍ଷିତ କରାଯାଉଛି ।

ପ୍ରଧାନମନ୍ତ୍ରୀ ତାଙ୍କ ଓଡ଼ିଶା ରହଣି କାଳରେ ଓଡ଼ିଶା ଫେଡ଼େରେସନ ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରି ଏବଂ ଉତ୍କଳ ଚେମ୍ବର ଅଫ୍ କମର୍ସର ପ୍ରତିନିଧିମାନଙ୍କ ସହିତ ଓଡ଼ିଶାର ଶିଳ୍ପ ପ୍ରସାର ସଂପର୍କରେ ଆଲୋଚନା କରିଥିଲେ । ସେ



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଓଡ଼ିଶା ଫେଡ଼େରେସନ ଅଫ୍ କମର୍ସର ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି ।

କଟକ ମ୍ୟୁନିସିପାଲଟିର କାଉନସିଲର ଓ ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳର ସଦସ୍ୟମାନଙ୍କୁ ସାକ୍ଷାତ ଦେଇ ସଂପୃକ୍ତ ସଂସ୍ଥାର ସମସ୍ୟା ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ ।

(ଭାରତ ସରକାରଙ୍କ ପତ୍ର ସୂଚନା କେନ୍ଦ୍ର ସୌଜନ୍ୟରୁ)

# ଓଡ଼ିଶାରେ ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା

[ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯେଉଁସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେ ସବୁର ତତ୍ତ୍ୱାବଧାନ ସକାଶେ ଭାରତ ସଂବିଧାନର ୩୫୦ (ଖ) ଧାରା ଅନୁସାରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସଂଖ୍ୟାଲଘୁ ଭାଷାଭାଷୀ କମିଶନର ତାଙ୍କ ପଞ୍ଚମ ରିପୋର୍ଟର ୬୯୭ ଅନୁଚ୍ଛେଦରେ ବର୍ଣ୍ଣାଇଛନ୍ତି ଯେ ତାଙ୍କ କାର୍ଯ୍ୟାଳୟରେ ଥରକୁ ଥର ହସ୍ତଗତ ହେଉଥିବା ବିଭିନ୍ନ ଦରଖାସ୍ତରୁ ଏବଂ ବିଭିନ୍ନ ରାଜ୍ୟରେ ବାସ କରୁଥିବା ସଂଖ୍ୟାଲଘୁ ଭାଷାଭାଷୀମାନଙ୍କର ପ୍ରତିନିଧିମାନଙ୍କ ସହିତ ହୋଇଥିବା ଆଲୋଚନାମାନଙ୍କରୁ ଜଣା ପଡ଼ିଛି ଯେ ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ପାଇଁ କି କି ସଂରକ୍ଷଣ ବ୍ୟବସ୍ଥା କରାଯାଇଛି, ସେ ବିଷୟରେ କିମ୍ବା ସେସବୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ ପ୍ରତି ରାଜ୍ୟରେ ସ୍ଥାପିତ ହୋଇଥିବା ସଂସ୍ଥା ସଂପର୍କରେ ସେମାନଙ୍କର

"କେବଳ ଚୋରୀ ନ କରିବା ଅସ୍ତେୟ ଶବ୍ଦର ଅର୍ଥ ନୁହେଁ । ଯେଉଁ ପଦାର୍ଥ ଆମର ଆବଶ୍ୟକ ନୁହେଁ ତାହା ନେବା ଓ ରଖିବା ମଧ୍ୟ ଚୋରୀ । ଚୋରୀରେ ହିଂସା ପୂର୍ଣ୍ଣମାତ୍ରାରେ ରହିଛି ।"

ସ୍ପଷ୍ଟ ଧାରଣା ନାହିଁ । ଯେଉଁମାନଙ୍କର ସ୍ୱାର୍ଥସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଉଛି, ସେମାନେ ଯେପରି ନିଜ ନିଜ ସମସ୍ୟାର ସମାଧାନ ପାଇଁ ଦାବୀ ଉପସ୍ଥାପିତ କରି ପାରିବେ ଓ କେଉଁ ପ୍ରଣାଳୀରେ ତାହା କରାଯିବ ତାହା ମଧ୍ୟ ଜାଣିବେ, ତହିଁର ନିଶ୍ଚିତ ବ୍ୟବସ୍ଥା କରିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଜନସାଧାରଣଙ୍କ ଉପକାର ଦୃଷ୍ଟିରୁ ସାଧାରଣ ତଥ୍ୟସମ୍ବଳିତ ଏକ ପୁସ୍ତିକା ପ୍ରକାଶ କରିବା ନିମନ୍ତେ କମିଶନର ସୁପାରିଶ କରିଛନ୍ତି ।

ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ସ୍ୱାର୍ଥସଂରକ୍ଷଣ ସଂକ୍ରାନ୍ତ ପରିକଳ୍ପନା ଅନୁସାରେ ଓଡ଼ିଶାରେ ବାସକରୁଥିବା ସଂଖ୍ୟାଲଘୁ ଭାଷାଭାଷୀମାନଙ୍କ ପାଇଁ କି କି ସୁବିଧାସୁଯୋଗର ବ୍ୟବସ୍ଥା କରାଯାଇଛି ତାହା ସେମାନଙ୍କର ଅବଗତି ନିମନ୍ତେ ନିମ୍ନରେ ଉଲ୍ଲେଖ କରାଗଲା : ]

## ଅଧ୍ୟୟନର ସୁବିଧା

**ପ୍ରାଥମିକ ବ୍ୟବସ୍ଥା**—ରାଜ୍ୟର ବିଭିନ୍ନ ଅଞ୍ଚଳରେ ଇତସ୍ତତଃ ବାସକରୁଥିବା ସଂଖ୍ୟାଲଘୁ ଭାଷାଭାଷୀ ଶ୍ରେଣୀର ଶିଶୁମାନଙ୍କ ପାଇଁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି । ପ୍ରାଥମିକ ଶିକ୍ଷା ସ୍ତରରେ ଯେଉଁଠାରେ ଛାତ୍ରର ନିଜର ମାତୃଭାଷା ଆଞ୍ଚଳିକ ଭାଷାଠାରୁ ପୃଥକ୍, ସେଠାରେ ଛାତ୍ରକୁ ନିଜ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି । ଓଡ଼ିଶା ଶିକ୍ଷା ଆଇନର ୧୮୨ (୧) ଧାରାରେ ବ୍ୟବସ୍ଥା ରହିଛି ଯେ ଯେଉଁ ଛାତ୍ରମାନଙ୍କର ମାତୃଭାଷା ଓଡ଼ିଆ ଭାଷାଠାରୁ ଭିନ୍ନ ହୋଇଥିବ ସେମାନଙ୍କ ପାଇଁ ଅନ୍ତତଃ ଜଣେ ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ; କିନ୍ତୁ ଏପରି କ୍ଷେତ୍ରେ ସମଗ୍ର ସ୍କୁଲରେ ଏଭଳି ଅନ୍ୟୁନ ୪୦ ଜଣ ଛାତ୍ର ଥିବା ଦରକାର । ଏ ସଂପର୍କରେ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ ଯେଉଁ ସ୍ଥଳରେ ଏକ ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟର ଆଞ୍ଚଳିକ ଭାଷାଭିନ୍ନ ଅନ୍ୟ ଭାଷାଭାଷୀ ୪୦ ଜଣ ଛାତ୍ର ଥିବେ କିମ୍ବା ଗୋଟିଏ ଶ୍ରେଣୀରେ ସେଭଳି ୧୦ ଜଣ ଛାତ୍ର ଥିବେ ସେଠାରେ ଦ୍ୱିଭାଷାଭାଷୀ ଶିକ୍ଷକ ନିଯୁକ୍ତି ଦ୍ୱାରା ଯଦି ସଂଖ୍ୟାଲଘୁ ଭାଷାରେ ଶିକ୍ଷାଦାନ କାର୍ଯ୍ୟ ହୋଇ ନ ପାରିବ, ତେବେ ସଂଖ୍ୟାଲଘୁ ଭାଷା ଶିକ୍ଷା ଦେବା-ପାଇଁ ଦକ୍ଷତା ଥିବା ଜଣେ ଅତିରିକ୍ତ ଶିକ୍ଷକ ନିଯୁକ୍ତ ହେବା ଦରକାର ଏବଂ ଏହା ଅନୁସାରେ ଓଡ଼ିଶା ଶିକ୍ଷା ଆଇନର ୧୮୨ (୧) ଧାରାର ସଂଶୋଧନ କରାଯାଇଛି ।

ଉପଯୁକ୍ତ ସ୍ୱାର୍ଥ ସଂରକ୍ଷଣ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ରାଜ୍ୟର ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ର ଅଧ୍ୟୟନ କରୁଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ବିଭିନ୍ନ ଭାଷାଭାଷୀ ଗୋଷ୍ଠୀର ଅଭିଭାବକମାନଙ୍କର ଶିଶୁମାନଙ୍କ ନାମଲେଖା ପାଇଁ ଶିକ୍ଷାଦାନ ଅଧିବେଶନ ଆରମ୍ଭ ହେବାର ତିନିମାସ ଆଗରୁ ଦରଖାସ୍ତ ଗ୍ରହଣ କରିବା ପାଇଁ ଆଗତୁରା ତାଲିକା (ଆଡ୍‌ଭାନ୍ସ ରେଜିଷ୍ଟର) ପ୍ରସ୍ତୁତ କରିବାକୁ ହେବ ଏବଂ ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦେବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷମାନଙ୍କଠାରୁ ପରାମର୍ଶ ଲୋଡ଼ିବାକୁ ହେବ । ଦରଖାସ୍ତକାରୀ ଯେଉଁ ସ୍କୁଲରେ ନିଜ ଶିଶୁର ନାମ ଲେଖାଇବା ପାଇଁ ଦରଖାସ୍ତ କରିଥିବେ, ସେହି ସ୍କୁଲରେ ନାମ ଲେଖାଇବା ପାଇଁ ଯଥେଷ୍ଟ ସଂଖ୍ୟାରେ ଦରଖାସ୍ତ ମିଳିନଥିବା କାରଣରୁ କୌଣସି ଦରଖାସ୍ତକାରୀଙ୍କୁ ନିଜ ଶିଶୁର ନାମ ଲେଖାଇବା ପାଇଁ ମନାକରାଯାଇ ପାରିବ ନାହିଁ ଏବଂ ଯେଉଁଠାରେ ଆବଶ୍ୟକ ହେବ, ସେଠାରେ ବିଭିନ୍ନ ସ୍କୁଲ ମଧ୍ୟରେ ସୁବିଧା କରି ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରମାନଙ୍କର ନାମ ଲେଖାଇବା ପାଇଁ ବ୍ୟବସ୍ଥା କରିବାକୁ ହେବ ।

ସଂଖ୍ୟାଲଘୁ ଭାଷାଭାଷୀ ଗୋଷ୍ଠୀମାନଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଓ ସ୍ୱତନ୍ତ୍ର ଉପଶ୍ରେଣୀ ସଂପର୍କରେ
(ସେକ୍ସନ) ୧୯୫୬ ମସିହା ନଭେମ୍ବର ୧ ତାରିଖରେ ଛାତ୍ର ସଂଖ୍ୟା ଓ ଶିକ୍ଷକ ନିଯୁକ୍ତି ସମେତ ଶିକ୍ଷାଗତ ସୁବିଧା-
ସୁଯୋଗ ବ୍ୟାପାରରେ ପରିସ୍ଥିତି ଯେପରି ଥିଲା, ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କ ସୁବିଧାସୁଯୋଗ ପାଇଁ ସେ
ସବୁରୁ କିଛି ବାଦ ଦିଆ ନଯାଇ ସେ ସବୁ ପୂର୍ବପରି ସୁରକ୍ଷିତ ରହିବ । ଯଦି ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଏ, ତାହା ହେଲେ
ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷାଗତ ସୁବିଧାସୁଯୋଗରେ ମଧ୍ୟ ଅନୁରୂପ ହ୍ରାସ କରାଯିବ, କିନ୍ତୁ ସରକାରଙ୍କ ନିର୍ଦ୍ଦିଷ୍ଟ
ଆଦେଶ ବିନା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥଳରେ କୌଣସି ସୁବିଧାସୁଯୋଗ ହ୍ରାସ କରାଯିବା ଉଚିତ ନୁହେଁ ।

ମାଧ୍ୟମିକ ଶିକ୍ଷା—ଓଡ଼ିଶା ଶିକ୍ଷା ଆଇନର ୧୮୨ (୨) ଧାରାରେ ବ୍ୟବସ୍ଥା ଅଛି ଯେ ସମସ୍ତ ସରକାରୀ ଓ
ମ୍ୟୁନିସିପାଲିଟି ସ୍କୁଲମାନଙ୍କରେ ଯେଉଁଠାରେ କି ସ୍କୁଲର ମୋଟ ଛାତ୍ର ସଂଖ୍ୟାର ଏକ ତୃତୀୟାଂଶ ଛାତ୍ର ନିଜ ମାତୃଭାଷା
ମାଧ୍ୟମରେ ଶିକ୍ଷା ପାଇବା ପାଇଁ ଅନୁରୋଧ କରିବେ, ସେଠାରେ ସରକାର ଛାତ୍ରମାନଙ୍କ ଅଧ୍ୟୟନ ପାଇଁ ଆବଶ୍ୟକ
ସୁବିଧାସୁଯୋଗ ଯୋଗାଇ ଦେବେ । ସରକାରୀ ସାହାଯ୍ୟ ପାଉଥିବା ମାଧ୍ୟମିକ ସ୍କୁଲମାନଙ୍କରେ ମୋଟ ଛାତ୍ର
ସଂଖ୍ୟାର ଏକ-ତୃତୀୟାଂଶ ଛାତ୍ର ଏକ ନିର୍ଦ୍ଦିଷ୍ଟ ଭାଷା ମାଧ୍ୟମରେ ଶିକ୍ଷା ପାଇବାକୁ ଇଚ୍ଛା ପ୍ରକାଶ କଲେ ସେ ଅଞ୍ଚଳରେ
ଯଦି ଉକ୍ତ ଭାଷା ମାଧ୍ୟମରେ ଶିକ୍ଷାପ୍ରଦାନ କରିବାର ଯଥେଷ୍ଟ ସୁବିଧାସୁଯୋଗ ନ ଥାଏ, ତାହା ହେଲେ ଛାତ୍ରମାନେ
ଚାହୁଁଥିବା ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାର ବନ୍ଦୋବସ୍ତ କରିବା ପାଇଁ ସରକାର ପ୍ରୌଢ଼ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ
ନିର୍ଦ୍ଦେଶ ଦେବେ । ଯେଉଁଠାରେ ସ୍କୁଲରେ ପୁରାପୁରି କୌଣସି ସଂଖ୍ୟାଲଘୁ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା
ଥିବ, ସେଠାରେ ଏଭଳି ନୂଆ ସ୍କୁଲ ଖୋଲିବା ବା ତାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି ।
ଆଉ ମଧ୍ୟ ୧୯୬୧ ମସିହା ଅଗଷ୍ଟ ମାସରେ ଅନୁଷ୍ଠିତ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀମାନଙ୍କ ବୈଠକରେ ଗୃହୀତ
ହୋଇଥିବା ନିଷ୍ପତ୍ତି ଅନୁସାରୀ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଅଛନ୍ତି ଯେ ଯଦି ରାଜ୍ୟର ଆଞ୍ଚଳିକ ଭାଷା ଭିନ୍ନ ଅନ୍ୟ
ଭାଷାଭାଷୀ ୬୦ ଜଣ ଛାତ୍ର କୌଣସି ମାଧ୍ୟମିକ ବିଦ୍ୟାଳୟରେ (ଷଷ୍ଠମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ) ଥାନ୍ତି କିମ୍ବା
ଉକ୍ତ ସ୍କୁଲର ନିମ୍ନତମ ଶ୍ରେଣୀରେ (ଷଷ୍ଠମ ଶ୍ରେଣୀ) ଏହିଭଳି ଅନ୍ତତଃ ୧୫ ଜଣ ଛାତ୍ର ଥାନ୍ତି, ତେବେ ସେ ବିଦ୍ୟାଳୟରେ
ଜଣେ ଅତିରିକ୍ତ ଶିକ୍ଷକ ନିଯୁକ୍ତ କରାଯିବା ଆବଶ୍ୟକ । ତଦନୁସାରୀ ଓଡ଼ିଶା ଶିକ୍ଷା ଆଇନର ୧୮୨ (୨) ଧାରାର
ତୃତୀୟ ଓ ଚତୁର୍ଥ ବାକ୍ୟକୁ ଉଠାଇ ଦିଆଯାଇ ତତ୍‌ପରିବର୍ତ୍ତେ ନିମ୍ନଲିଖିତ ବାକ୍ୟ ଲିପିବଦ୍ଧ ହୋଇଛି- –"ସମସ୍ତ ସରକାରୀ
ସ୍କୁଲ ଓ ମ୍ୟୁନିସିପାଲିଟି ଏବଂ ଜିଲ୍ଲା ବୋର୍ଡ ଅଧୀନରେ ଥିବା ସ୍କୁଲରେ ଯେଉଁଠାରେ କି ଗୋଟିଏ ମାଧ୍ୟମିକ ସ୍କୁଲର
(ଷଷ୍ଠମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ) ୬୦ ଜଣ ଛାତ୍ର କିମ୍ବା ନିମ୍ନତମ ଶ୍ରେଣୀର (ଷଷ୍ଠମ ଶ୍ରେଣୀ) ଅନ୍ତତଃ ୧୫ ଜଣ
ଛାତ୍ର ସେମାନଙ୍କ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପାଇଁ ଅନୁରୋଧ କରିବେ, ସରକାର ମଧ୍ୟ ସେଠାରେ ଅତିରିକ୍ତ
ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇ ଦେବେ, ପ୍ରକାଶ ଥାଉକି ଏପରି ସ୍ଥଳେ ଜଣେ ମାତ୍ର
ଅତିରିକ୍ତ ଶିକ୍ଷକ ନିଯୁକ୍ତି ଦ୍ୱାରା ଶିକ୍ଷାଦାନ ହୋଇ ନ ପାରୁଥିବା ଦରକାର ।"

"ମୋଟ ଛାତ୍ର ସଂଖ୍ୟାର ଏକ ତୃତୀୟାଂଶ ଛାତ୍ର ଯଦି ଚାହିଁବେ" ଏହି ପଦଚୟ ବଦଳରେ "ଉପଯୁକ୍ତ ରୀତିରେ"
ବ୍ୟବହୃତ ହେବ ।

---

"ଭାରତ ଅନ୍ଧ ଭାବରେ ଇଉରୋପର ଅନୁକରଣ କରିବ ନାହିଁ । ଭାରତ ଯଦି ହିଂସା ନୀତି ଗ୍ରହଣ କରେ
ତେବେ ମୋର ପରୀକ୍ଷାର ସମୟ ଆସି ପହଞ୍ଚିବ ।"

**ତ୍ରିଭାଷା ସୂତ୍ର**—ରାଜ୍ୟରେ ପ୍ରଚଳିତ ତ୍ରିଭାଷା ସୂତ୍ର ଅନୁଯାୟୀ ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରମାନଙ୍କୁ ନିମ୍ନଲିଖିତ ଭାଷାମାନ ଅଧ୍ୟୟନ କରିବାକୁ ହେବ :—

(କ) ଆଞ୍ଚଳିକ ଭାଷା ଓ ମାତୃଭାଷା; ଆଞ୍ଚଳିକ ଭାଷାଠାରୁ ଭିନ୍ନ ହୋଇଥିଲେ ମାତୃଭାଷା, (ଖ) ହିନ୍ଦି ଅଣ-ହିନ୍ଦିଭାଷୀ ଅଞ୍ଚଳମାନଙ୍କରେ ଆଉ ଏକ ଆଧୁନିକ ଭାରତୀୟ ଭାଷା, (ଗ) ଇଂରାଜୀ କିମ୍ବା ଅନ୍ୟ କୌଣସି ଆଧୁନିକ ୟୁରୋପୀୟ ଭାଷା । ମାଧ୍ୟମିକ ସ୍ତରରେ ଛାତ୍ରମାନଙ୍କୁ ଆଞ୍ଚଳିକ ଭାଷା, ହିନ୍ଦି ଓ ଇଂରାଜୀ ସମେତ ତିନୋଟି ଆଧୁନିକ ଭାଷା (କିମ୍ବା ଅନ୍ୟ ଏକ ଆଧୁନିକ ୟୁରୋପୀୟ ଭାଷା) ବାଧ୍ୟତାମୂଳକ ଭାବେ ଶିକ୍ଷା ଦିଆଯିବ । ଯେଉଁ ଛାତ୍ରର ମାତୃଭାଷା ଆଞ୍ଚଳିକ ଭାଷା ନୁହେଁ କିମ୍ବା ହିନ୍ଦି ବା ଇଂରାଜୀ ନୁହେଁ ସେ କ୍ଷେତ୍ରରେ ଛାତ୍ରପାଇଁ ଏକ ଚତୁର୍ଥ ଭାଷାର ଶିକ୍ଷାଦାନ ସୁବିଧା ଯୋଗାଇ ଦିଆ ଯାଇପାରେ । ଏହି ପରିକଳ୍ପନା ଅନୁସାରେ ଇଚ୍ଛାଧୀନ ବିଷୟ ହିସାବରେ କୌଣସି ଏକ ଅଭିଜାତ (କ୍ଲାସିକାଲ) ଭାଷା ଶିକ୍ଷା ଦେବା ପାଇଁ କୌଣସି ଆପତ୍ତି ନାହିଁ । ଯେଉଁ କ୍ଷେତ୍ରରେ ଆଧୁନିକ ଭାରତୀୟ ଭାଷା ଓ ଅଭିଜାତ ଭାଷାକୁ ନେଇ ଗୋଟିଏ ମିଶ୍ରପତ୍ର (କମ୍ପୋଜିଟ୍ ପେପର) ପ୍ରବର୍ତ୍ତନ କରିବା ଆବଶ୍ୟକ ବା ବାଞ୍ଛନୀୟ ବିବେଚିତ ହେବ ସେ କ୍ଷେତ୍ରରେ ସେପରି କରିବାରେ ମଧ୍ୟ କୌଣସି ବାଧା ନାହିଁ ।

**ଉପଯୁକ୍ତ ପାଠ୍ୟ ପୁସ୍ତକର ବ୍ୟବସ୍ଥା**—ଉଭୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପର୍ଯ୍ୟାୟରେ ଛାତ୍ରମାନଙ୍କ ପାଇଁ ଉପଯୁକ୍ତ ପାଠ୍ୟ ପୁସ୍ତକ ବ୍ୟବସ୍ଥା କରିବାର ଦାୟିତ୍ୱ ପାଠ୍ୟପୁସ୍ତକ ଓ ସିଲାବସ କମିଟିଙ୍କ ଉପରେ ନ୍ୟସ୍ତ କରାଯାଇଛି ଓ ଉକ୍ତ କମିଟି ଉପଯୁକ୍ତ ପାଠ୍ୟ ପୁସ୍ତକ ପ୍ରଣୟନ-ବ୍ୟବସ୍ଥା ହାତକୁ ନେଇ ସାରିଲେଣି । ପ୍ରଥମ ଶ୍ରେଣୀ ପାଇଁ ବର୍ଣ୍ଣବୋଧ ପୁସ୍ତକ, ହିନ୍ଦି, ତେଲଗୁ, ବଙ୍ଗଳା ଓ ଉର୍ଦ୍ଦୁ ଭାଷାରେ ଲେଖା ହୋଇଛି ଏବଂ ପାଠ୍ୟ ପୁସ୍ତକ ଜାତୀୟକରଣ ପରିକଳ୍ପନା ଅନୁସାରେ ଏସବୁ ପୁସ୍ତକ ଖୁବ୍ ଶୀଘ୍ର ଛାପାହେବ । ବିହାର, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଅନୁମୋଦିତ ପାଠ୍ୟ ପୁସ୍ତକଗୁଡ଼ିକ ବର୍ତ୍ତମାନ ପାରସ୍ପରିକ ଭିତ୍ତିରେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସଂଖ୍ୟାଲଘୁ ଗୋଷ୍ଠୀର ଶିଶୁମାନଙ୍କ ପାଇଁ ବ୍ୟବହୃତ ହେଉଛି । କିନ୍ତୁ ଯେତେବେଳେ ରାଜ୍ୟର ସ୍ୱରୋଚିଯାକ ସଂଖ୍ୟାଲଘୁ ଭାଷାରେ ସରକାରୀ ପାଠ୍ୟ ପୁସ୍ତକ ପ୍ରକାଶିତ ହୋଇଯିବ, ସେତେବେଳେ କ୍ରମଶଃ ଏ ସବୁ ପୁସ୍ତକକୁ ବଦଳେଇ ଦିଆଯିବ ।

**ଶିକ୍ଷକମାନଙ୍କ ପାଇଁ ତାଲିମ**—ଉର୍ଦ୍ଦୁଭାଷୀ ସଂଖ୍ୟାଲଘୁ ଶ୍ରେଣୀର ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ସ୍କୁଲ ରହିଛି । ତେଲଗୁଭାଷୀ ସଂଖ୍ୟାଲଘୁ ଗୋଷ୍ଠୀର ଶିକ୍ଷକମାନଙ୍କ ତାଲିମ ପାଇଁ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ପାରସ୍ପରିକ ବ୍ୟବସ୍ଥା ହୋଇଛି । ପାରଳାଖେମୁଣ୍ଡିଠାରେ ଗୋଟିଏ ସ୍ୱତନ୍ତ୍ର ତେଲଗୁ ତାଲିମ ସଂସ୍ଥା ଖୋଲିବା ପାଇଁ ମଧ୍ୟ ଯୋଜନା ଅଛି ।

**ସରକାରୀ କାର୍ଯ୍ୟ ଉପଲକ୍ଷେ ସଂଖ୍ୟାଲଘୁ ଭାଷାର ପ୍ରଚଳନ**—ଓଡ଼ିଶାର କୌଣସି ଜିଲ୍ଲାରେ ସଂଖ୍ୟାଲଘୁ ଭାଷାଭାଷୀ ଲୋକଙ୍କ ସଂଖ୍ୟା ଶତକଡ଼ା ୧୫ ଭାଗ କିମ୍ବା ତହିଁରୁ ବେଶୀ ହେବ ନାହିଁ । ତାହା ହୋଇଥିଲେ ମଧ୍ୟ ଯେଉଁ ଅଞ୍ଚଳରେ ମୋଟ ଲୋକସଂଖ୍ୟାର ଶତକଡ଼ା ୧୫ ରୁ ୨୦ ଭାଗ ଲୋକ ସଂଖ୍ୟାଲଘୁ ଭାଷାଭାଷୀ ହୋଇଥିବେ, ସେଠାରେ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାପନ, ଆଦେଶନାମା, ନିୟମାବଳୀ, ବିଜ୍ଞପ୍ତି ପ୍ରଭୃତି ସଂଖ୍ୟାଲଘୁ ଭାଷାରେ ପ୍ରକାଶ କରିବା ସମ୍ପର୍କରେ ୧୯୬୧ ମସିହା ଅଗଷ୍ଟ ମାସରେ ଅନୁଷ୍ଠିତ ହୋଇଥିବା ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ ପରେ ଯେଉଁ ବିବୃତି ପ୍ରକାଶିତ ହୋଇଥିଲା, ତାହାର ୧୩ଶ ଅନୁଚ୍ଛେଦରେ କରାଯାଇଥିବା ସୁପାରିଶଗୁଡ଼ିକର ସାଧାରଣ ନୀତିଗୁଡ଼ିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ।

ପ୍ରଶାସନିକ ସୁବିଧା ପ୍ରତି ଯଥାଯଥ ଧ୍ୟାନ ଦିଆଯାଇ ସ୍ଥାନୀୟ ଅଞ୍ଚଳମାନଙ୍କରେ ସେ ସବୁ ଅଞ୍ଚଳର ସଂଖ୍ୟାଲଘୁ ଭାଷାରେ ଜ୍ଞାନ ଥିବା ଅଫିସରମାନଙ୍କୁ ଅବସ୍ଥାପିତ କରିବା ପାଇଁ ଆଦେଶ ଦିଆଯାଇଛି ।

**କୋର୍ଟ କଚେରୀରେ ବ୍ୟବହୃତ ଭାଷା**—ଓଡ଼ିଶାର ବିଭିନ୍ନ ଜିଲ୍ଲାର କୋର୍ଟ କଚେରୀରେ ନିମ୍ନଲିଖିତ ଭାଷା ବ୍ୟବହୃତ ହେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି:—

| | | |
|---|---|---|
| ୧ । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଧେଙ୍କାନାଳ ଓ କନ୍ଧମାଳ । | | ଓଡ଼ିଆ |
| ୨ । ଗଞ୍ଜାମ ଜିଲ୍ଲା | .. | ଓଡ଼ିଆ ଓ ତେଲଗୁ ଭାଷା, କିନ୍ତୁ ଘୁମୁସର ଓ ବାଲିଗୁଡା ସବ୍‌ଡିଭିଜନ ଏବଂ ଆସିକା ଠାରେ ଥିବା ମୁନସିଫ କୋର୍ଟରେ ଓଡ଼ିଆ ଏକମାତ୍ର କୋର୍ଟଭାଷା ରୂପେ ଚଳିବ । |
| ୩ । କୋରାପୁଟ ଜିଲ୍ଲା | .. | ଗୁଣୁପୁର, ରାୟଗଡା, ବିଷମକଟକ, ପଟାଙ୍ଗୀ ଓ ମାଲକାନଗିରି ତାଲୁକମାନଙ୍କରେ ଓଡ଼ିଆ ଓ ତେଲଗୁ ଭାଷା ଏବଂ ଜୟପୁର, କୋରାପୁଟ ଓ ନବରଙ୍ଗପୁର ତାଲୁକମାନଙ୍କରେ ଏକମାତ୍ର ଓଡ଼ିଆ ଭାଷା । |
| ୪ । ଓଡ଼ିଶା ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ | .. | ଓଡ଼ିଆ |

**ରାଜ୍ୟ ସରକାରଙ୍କ ଚାକିରି ବାକିରି ପାଇଁ ଲୋକ ସଂଗ୍ରହ**—ଯେଉଁ ପ୍ରାର୍ଥୀମାନେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ପଦମାନଙ୍କରେ ନିଯୁକ୍ତି ପାଇବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ମଧ୍ୟଇଂରାଜୀ ସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯୋଗ୍ୟତା ହାସଲ କରିବାକୁ ହେବ । ଯେଉଁସବୁ ବୈଷୟିକ ପଦ ପାଇଁ ବିଶେଷ ଯୋଗ୍ୟତା ଆବଶ୍ୟକ, ସେ ସବୁରେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ସରକାରୀ ଚାକିରିରେ ପ୍ରବେଶ କରିବା ପାଇଁ ଭାଷାଜ୍ଞାନ ସମ୍ବନ୍ଧିତ ପରୀକ୍ଷା ଦେଇ ପ୍ରଥମରୁ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ହେବ, କି ନିର୍ଦ୍ଧାରିତ ଶିକ୍ଷାନବିସ କାଳ ମଧ୍ୟରେ ଏହି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାର ବ୍ୟବସ୍ଥା ରଖାଯିବ, କି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଜୋର ଦିଆ ନ ଯିବ, ତାହା ସମ୍ପୃକ୍ତ ପ୍ରଶାସନିକ ବିଭାଗ ପ୍ରତ୍ୟେକ ଶ୍ରେଣୀର ବୈଷୟିକ କର୍ମଚାରୀଙ୍କ ସମ୍ପର୍କରେ ସ୍ଥିର କରିବେ । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଭାଷାଜ୍ଞାନ ପରୀକ୍ଷା ନିର୍ଦ୍ଧାରିତ ହୋଇନାହିଁ, କିନ୍ତୁ ଏଭଳି ପଦରେ ନିଯୁକ୍ତି ପାଉଥିବା ବ୍ୟକ୍ତି ଓଡ଼ିଆ କହିପାରୁଥିବା ଦରକାର ଏବଂ ସେ ଯଦି ସାକ୍ଷର ହୋଇଥାନ୍ତି ତାହାହେଲେ ଓଡ଼ିଆ ଭାଷା ଲେଖିପଢି ପାରୁଥିବା ଆବଶ୍ୟକ ।

ରାଜ୍ୟର ସରକାରୀ ଚାକିରି ପାଇଁ ଲୋକ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଯେଉଁ ସ୍ଥଳରେ ବିଶ୍ୱବିଦ୍ୟାଳୟ ଡିଗ୍ରୀ କିମ୍ବା ଡିପ୍ଲୋମା ଯୋଗ୍ୟତା ବୋଲି ଧରାଯାଉଥିବ, ସେ ସ୍ଥଳରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କଠାରୁ ସ୍ୱୀକୃତିପ୍ରାପ୍ତ ସମସ୍ତ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଡିଗ୍ରୀ ଓ ଡିପ୍ଲୋମା ଉକ୍ତ ଚାକିରିବାକିରି ପାଇଁ ଯୋଗ୍ୟତା ରୂପେ ଗୃହୀତ ହେବ ।

ଓଡ଼ିଶା ପ୍ରଶାସନ ସେବା (ଦ୍ୱିତୀୟ ଶ୍ରେଣୀ) ଓ ଓଡ଼ିଶା ସବ୍‌ଡିନେଟ ପ୍ରଶାସନ ସେବା ବା ଚାକିରି ପାଇଁ ଲୋକ ସଂଗ୍ରହ ଉଦ୍ଦେଶ୍ୟରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗ ଦେଇଥିବା ପ୍ରାର୍ଥୀମାନେ ଯଦି ଅନ୍ୟଥା ନିର୍ଦ୍ଦେଶ ପାଇ ନ ଥିବେ, ତେବେ ସେମାନଙ୍କୁ ବାଧ୍ୟତାମୂଳକ ଓ ଭାଷାଧାର ବିଷୟ ଅନ୍ତର୍ଭୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଇଂରାଜୀରେ ଲେଖିବାକୁ ହେବ ।

**ସଂଖ୍ୟାଲଘୁ ଭାଷାଭାଷୀ ଲୋକଙ୍କ ସ୍ୱାର୍ଥ ସଂରକ୍ଷଣ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କର୍ମକର୍ତ୍ତା**—ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ଭାଷାଭାଷୀ ଲୋକଙ୍କ ସ୍ୱାର୍ଥ ସଂରକ୍ଷଣ ସମେତ ଜାତୀୟ ସଂହତି ସମ୍ବନ୍ଧିତ କାର୍ଯ୍ୟରେ ସମନ୍ୱୟ ରକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ତାଙ୍କୁ ସାହାଯ୍ୟ କରିଥାଆନ୍ତି । ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଶାସନ ସଚିବ ସଂଖ୍ୟାଲଘୁ ଭାଷାଭାଷୀ ଲୋକଙ୍କ ସ୍ୱାର୍ଥ ସଂରକ୍ଷଣ ସମେତ ଜାତୀୟ ସଂହତି କାର୍ଯ୍ୟରେ ଭାରପ୍ରାପ୍ତ ଅଧିକାରୀ ଅଟନ୍ତି । ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ ଏ କାର୍ଯ୍ୟର ଭାର ଗ୍ରହଣ କରିଛନ୍ତି ।

---

## ଓଡ଼ିଶାର ଲୋକସଂଖ୍ୟା ସଂପର୍କରେ କେତୋଟି ତଥ୍ୟ

ବିଗତ ଦୁଇ ଦଶକ ବ୍ୟାପୀ ଉନ୍ନୟନମୂଳକ ଯୋଜନା ସତ୍ତ୍ୱେ ଓଡ଼ିଶାର ଦାରିଦ୍ର୍ୟ ଓ ଅନୁନ୍ନତ ଅବସ୍ଥାର କୌଣସି ପରିବର୍ତ୍ତନ ଘଟି ନାହିଁ । ୧୯୫୧ରୁ ୧୯୭୧ ମଧ୍ୟରେ ରାଜ୍ୟର ଆୟ (ନିର୍ଦ୍ଦିଷ୍ଟ ମୂଲ୍ୟ ଅନୁସାରେ) ଶତକଡ଼ା ୧୦୩ ଦଶମିକ ୭ ଭାଗ ବୃଦ୍ଧି ପାଇଥିଲେ ମଧ୍ୟ ମୁଣ୍ଡପିଛା ଆୟ ବଢ଼ିଛି ମାତ୍ର ଶତକଡ଼ା ୩୪ ଦଶମିକ ୯ ଭାଗ । ଅତ୍ୟଧିକ ଜନସଂଖ୍ୟା ବୃଦ୍ଧିହିଁ ଏହାର ମୁଖ୍ୟ କାରଣ ।

୧୯୫୧ ଜନଗଣନା ଅନୁଯାୟୀ ରାଜ୍ୟର ଲୋକସଂଖ୍ୟା ଥିଲା ୧ କୋଟି ୪୬ ଲକ୍ଷ ୪ ହଜାର । ୧୯୬୧ ଏବଂ ୧୯୭୧ ବେଳକୁ ଏହା ଯଥାକ୍ରମେ ଶତକଡ଼ା ୧୯ ଦଶମିକ ୮୨ ଭାଗ ଓ ଶତକଡ଼ା ୨୫ ଦଶମିକ ୦୫ ଭାଗ ବୃଦ୍ଧି ପାଇ ୧ କୋଟି ୭୫ ଲକ୍ଷ ୪ ହଜାର ଏବଂ ୨ କୋଟି ୧୯ ଲକ୍ଷ ୪ ହଜାର ହୋଇଛି । ଗତ ଦୁଇ ଦଶନ୍ଧିରେ ଜନସଂଖ୍ୟା ବୃଦ୍ଧି ଅତ୍ୟଧିକ ହୋଇଛି । ମୃତ୍ୟୁହାର ହ୍ରାସ ଏବଂ ଜନ୍ମ ହାର ବୃଦ୍ଧି ଜନସଂଖ୍ୟା ବୃଦ୍ଧିର ଅନ୍ୟ ଏକ ମୁଖ୍ୟ କାରଣ ।

ଓଡ଼ିଶାର ଅନୁନ୍ନତ ଅବସ୍ଥାର ଅନ୍ୟ ଏକ କାରଣ ହେଉଛି, ରାଜ୍ୟର ଖୁବ୍ କମ୍ ଲୋକ ସହରାଞ୍ଚଳରେ ବାସ କରନ୍ତି । ୧୯୭୧ ଜନଗଣନା ଅନୁସାରେ ରାଜ୍ୟର ଶତକଡ଼ା ୯୧ ଦଶମିକ ୬ ଭାଗ ଲୋକ ଏବଂ ମୟୂରଭଞ୍ଜ ଜିଲ୍ଲାର ଶତକଡ଼ା ୯୭ ଦଶମିକ ୨ ଭାଗ ଲୋକ ଗାଁ ଗହଳିରେ ବାସ କରନ୍ତି ।

ଅନୁନ୍ନତ ଶ୍ରେଣୀର ଲୋକେ ଗୋଟିଏ ସ୍ଥାନରେ ଅଧିକ ସଂଖ୍ୟାରେ ଠୁଳ ହୋଇଥିବା ମଧ୍ୟ ଦାରିଦ୍ର୍ୟର ଅନ୍ୟ ଏକ କାରଣ । ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୩୮ ଦଶମିକ ୨ଭାଗ ଲୋକ ଅନୁନ୍ନତ । କୋରାପୁଟ ଜିଲ୍ଲାରେ ଏହାର ପରିମାଣ ଶତକଡ଼ା ୬୯ ଦଶମିକ ୮ ଭାଗ ।

ରାଜ୍ୟର ଜନସଂଖ୍ୟା ବୃଦ୍ଧି ରୋକାଯାଇ ପାରିଲେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହୋଇ ପାରିବ ।

# ଖଦୀ ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ କର୍ମସଂସ୍ଥାନ

ଭାରତ ସରକାରଙ୍କ ଯୋଜନା କମିସନ୍ ଦେଶର ଶିକ୍ଷିତ ବେକାର ଲୋକମାନଙ୍କ ପାଇଁ ପାଞ୍ଚ ଲକ୍ଷ କର୍ମ ସଂସ୍ଥାନର ପ୍ରସ୍ତାବ କରିଛନ୍ତି । ଏହି ଉଦ୍ଦେଶ୍ୟରେ ୧୯୭୩-୭୪ ମଧ୍ୟରେ ଖର୍ଚ୍ଚ ହେବା ପାଇଁ ସେମାନେ ୧୦୦ କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବରାଦ କରିଛନ୍ତି । ପ୍ରତ୍ୟେକ ପରିକଳ୍ପନା ପାଇଁ ପୁଞ୍ଜି, ଓ ତାଲିମ୍ ସକାଶେ ଷ୍ଟାଇପେଣ୍ଡ୍ ଯୋଗାଇ ଦିଆଯିବ ବୋଲି ଯୋଜନା କମିସନ୍‌ଙ୍କଠାରୁ ସୂଚନା ମିଳିଛି । ଜଣେ ବ୍ୟକ୍ତି ଯେପରି ନିଜେ ନିଜ ଉପରେ ନିର୍ଭର କରି ନିଜକୁ କାମରେ ନିଯୁକ୍ତ ରଖି ପାରିବେ ଓ ଅଧିକ ସାହାଯ୍ୟ ପାଇଁ ତକାଇ ନ ବସିବେ, ତହିଁର ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିବାର ଦାୟିତ୍ୱ ହେଉଛି ଏହି ପରିକଳ୍ପନାକୁ କାର୍ଯ୍ୟରେ ପରିଣତ କରୁଥିବା ସଂସ୍ଥାର । ଜଣେ ବ୍ୟକ୍ତି ବିଶେଷଙ୍କ ପିଛା ସର୍ବାଧିକ ୫୨,୦୦୦ ପର୍ଯ୍ୟନ୍ତ ଖଟାଯାଇ ପାରିବ । ମେସିନ୍ ବା ଉପକରଣ ଖରିଦ୍ କରିବା ସକାଶେ ଓ କାର୍ଯ୍ୟକାରୀ ମୂଳଧନ ସକାଶେ ଜଣେ ବ୍ୟକ୍ତି ବ୍ୟବସାୟୀ ବ୍ୟାଙ୍କରୁ ବା ରାଜ୍ୟ ସରକାରଙ୍କଠାରୁ ଅଧିକ ସାହାଯ୍ୟ ନେଇ ପାରିବେ ।

---

'ଆଧୁନିକ ଜଡ଼ବାଦକୁ ଆମ୍ଭେମାନେ ଯେତିକି ପରିମାଣରେ ଜୀବନର ଧ୍ୟେୟ କରୁଥାଉଁ ସେତିକି ପରିମାଣରେ ଆମ୍ଭେମାନେ ଅଧୋଗତି ପଥରେ ପଥିକ ହୋଇଥାଉଁ ।'

ଆତ୍ମନିଯୁକ୍ତି ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କମିସନ୍ ସବୁ ରାଜ୍ୟଙ୍କ ପାଇଁ ଅଦ୍ୟାବଧି ୧୩ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି । ଏହି ପରିକଳ୍ପନା ଅନୁସାରେ ଖଦୀ ଓ ଗ୍ରାମୋଦ୍ୟୋଗ କମିସନ୍‌ଙ୍କ ଜରିଆରେ ଶିକ୍ଷିତ ବେକାରମାନଙ୍କୁ କାମ ଯୋଗାଇବା ପାଇଁ ଯୋଜନା ମନ୍ତ୍ରୀ ଶ୍ରୀ ମୋହନ ଧାରିଆ କମିସନ୍‌ର ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି ।

ତେଣୁ ଶିକ୍ଷିତ ବେକାରମାନଙ୍କୁ କାମ ଯୋଗାଇବା ସକାଶେ ଖଦୀ ଓ ଗ୍ରାମୋଦ୍ୟୋଗ କମିସନ୍ ନିମ୍ନଲିଖିତ ପରିକଳ୍ପନାମାନ ପ୍ରସ୍ତୁତ କରିଛନ୍ତି:-

(୧) ଗାଁ ଗହଳରେ ତେଲ ଉତ୍ପାଦନ ପାଇଁ ବିଦ୍ୟୁତ୍ ଚାଳିତ ଘଣା (୨) ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ, (୩) ଗ୍ରାମ୍ୟ ମୃତ୍ତିକାଶିଳ୍ପ (Pottery), ଯଥା- (କ) ଉତ୍କୃଷ୍ଟ ଚୀନାମାଟି ତିଆରି ଜିନିଷ ଖରିଦ୍ ଓ ବିକ୍ରୀ, (ଖ) ଚୁଡ଼ା କୁଟା ଉଦ୍ୟୋଗ, (ଗ) ଶସ୍ୟପ୍ରଶୋଧନ ସଂସ୍ଥା, (ଘ) ପାଉଁରୁଟି କାରଖାନା, (ଙ) ଚମଡ଼ା ଉଦ୍ୟୋଗ ଅଧୀନରେ ଚମଡ଼ା ଜିନିଷ ଉତ୍ପାଦନ ଓ ବିକ୍ରୟ, (୬) ତନ୍ତୁ ଶିଳ୍ପ ଯଥା- (କ) ବାରମାସି ବା ବାଉବଣିଆ ତନ୍ତୁ ଉତ୍ପାଦନ, (ଖ) ବାନ୍ ତିଆରି ।

ଏସବୁ ପ୍ରତ୍ୟେକ ଧନ୍ଦାରେ ଜଣେ ଶିକ୍ଷିତ ବେକାର ଲୋକ କାମ ପାଇବା ସଙ୍ଗେ ସଙ୍ଗେ ଆଉ ଜଣେ ଦୁଇ ଜଣ ଲୋକଙ୍କୁ ମଧ୍ୟ କାମ ଯୋଗାଇ ଦିଆଯାଇ ପାରିବ ।

ଏହିସବୁ ପରିକଳ୍ପନା ମଧ୍ୟରୁ କେତେକ ପରିକଳ୍ପନା ପ୍ରତି ଜିଲ୍ଲାରେ, ବିଶେଷ କରି ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ କାର୍ଯ୍ୟକାରୀ କରାଯିବ । ଦରକାର ହେଲେ ଏଭଳି ଅନୁନ୍ନତ ଅଞ୍ଚଳମାନଙ୍କରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଉଦ୍ୟୋଗକାରୀମାନଙ୍କୁ ଅଧିକ ଉତ୍ସାହିତ କରାଯିବ ।

ଯେତେବେଳେ ଜଣା ପଡ଼ିବ ଯେ ଏହି ପରିକଳ୍ପନାଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଚଳନକ୍ଷମ, ସେତେବେଳେ ସେଗୁଡ଼ିକୁ ଅନ୍ୟାନ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯିବ ।

ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ତାଲିମ ଓ କାରିଗରି ସାହାଯ୍ୟ (Training and technical assistance) ଯୋଗାଇ ଦିଆଯିବ ।

ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ବିଭିନ୍ନ ପରିକଳ୍ପନା ସଂପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଗଲା ।

## ଖାଦ୍ୟ ଶସ୍ୟ ଓ ଡାଲିଜାତୀୟ ଶସ୍ୟର ପ୍ରଶୋଧନ

ଯେଉଁ ଶିକ୍ଷିତ ବେକାର ଯୁବକ ମାଟ୍ରିକ ପାସ କରିଥିବେ ତାଙ୍କର ଯଦି କାରିଗରି କାର୍ଯ୍ୟରେ ଦକ୍ଷତା ଥାଏ ତାହାହେଲେ ଧାନ ଓ ଡାଲି ଜାତୀୟ ଶସ୍ୟ କମଣ ବା ପ୍ରଶୋଧନ କରିବା ପାଇଁ ତାଙ୍କୁ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯିବ ।

ମେସିନ୍ ଚଳାଇବା ପାଇଁ ପ୍ରାଥମିକ ତାଲିମ ପାଇ ସାରିବା ଏବଂ ଧାନ ଓ ଡାଲିଜାତୀୟ ଶସ୍ୟ କମଣ କରିବା ଦିଗରେ ଦେଢ଼ ମାସ ତାଲିମ ପାଇସାରିବା ପରେ ତାଙ୍କୁ ଉପଯୁକ୍ତ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯିବ । ଧାନ ଉତ୍ପାଦିତ ହେଉଥିବା ଜିଲ୍ଲା ଯେଉଁଠାରେ କି ଏଭଳି ସଂସ୍ଥା ସ୍ଥାପିତ ହେବ ସେଠାରେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡଙ୍କ

ଦ୍ୱାରା ଶିକ୍ଷାର୍ଥୀ ବଛାଯିବେ । ରାଜ୍ୟ ସରକାର ଓ ଭାରତୀୟ ଖାଦ୍ୟ କର୍ପୋରେସନ୍‌ଙ୍କ ସକ୍ରିୟ ସାହାଯ୍ୟରେ ରାଜ୍ୟ ଖଦୀ ବୋର୍ଡ କମଣ ପାଇଁ ଧାନ ଯୋଗାଇ ଦେବେ ଓ ଚାଉଳ ଉଠାଇ ନେବେ ।

ଖଦୀ ଓ ଗ୍ରାମୋଦ୍ୟୋଗ କମିସନ୍ ଉପକରଣ, କାରିଗରି ସାହାଯ୍ୟ ଓ ତାଲିମର ବ୍ୟବସ୍ଥା କରିବେ । ଯଦି ବଛାଯାଇଥିବା ଅଞ୍ଚଳରେ ଏହିଭଳି ୧୦ ଟି କେନ୍ଦ୍ରରୁ ଅଧିକ କେନ୍ଦ୍ର ଥାଏ ତାହା ହେଲେ ସମଗ୍ର ରାଜ୍ୟ ପାଇଁ ଗୋଟିଏ କାର୍ଯ୍ୟ-ନିର୍ବାହକ ଅନୁଷ୍ଠାନ ଗଠିତ ହୋଇପାରେ । ଏହି ଅନୁଷ୍ଠାନ ଏହି ଉଦ୍ୟୋଗର ଭିତ୍ତିଭୂମି ସ୍ୱରୂପ କାର୍ଯ୍ୟ କରିବ ।

ଧାନ ଚାଉଳ କମଣ ସଂସ୍ଥା (ଉଇନିଟ୍) ବ୍ୟତୀତ କାର୍ଯ୍ୟକାରୀ ମୂଳଧନ ବ୍ୟବସାୟୀ ବ୍ୟାଙ୍କମାନଙ୍କ ଜରିଆରେ ବ୍ୟବସ୍ଥା କରାଯିବ । ଧାନ କମଣ ସଂସ୍ଥାମାନଙ୍କୁ ଧାନ ଯୋଗାଇ ଦିଆଯିବ । ତେଣୁ ସେମାନଙ୍କର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକ ହେବ ନାହିଁ ।

୧ । ଧାନ କମଣ ସଂସ୍ଥା:—

(କ) ଯନ୍ତ୍ରପାତି

| | | |
|---|---|---|
| ଗୋଟିଏ ଧାନ କୁଟା କଳ | | |
| ଗୋଟିଏ ଚକୁ ସଫା କରିବା କଳ | .. | ୧°୦ ଅଶ୍ୱଶକ୍ତି ବିଶିଷ୍ଟ |
| ଗୋଟିଏ ଚଲା ବା ଚାଲୁଣି | .. | ୨°୦ ,, |
| | .. | ୦.୩ ,, |
| ମୋଟ ଖର୍ଚ୍ଚ | .. | ଟ ୬,୦୦୦ |

(ଖ) ଜଣେ ଶିକ୍ଷିତ ବେକାର ଲୋକ

୧ । ମାସିକ ଟ ୩୦୦ × ୧୨ = ଟ ୩୬୦୦ ଆୟ

୨ । ମାସିକ ଟ ୧୫୦ × ୧୨ × ୨ (ଦୁଇଜଣ ତାଲିମ ପ୍ରାପ୍ତ ଶ୍ରମିକ) = ଟ ୩୬୦୦ ଆୟ

(ଗ) ଗୋଟିଏ ମାସ ପାଇଁ ଧାନ

ଦୈନିକ ଦରକାର ୨୫ କୁଇଣ୍ଟାଲ । ୨୫ କୁଇଣ୍ଟାଲ × ୨୫ ଦିନ (ମାସିକ) = ୬୨୫ କୁଇଣ୍ଟାଲ

କ୍ୱିଣ୍ଟାଲ ଧାନକୁ ଟ ୭୫ = ୬୨୫ × ୭୫ = ଟ ୪୬୮୭୫

ଧାନ କମଣ କରିବା ଖର୍ଚ୍ଚ କୁଇଣ୍ଟାଲ ପ୍ରତି ଟ ୩ ହେବ । ପରିଷ୍କୃତ ଚକୁରେ ଶତକଡା ୧୫ ଭାଗ ତେଲ ଥାଏ । ଏହାକୁ ନିଷ୍କାସିତ କରାଯାଇ ପାରିବ ।

୨ । କୁଟାକୁଟା ସଂସ୍ଥା

(କ) ଉପକରଣ:-

ଗୋଟିଏ କୁଟାକୁଟା କଳ; ଗୋଟିଏ ଗାଡି .. ଟ ୫,୦୦୦

(ଖ) ନିଯୁକ୍ତି:-

ଜଣେ ପରିଚାଳକ (ଶିକ୍ଷିତ ବେକାର ବ୍ୟକ୍ତି)

ମାସିକ ଟ ୩୦୦ ହିସାବରେ × ୧୨ ମାସର ଆୟ ଟ ୩,୬୦୦ । ୨ ଜଣ ତାଲିମ ପ୍ରାପ୍ତ ଶ୍ରମୀ ମାସିକ ଟ ୧୫୦ ହିସାବରେ ରୋଜଗାର କରିବେ ଟ ୧୫୦ × ୧୨ × ୨ = ଟ ୩୬୦୦

(ଗ) ମାସିକ ଦରକାର ହେଉଥିବା ଧାନ

ଦୈନିକ ୪ କୁଇଣ୍ଟାଲ ହିସାବରେ ମାସକୁ ୨୫ ଦିନ ପାଇଁ—୪ କୁଇଣ୍ଟାଲ × ୨୫ = ୧୦୦ କୁଇଣ୍ଟାଲ ଧାନ କୁଇଣ୍ଟାଲ ଟ ୭୫ ହିସାବରେ ଟ ୭୫ × ୧୦୦ = ଟ ୭,୫୦୦

ଏକ ମାସକୁ ଟ ୭,୫୦୦ କାର୍ଯ୍ୟକାରୀ ମୂଳଧନ ବାବଦରେ ଦରକାର ହେବ । ଏହି ଟଙ୍କା ବ୍ୟବସାୟୀ ବ୍ୟାଙ୍କ୍‌ଗୁଡ଼ିକ ଜରିଆରେ ବନ୍ଦୋବସ୍ତ କରାଯିବ । କୁଇଣ୍ଟାଲ ପ୍ରତି ଟ ୧୦ ହିସାବରେ ଧାନ କମଣ ପାଇଁ ଖର୍ଚ୍ଚ ନିଆଯିବ ।

୩ । ଡାଲି କମଣ ସଂସ୍ଥା

(କ) ଉପକରଣ

ଡାଲିଚକି ୧ ଅଶ୍ୱଶକ୍ତି .. ଟ ୨୫୦୦

(ଖ) ନିଯୁକ୍ତି

ଜଣେ ପରିଚାଳକ (ଶିକ୍ଷିତ ବେକାର ବ୍ୟକ୍ତି)
ମାସିକ ଟ ୩୦୦ ହିସାବରେ × ୧୨ ମାସର ରୋଜଗାର .. ଟ ୩୬୦୦
୩ ଜଣ ତାଲିମ ପ୍ରାପ୍ତ ମାସିକ ଟ ୧୫୦ ହିସାବରେ—୩ × ୧୨ × ୧୫୦ .. ଟ ୫୪୦୦

(ଗ) ମାସକୁ ଆବଶ୍ୟକ ହେଉଥିବା କଞ୍ଚାମାଲ:-

ଦିନକୁ ୧୦ କୁଇଣ୍ଟାଲ ହିସାବରେ ୨୫ ଦିନ ପାଇଁ ଆବଶ୍ୟକ ହେଉଥିବା

ଗୋଟା ଡାଲି = ୨୫୦ କୁଇଣ୍ଟାଲ

କୁଇଣ୍ଟାଲକୁ ଟ ୧୦୦ ହିସାବରେ ଦର—ଟ ୧୦୦ × ୨୫୦ .. ଟ ୨୫,୦୦୦

(ଘ) ବ୍ୟବସାୟୀ ବ୍ୟାଙ୍କମାନଙ୍କ ଜରିଆରେ

ଏକ ମାସ ପାଇଁ କାର୍ଯ୍ୟକାରୀ ମୂଳଧନ ରୂପେ ଟ ୨୫,୦୦୦ ବ୍ୟବସ୍ଥା କରାଯିବ । ଡାଲିର ଚୋପା ଓ କଣି ଯାହାକି ଗୋଖାଦ୍ୟ ରୂପେ ବ୍ୟବହୃତ ହେବ ତାହା ଗାଁ ଗହଳରେ ରହିବ ।

୪ । ପାଉଁରୁଟି କାରଖାନା

"ଏ" ଟାଇପ୍

(କ) ଉପକରଣ

ଉପକରଣ ଓ ଚୁଲା .. ଟ ୪,୫୦୦

(ଖ) ନିଯୁକ୍ତି

ମାସିକ ଟ ୩୦୦ ଙ୍କା ବେତନରେ ଜଣେ ମ୍ୟାନେଜର ଟ ୩୦୦ × ୧୨ .. ଟ ୩,୬୦୦
ମାସିକ ଟ ୧୫୦ ଙ୍କା ବେତନରେ ୩ ଜଣ ତାଲିମପ୍ରାପ୍ତ ଶ୍ରମିକ = ଟ ୧୫୦ × ୩ × ୧୨ ଟ ୪,୫୦୦

(ଗ) ଗୋଟିଏ ମାସପାଇଁ କଞ୍ଚାମାଲ ଦିନକୁ ୧ କୁଇଣ୍ଟାଲ ଗହମ ହିସାବରେ ୨୫ ଦିନ ପାଇଁ ୨୫ କୁଇଣ୍ଟାଲ ।

| | | |
|---|---|---|
| କୁଇଣ୍ଟାଲକୁ ଟ ୧୦୦ ହିସାବରେ ୨୫ କୁଇଣ୍ଟାଲର ମୂଲ୍ୟ = ଟ ୧୦୦ × ୨୫ .. | ଟ | ୨,୫୦୦ |
| ଅନ୍ୟାନ୍ୟ ଉପକରଣ .. | ଟ | ୫୦୦ |
| | ଟ | ୩,୦୦୦ |

ଅର୍ଥଲଗାଣ କାରୀ ସଂସ୍ଥା ଜରିଆରେ ଟ ୩,୦୦୦ କାର୍ଯ୍ୟକାରୀ ମୂଳଧନ ବ୍ୟବସ୍ଥା କରାଯିବ ।

୫ । ପାଉଁରୁଟି କାରଖାନା

ବି. ଟାଇପ

(କ) ଉପକରଣ

| | | |
|---|---|---|
| ଉପକରଣ ଓ ଚୁଲା .. | ଟ | ୨,୫୦୦ |

(ଖ) ନିଯୁକ୍ତି

| | | |
|---|---|---|
| ଜଣେ ମ୍ୟାନେଜର (ଶିକ୍ଷିତ ବେକାର) ମାସିକ ଟ ୩୦୦ ଙ୍କା ହିସାବରେ ୧୨ ମାସ ପାଇଁ = ଟ ୩୦୦ × ୧୨ .. | ଟ | ୩,୬୦୦ |
| ଜଣେ ସହାୟକ ମାସିକ ଟ୧୫୦ଙ୍କା ହିସାବରେ ୧୨ ମାସ ପାଇଁ = ଟ୧୫୦ × ୧୨ | ଟ | ୧,୮୦୦ |

(ଗ) ୧ ମାସ ପାଇଁ କଞ୍ଚାମାଲ ଦୈନିକ ୦.୫ କୁଇଣ୍ଟାଲ ହିସାବରେ ୨୫ ଦିନ

| | | |
|---|---|---|
| ପାଇଁ ୧୨.୫ କୁଇଣ୍ଟାଲ । ଗହମ କୁଇଣ୍ଟାଲ ଟ୧୦୦ ହିସାବରେ = ଟ୧୦୦ × ୧୨.୫ | ଟ | ୧,୨୫୦ |
| ଅନ୍ୟାନ୍ୟ ଉପକରଣ .. | ଟ | ୫୦୦ |
| | ଟ | ୧,୭୫୦ |

ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ଜରିଆରେ ଟ ୧,୭୫୦ କାର୍ଯ୍ୟକାରୀ ମୂଳଧନ ଯୋଗାଡ଼ କରିବାକୁ ହେବ । ସ୍ଥାୟୀଭାବରେ ପାଉଁରୁଟି ବିକ୍ରୟ କରାଯିବ ।

## ତନ୍ତୁ ଶିଳ୍ପ

### ବାରମାସି ତନ୍ତ ଉତ୍ପାଦନ

ଯନ୍ତ୍ରପାତି ସାହାଯ୍ୟରେ ବାହାର କରାଯାଉଥିବା ତନ୍ତ ପାଣିରେ ପକ୍ୱ ହୋଇ ବାହାର କରାଯାଉଥିବା ତନ୍ତ ଅପେକ୍ଷା ଉତ୍କୃଷ୍ଟତର । ଏହା ଅଧିକ ଦରରେ ବିକ୍ରୀ ହୋଇଥାଏ ଓ ଏହାର ସୁବିଧା ମଧ୍ୟ ଅଧିକ । ମହାରାଷ୍ଟ୍ର,

ମଧ୍ୟ ପ୍ରଦେଶ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ରରେ ବହୁପରିମାଣରେ ବାରମାସି ବା ଢାର ବକ୍ଷିଆ ମିଳିଥାଏ। ଏହିସବୁ ରାଜ୍ୟରେ ଶିକ୍ଷିତ ବେକାରମାନଙ୍କ ପାଇଁ ଏହା ଗୋଟିଏ ଉପଯୁକ୍ତ ଶିଳ୍ପ ।

ଜଣେ ମାଟ୍ରିକ୍ୟୁଲେଟ୍ ଜଣେ ସହାୟକର ସାହାଯ୍ୟ ନେଇ ଏହି ଶିଳ୍ପ ପରିଚାଳନା କରି ପାରିବେ। ଗ୍ରାମବାସୀମାନେ ଠିକା ହିସିରେ ବାରବର୍ଷିଆ ଯୋଗାଇ ଦେଇପାରିବେ। ଜଣେ ମାଟ୍ରିକ୍ୟୁଲେଟ୍ ୧ ସପ୍ତାହ ତାଲିମ ପରେ ମେସିନ୍ ଚଳାଇ ପାରିବେ। ତନ୍ତୁ ନିର୍ଦ୍ଦେଶାଳୟ ଜରିଆରେ ତାଲିମର ବ୍ୟବସ୍ଥା କରାଯିବ।

ମେସିନ୍ ଓ ଯନ୍ତ୍ରପାତି ପାଇଁ ତାଙ୍କର ଟ ୫,୫୦୦ ଙ୍କା ଓ କାର୍ଯ୍ୟକାରୀ ମୂଳଧନ ପାଇଁ ଟ ୩,୫୦୦ ଙ୍କା ଦରକାର ହେବ ।

## ଆୟ

ମେସିନ୍ ଚାଳକ ହିସାବରେ ସେ ଦୈନିକ ଟ ୫ ଙ୍କା ପାଇବେ। ବର୍ଷକୁ ଲାଭ ଆକାରରେ ସେ ପ୍ରାୟ ୭୨,୦୦୦ ପାଇବେ। ସହାୟକ ଦିନକୁ ଟ ୩ ଙ୍କା ପାଇବେ। ପତ୍ର କାଟିବାରେ ଦୁଇଜଣ ମୂଲିଆଣୀ ନିଯୁକ୍ତହୋଇ ପାରିବେ। ସେମାନେ ପ୍ରତ୍ୟେକେ ଦୈନିକ ୨ ଟଙ୍କା ହିସାବରେ ପାଇବେ। ତେବେ ଆଗରୁ ଜଣାଯାଇଛି ଯେ ପତ୍ର ଠିକାରିସିରେ ସାଧାରଣତଃ ଯୋଗାଇ ଦିଆଯିବ ।

ତନ୍ତୁ ନିର୍ଦ୍ଦେଶାଳୟ ତରଫରୁ "ରସପାଡ଼ର" ମେସିନ୍ ଯୋଗାଇ ଦିଆଯିବ। ଅଏଲ ଇଂଜିନ ଓ ଅନ୍ୟାନ୍ୟ ଯନ୍ତ୍ରପାତି ବଜାରରୁ କିଣିବାକୁ ହେବ ।

## ବିକ୍ରୀବଟା

ଦଉଡ଼ି, ଧଳା ଧୋଇବା ବ୍ରୁସ ପ୍ରଭୃତି ତିଆରି ପାଇଁ ବାରବର୍ଷିଆ ତନ୍ତୁର ଚାହିଦା ରହିଛି। ଯଦି କୌଣସି ସଂସ୍ଥା ବିକ୍ରୀବଟା କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ତାହା ଦୂର କରିବା ଦିଗରେ ଖଦୀ ଓ ଗ୍ରାମୋଦ୍ୟୋଗ କମିଶନଙ୍କ ତନ୍ତୁ ନିର୍ଦ୍ଦେଶାଳୟ ସାହାଯ୍ୟ କରିବେ ।

## ଉତ୍ପାଦନର ବିବରଣୀ

ଦଉଡ଼ି ଓ ସୁତୁଲି ତିଆରି ପାଇଁ ବାରବର୍ଷିଆ ତନ୍ତୁ ଗୋଟିଏ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ।

## ଏହାର ଉପାଦେୟତା

ଦଉଡ଼ି ବଳିବା ପାଇଁ ବାରବର୍ଷିଆ ଗୋଟିଏ ବିଶେଷ ଆବଶ୍ୟକୀୟ ତନ୍ତୁ । ମାନିଲା ତନ୍ତୁ ପଛକୁ ଏହାର ସ୍ଥାନ ହେଲେ ବି ଏହା ଖୁବ୍ ଟାଣ ଓ ଏହାର ପାକଳ ଫିଟି ଯାଇ ଏହା ଢିଲା ହୋଇ ଯାଏ ନାହିଁ। ସମୁଦ୍ର ପାଣିରେ ଥିବା ଛୋଟ ଛୋଟ କୀଟାଣୁ ଏହାର କିଛି କ୍ଷତି କରି ପାରନ୍ତି ନାହିଁ। ତେଣୁ "ମାରିନ୍ସ୍ କର୍ଡେଜ୍" ତିଆରି ପାଇଁ ଏହା ବିଶେଷ ପ୍ରୟୋଜନୀୟ । ଗୃହକାମ, ଜାହାଜ କାମ, ବନ୍ଧାବନ୍ଧି ଓ ସାଧାରଣ ଶିଳ୍ପ କାମ ପାଇଁ ରସି ଓ ସୁତୁଲି ତିଆରି କରିବାରେ ଏହା ପ୍ରଧାନତଃ ବ୍ୟବହୃତ ହୋଇଥାଏ । ଅଖା, ପାଲ, ଗାଲିଚ୍ଚା ପ୍ରଭୃତି ତିଆରି କରିବାରେ ମଧ୍ୟ ଏହା ବ୍ୟବହୃତ ହୋଇଥାଏ। ବିଭିନ୍ନ ପ୍ରକାର ବ୍ରୁସ ତିଆରି କରିବାରେ ମଧ୍ୟ ଏହା ଅଳ୍ପ ପରିମାଣରେ ବ୍ୟବହୃତ ହୋଇଥାଏ ।

ଭାରତରେ ବାରବଶିଆ ଗୁଣ୍ଡ ନାହିଁ କହିଲେ ଚଳେ । ବଣବୁଦାରୁ, ବନ୍ଧବାଦରୁ, ରେଲ ବନ୍ଧର ଦୁଇପାର୍ଶ୍ୱରୁ ଓ ନଈ ପୋଖରୀ ବନ୍ଧରୁ ଏହା ସାଧାରଣତଃ ସଂଗୃହୀତ ହୋଇଥାଏ । ମୋଟରେ କେତେ ଜମିରେ ବାରବଶିଆ ହୁଏ, ତାହାର ସଠିକ ହିସାବ ନାହିଁ କିନ୍ତୁ ମୋଟାମୋଟି ୫୦,୦୦୦ ଏକରରେ ଏହା ଉତ୍ପାଦିତ ହୁଏ । ପ୍ରାୟ ୬୦,୦୦୦ ଟନ୍ ବାରବଶିଆ ଉତ୍ପାଦିତ ହୋଇଥାଏ । ବର୍ଷକୁ ୩ କୋଟି ଟଙ୍କା ମୂଲ୍ୟର ଉତ୍ପାଦନ କରିବା ପାଇଁ ପ୍ରାୟ ୨୫,୦୦୦ ଟନ୍ ତନ୍ତୁ ଏଥିରୁ ବାହାରି ଥାଏ । ଏଥିରୁ ପ୍ରାୟ ଶତକଡ଼ା ୧୦ ଭାଗର ଉପଯୋଗ କରାଯାଉ ଥାଏ । ଦେଶର ଆବଶ୍ୟକତା ତୁଲାଇବା ପାଇଁ ଆମର ଯଥେଷ୍ଟ ତନ୍ତୁ ଉତ୍ପାଦିତ ହେଉ ନ ଥିବାରୁ ପ୍ରତି ବର୍ଷ ଆମ ଦେଶ ପ୍ରଚୁର ବାରବଶିଆ ତନ୍ତୁ ବିଦେଶରୁ ଆମଦାନି କରେ ।

ଆମ ଦେଶରେ ଲୋକେ ବାରବଶିଆକୁ ନଈ, ନାଳ ଓ ପୋଖରୀରେ ପଚାଇ ସେଥିରୁ ତନ୍ତୁ ବାହାର କରନ୍ତି । ଏ ପ୍ରକାର ତନ୍ତୁ ବାହାର କରିବାରେ ସବୁଠାରୁ କମ୍ ଖର୍ଚ୍ଚ ହୁଏ । କିନ୍ତୁ ସେଥି ତନ୍ତୁ ବାହାରେ ତାହାର ରଙ୍ଗ ମାଟିଆ ହୋଇଯାଏ ଏବଂ ଶୀଘ୍ର ଛିଣ୍ଡିଯାଏ । ଯେଉଁ ଜାଗାମାନଙ୍କରେ ପାଣି ଅଭାବ ସେଠାରେ ବହୁତ ବାରବଶିଆ କାମରେ ଲାଗି ନ ପାରି ନଷ୍ଟ ହୋଇ ଯାଏ । 'ରାସ୍ ପାଡ଼ର' ନାମକ ଯନ୍ତ୍ରରେ ବାରବଶିଆ ତନ୍ତୁ ବାହାର କରିବାରେ ବହୁତ ସୁବିଧା ଅଛି । ଏହି ତନ୍ତୁ ପରିଷ୍କାର, ଚକ୍‌ଚକିଆ ଓ ଧଳା । ପାଣିରେ ପଚ୍ ହୋଇ ବାହାରୁ-ଥିବା ତନ୍ତୁଠାରୁ ଏହା ଯଥେଷ୍ଟ ମଜବୁତ୍ ଓ ସୁନ୍ଦର । ଆଉ ମଧ୍ୟ ଏହି ଯନ୍ତ୍ରକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସୁବିଧାରେ ନିଆଯାଇ ପାରେ ବୋହି ନେବା ଦରକାର ପଡ଼େ ନାହିଁ । କେବଳ ଘୋର ବର୍ଷା କାଳକୁ ଛାଡ଼ି ବାକି ୮।୧୦ ମାସ ତନ୍ତୁ ବାହାର କରିହେବ ।

## ବ୍ୟବହାର

ବାରବଶିଆ ଦଉଡ଼ି ତିଆରି କରୁଥିବା କାରଖାନାରେ ତଥା ଗାଁ ଗହଳର କାରିଗରମାନଙ୍କ ଦ୍ୱାରା ଓ ବ୍ରୁସ୍ ତିଆରି କରୁଥିବା କାରଖାନା ମାନଙ୍କରେ ଏହି ତନ୍ତୁ ବ୍ୟବହୃତ ହୋଇ ପାରିବ ।

## ଉତ୍ପନ୍ନ ପାଇଁ ବଜାର

କଲିକତା ଓ ଆଉ କେତେକ ସ୍ଥାନରେ ଅବସ୍ଥିତ ବାରବଶିଆ ଦଉଡ଼ି କାରଖାନାମାନେ ବହୁ ପରିମାଣରେ କଞ୍ଚା ବାରବଶିଆ ତନ୍ତୁ ଖରିଦ୍ କରିଥାନ୍ତି । ଗାଁ ଗହଳର କାରିଗରମାନେ ଦଉଡ଼ି ବଳିବା ସକାଶେ ମଧ୍ୟ ଏହା ଖରିଦ କରନ୍ତି । ବ୍ରୁସ୍ ତିଆରି କରିବା ପାଇଁ ଛୋଟ ଛୋଟ କାରଖାନାର ମାଲିକମାନେ ବି ଏହି ତନ୍ତୁ ଖରିଦ କରନ୍ତି । କଳକାରଖାନା ମାଲିକମାନେ ସାଧାରଣତଃ ଆଡ଼ତିଆମାନଙ୍କ ଜରିଆରେ ଏହି ତନ୍ତୁ ଖରିଦ କରନ୍ତି । କିନ୍ତୁ କଲିକତାରେ ଥିବା ଶାଲିମାର ଓ ଗ୍ୟାଞ୍ଜେସ୍ ରୋପ୍‌ଫ୍ୟାକ୍ଟ୍ରି ଏବଂ ଅନ୍ୟାନ୍ୟ ଛୋଟ କାରଖାନାମାନଙ୍କ ସହିତ ସିଧା ଯୋଗାଯୋଗ ସ୍ଥାପନ କଲେ ଚାଷୀମାନେ ଅଧିକ ଦରରେ ତନ୍ତୁ ବିକ୍ରୀ କରି ପାରିବେ ।

## ଲାଭର ପରିମାଣ

ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯଦି ବହୁ ପରିମାଣରେ ଉନ୍ନତ କିସମର ବାରବଶିଆ ମିଳି ପାରିବ, ତାହାହେଲେ ବିଶେଷ ଲାଭ ମିଳିବ । ଯଦି ଦୂର ଦୂରାନ୍ତ ସ୍ଥାନମାନଙ୍କରୁ ଅଳ୍ପ ଅଳ୍ପ ପରିମାଣର ବାରବଶିଆ ସଂଗ୍ରହ କରାଯାଏ ତାହାହେଲେ ପରିବହନ ଖର୍ଚ୍ଚ ବୃଦ୍ଧି ପାଏ ଓ ତାହା ଫଳରେ ଲାଭର ପରିମାଣ କମିଯାଏ । ଆଉ ମଧ୍ୟ ତନ୍ତୁ ପାଇଁ ମିଳୁଥିବା ଦର ଉପରେ ଲାଭର ହାର ନିର୍ଭର କରେ ।

ଏହିଭଳି ସଂସ୍ଥାରୁ ବାର୍ଷିକ ପ୍ରାୟ ଟ ୨,୦୦୦ ଙ୍କା ଲାଭ ମିଳେ ବୋଲି ହିସାବ କରା ଯାଇଛି ।

## ନିଯୁକ୍ତ ହେଉଥିବା ଲୋକ ପିଛା ଖର୍ଚ୍ଚ

ପ୍ରତ୍ୟେକ 'ରାସ୍‌ପାଡ଼ର' ସଂସ୍ଥା ଚଳାଇବା ପାଇଁ ଜଣେ 'ରାସ୍‌ପାଡ଼ର' ମେସିନ୍ ଚାଳକ ଓ ଜଣେ ସହାୟକ (ମୂଲିଆଣୀ) ଦରକାର । ଗୋଟିଏ ସଂସ୍ଥା ପାଇଁ ମୋଟ ଟ ୫,୫୦୦ ଙ୍କା ପୁଞ୍ଜି ଖଟାଇବାକୁ ପଡ଼େ ଏବଂ କାର୍ଯ୍ୟକାରୀ ମୂଳଧନ ବାବଦରେ ଟ ୩,୫୦୦ ଙ୍କା ଦରକାର ହୁଏ । ନିଯୁକ୍ତ ହେଉଥିବା ଲୋକ ପିଛା ଟ ୨,୭୫୦ ଓ ପ୍ରତ୍ୟେକ ଶ୍ରମିକ ପିଛା କାର୍ଯ୍ୟକାରୀ ମୂଳଧନ ଖର୍ଚ୍ଚ ଟ ୧,୭୦୦ ଙ୍କା ହେବ ।

କ । ଉତ୍ପାଦନ ପାଇଁ କଣ କଣ ଆବଶ୍ୟକ

୧ । ୫ ଅଶ୍ୱଶକ୍ତି ବିଶିଷ୍ଟ ଏୟାର କୁଲଡ୍ ଅଏଲ ଇଞ୍ଜିନ ଓ ଟବ୍, ବାଲଟି, ସ୍ପାନର ପ୍ରଭୃତି ଛୋଟ ଛୋଟ ଯନ୍ତ୍ରପାତି ସହିତ ରାସ୍‌ପାଡ଼ର ମେସିନ୍ ।

୨ । ଦୈନିକ ୧ ଟନ୍ ବାରମାସି ପତ୍ର

(ଖ) ପୁଞ୍ଜି ଆବଶ୍ୟକତା

(କ) ସ୍ଥାୟୀ ପୁଞ୍ଜି

| | | | |
|---|---|---|---|
| (୧) ସ୍ଥାଣ୍ଡ ଉପରେ ଆରୂଢ଼ ରାସପାଡ଼ର ଯନ୍ତ୍ର | .. | ଟ | ୧,୪୦୦ |
| (୨) ୫ ଅଶ୍ୱଶକ୍ତି ବିଶିଷ୍ଟ ଏୟାର କୁଲଡ଼ ଅଏଲ ଇଞ୍ଜିନ୍ | .. | ଟ | ୩,୫୦୦ |
| (୩) ଟବ୍, ବାଲ୍‌ଟି, ସ୍ପାନର ସେଟ୍ ପ୍ରଭୃତି | .. | ଟ | ୩୦୦ |
| (୪) ବନ୍ଧାବନ୍ଧି ଓ ଚଲାଣ ଖର୍ଚ୍ଚ | .. | ଟ | ୩୦୦ |
| | | ଟ | ୫,୫୦୦ |

(ଖ) କାର୍ଯ୍ୟକାରୀ ମୂଳଧନ (୨୫୦ ଦିନ ପାଇଁ)

| | | | |
|---|---|---|---|
| (୧) କଞ୍ଚାମାଲ— | | | |
| ବାରମାସି କ୍ଷେତର ମାଲିକମାନଙ୍କୁ ଟନ୍ ପିଛା ଦାମ୍ | .. | ଟ | ୫,୦୦୦ |
| (୨) ପତ୍ରକଟାପାଇଁ ମଜୁରି | | | |
| (୨ ଜଣ ମୂଲିଆଣୀ, ଦୈନିକ ଟ ୨ଙ୍କା ଲେଖାଏଁ) | .. | ଟ | ୧,୦୦୦ |
| (୩) ପତ୍ର ପରିବହନ ଖର୍ଚ୍ଚ ଦୈନିକ ଟ ୬ଙ୍କା ହିସାବରେ | .. | ଟ | ୧,୫୦୦ |
| | | ଟ | ୭,୫୦୦ |

୨। ମଜୁରି—

| | | | |
|---|---|---|---|
| (୧) ଦୈନିକ ଟ ୫ ହାରରେ ଅପରେଟର<br>ଦୈନିକ ଟ ୩ ହାରରେ ସହାୟକ | | ଟ | ୨,୦୦୦ |
| (୨) ଜାଳେଣି ଓ ମେସିନ ପରିବହନ ଦୈନିକ ଟ ୮ ଙ୍କା ହିସାବରେ | .. | ଟ | ୨,୦୦୦ |
| (୩) ପୁଞ୍ଜି ଉପରେ ସୁଧ (୧୦ %) | .. | ଟ | ୯୦୦ |
| (୪) କ୍ଷୟ କ୍ଷତି (୧୦ %) | .. | ଟ | ୬୦୦ |
| | | ଟ | ୧୩,୦୦୦ |

ମୋଟରେ ୪ ଥର ବ୍ୟବସାୟ କାରବାର ହେବ। କାର୍ଯ୍ୟକାରୀ ମୂଳଧନ ପାଇଁ ଟ ୩,୫୦୦ ଙ୍କା ଦରକାର ହେବ।

(ଘ) ବିକ୍ରୀଲବ୍ଧ ଆୟ—

ଦୈନିକ ୩୦ କେ : ଜି : ଶୁଖିଲା ବାରମାସି ପତ୍ର କେ : ଜି : ଟ ୨ ଙ୍କା ହିସାବରେ ଟ ୧୫,୦୦୦

ଜାଳେଣି ଓ ପାଣି—

ଜାଳେଣି- ଡ଼ିଜେଲ୍ ଦୈନିକ ୫ ଲିଟର ହିସାବରେ — ଟ ୫

ପାଣି- ଦୈନିକ ୫୦ ଗ୍ୟାଲେନ୍

ଲୋକବଳ—

କୌଶଳୀ କାରୀଗର (ରସପାତର ଚାଳକ) ୧

ଅକୌଶଳୀଶ୍ରମିକ (ହେଲ୍‌ପର) ୨

ତାଲିମ୍ ପାଇଁ କଅଣ ଆବଶ୍ୟକ—

କେବଳ ରସପାତର ଅପରେଟରର ପ୍ରାୟ ଏକ ସପ୍ତାହ ତାଲିମ୍ ଆବଶ୍ୟକ।

ପରିବହନ

ପରିବହନ ପାଇଁ ନିଜର କୌଣସି ଯାନବାହନ ଅନାବଶ୍ୟକ। ବଳଦ ଗାଡ଼ି ଓ ଟ୍ରକ୍ ଭଡ଼ା ନେଇ ପରିବହନ କରାଯାଇ ପାରିବ।

ସମ୍ଭାବନାମୂଳକ ଅଧ୍ୟୟନ—

ଗୋଟିଏ ରସ୍‌ପାତ୍ରର ସଂସ୍ଥା ସ୍ଥାପନ କରିବା ପୂର୍ବରୁ ପ୍ରଥମେ ଦେଖିବାକୁ ହେବ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯେପରି ପ୍ରଚୁର ପରିମାଣରେ ବାରମାସି ପତ୍ର ମିଳେ। ରାସ୍‌ପାତ୍ରର ଯନ୍ତ୍ରକୁ ବର୍ଷସାରା ସକ୍ରିୟ ରଖିବା ପାଇଁ ୨୫/୩୦

ଏକର ଜମିରେ ବାରମାସି (ବାରବରଷିଆ) ଘାସର ବ୍ୟବସ୍ଥା କରିବାକୁ ହେବ । ଯେଉଁଠାରେ କୃଷି କରାଯାଏ ନାହିଁ, ଅଥଚ ଏଣେ ତେଣେ ଗଛ ଉଠିଥାଏ ସେଠାରେ ଅନ୍ତତଃ ୩୦,୦୦୦ ଗୁଚ୍ଛ କାଟିବା ପାଇଁ ରହିବା ଦରକାର ।

## ତନ୍ତୁ ଶିଳ୍ପ

୨ । ବାନ୍ ତିଆରି

ଉତ୍ତର ଭାରତରେ କାଠ ଦଣ୍ଡାରେ ତିଆରି ଖଟକୁ 'ବାନ୍' ଯିବାରେ ବୁଣି ଘରେ ଘରେ ବ୍ୟବହାର କରନ୍ତି । କୁଡ଼ିଆମାନଙ୍କରେ ମଧ୍ୟ ପରିବାର ପକ୍ଷରେ ତାହା ଗୋଟିଏ ଏକାନ୍ତ ଆବଶ୍ୟକୀୟ ଜିନିସ । ଦୁଇ ଦୋଡ଼ 'ଭାବର' ଓ 'ମୁଞ୍ଜ' ଘାସକୁ ଏକାଠି ବଳି 'ବାନ୍' ତିଆରି କରାଯାଏ । ଝୋଟ ଓ ଛଣପଟର ବାନ୍ ମଧ୍ୟ ଖଟ ବୁଣିବାରେ ବ୍ୟବହୃତ ହୋଇଥାଏ । ଜିନିସ ପତ୍ର ବନ୍ଧା ବନ୍ଧି କରିବା ଓ ପ୍ୟାକିଂ କରିବାରେ ମଧ୍ୟ ଏଭଳି 'ବାନ୍' ବ୍ୟବହୃତ ହୋଇଥାଏ । ହାତ ପାପୁଲି ଓ ଚକିରେ ଦଉଡ଼ି ବଳା ହେଉଥିବା ଯେ କେହି ଦେଖିଥିବେ । କମିସନ ତରଫରୁ ଜାପାନୀ ବାନ୍ ତିଆରି ମେସିନ୍ ଚାଲୁ କରାଯାଇ ତାହା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛି । ସାଧାରଣତଃ ଏହି ମେସିନ୍ ହାତରେ ଚଳାଯାଇଥାଏ । ଏବେ ମେସିନ୍‌କୁ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଚଳାଇବା ପାଇଁ ସେଥିରେ ଉପଯୁକ୍ତ ଭାବରେ ଅଦଳ ବଦଳ କରାଯାଇଛି । ବୁଣିବା ଉଦ୍ଦେଶ୍ୟରେ ଘାସକୁ ବାଡ଼େଇ ନରମ କରିବା ପାଇଁ ବର୍ତ୍ତମାନ ଗୋଟିଏ ଯାନ୍ତ୍ରିକ ହାତୁଡ଼ି ବ୍ୟବହାର କରାଯାଉଛି ।

## ଗୋଟିଏ ଯାନ୍ତ୍ରିକ ସଂସ୍ଥା ପାଇଁ ଆର୍ଥିକ ଆବଶ୍ୟକତା

କାରିଗରମାନେ ଘରେ ବସି ବ୍ୟକ୍ତିଗତ ଭାବେ ମେସିନ୍ ଚଳାଇବା ପାଇଁ ୧।୪ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ମଟର ବ୍ୟବହାର କରିପାରନ୍ତି । କିନ୍ତୁ ଜଣେ ଶିକ୍ଷିତ ବ୍ୟକ୍ତି ଯେପରି ଅଧିକ ରୋଜଗାର କରି ପାରିବେ, ସେଥିପାଇଁ ଅନ୍ତତଃ ୪ଟି ମେସିନ୍ ଓ ଗୋଟିଏ ହାତୁଡ଼ି ବିଶିଷ୍ଟ ଏକ ସଂସ୍ଥା ଗଠିତ ହେବା ଦରକାର । ଏହି ଉଦ୍ଦେଶ୍ୟରେ ତାଙ୍କୁ ମେସିନ୍ କିଣିବା ଓ ତାହା ସ୍ଥାପନ କରିବାରେ ଟ ୬,୨୦୦ଙ୍କା ଖଟାଇବାକୁ ପଡ଼ିବ । କାର୍ଯ୍ୟକାରୀ ମୂଳଧନ ସ୍ୱରୂପ ଟ ୪,୦୦୦ଙ୍କା ଦରକାର ହେବ ।

**ମେସିନ୍ ଓ ଯନ୍ତ୍ରପାତି:—**

| | | |
|---|---|---|
| ୧ । ବିଦ୍ୟୁତ୍ ଚାଳିତ ହାତୁଡ଼ି | .. | ଟ ୬୦୦ |
| ୨ । 'ବାନ୍' ମେସିନ୍ (୪) ପ୍ରତ୍ୟେକଟିକୁ ଟ ୪୦୦ଙ୍କା ହିସାବରେ | .. | ଟ ୧,୬୦୦ |
| ୩ । ସ୍ୱିଚ୍ ଓ ଷ୍ଟାଟର ସହିତ ୩ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ମଟର | .. | ଟ ୧,୫୦୦ |
| ୪ । ଶାଫଟ୍, ପୁଲି, ବେଲ୍ଟ୍ ବନ୍ଧାବନ୍ଧି ଓ ଖଲାଣ କରିବା ଏବଂ ସ୍ଥାପନ କରିବା ଖର୍ଚ୍ଚ | | ଟ ୧,୫୦୦ |
| ୫ । ବିଦ୍ୟୁତ୍ ସ୍ଥାପନା | .. | ଟ ୧,୦୦୦ |
| ମୋଟ୍ | .. | ଟ ୬,୨୦୦ |

## କାର୍ଯ୍ୟକାରୀ ମୂଳଧନ:—

ଏଥି ସହିତ ପ୍ରଦତ୍ତ ବିବରଣୀ ଅନୁଯାୟୀ ଗୋଟିଏ ସଂସ୍ଥାର ବାର୍ଷିକ ଉତ୍ପାଦନ ଖର୍ଚ୍ଚ ଟ ୧୭,୩୫୦ ହେବ । ଏହି ସବୁ ଖର୍ଚ୍ଚ ପାଇଁ କାର୍ଯ୍ୟକାରୀ ମୂଳଧନ ରୂପେ ପ୍ରତି ୩ ମାସର ଆବଶ୍ୟକତା ପାଇଁ ବ୍ୟବସ୍ଥା କରିବାକୁ ହେବ । ଏହି ଉଦ୍ଦେଶ୍ୟରେ ଟ ୪,୦୦୦ ଙ୍କା ଦରକାର ।

## ହାତୁଡ଼ି ତାଲିମ୍:—

ହାତୁଡ଼ି ଓ 'ବାନ୍' ମେସିନ୍ ଚଳାଇବା ସକାଶେ ମାତ୍ର ୭ ଦିନ ତାଲିମ୍ ନେଲେ ଯଥେଷ୍ଟ । ମେସିନ୍ ସ୍ଥାପନ ହୋଇ ସାରିବା ପରେ କେନ୍ଦ୍ରରେ ତନ୍ତ୍ର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଏଥିପାଇଁ ବ୍ୟବସ୍ଥା କରାଯିବ । ଦାମ୍ ନେଇ ମେସିନ୍ ଯୋଗାଇ ଦେବାପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ମେସିନ୍ ବସାଇବା ପାଇଁ ସାହାଯ୍ୟ କରାଯିବ ।

ନିମ୍ନଲିଖିତ ବିବରଣୀରେ ଯାନ୍ତ୍ରିକ ପଦ୍ଧତିରେ 'ବାନ୍' ତିଆରି କରିବାର ଖର୍ଚ୍ଚ ବର୍ଣ୍ଣ ଦିଆଯାଉଛି ।

## ଯାନ୍ତ୍ରିକ ପଦ୍ଧତିରେ 'ବାନ୍' ତିଆରି କରିବାର ଖର୍ଚ୍ଚ—

ବାର୍ଷିକ ଉତ୍ପାଦନ ଖର୍ଚ୍ଚର ଅଟକଳ (୨୫୦ କାର୍ଯ୍ୟ ଦିବସ)

| | | |
|---|---|---|
| (କ) କଞ୍ଚା ମାଲ— | | |
| ମେସିନ୍ ପ୍ରତି ଦୈନିକ ୨୫ କେ : ଜି : 'ଭାବର' (ହାରାହାରି) କିଲୋ ପ୍ରତି ୩୦ ପଇସା ହିସାବରେ ୪ ଟି ମେସିନ୍ ପାଇଁ 'ଭାବର' | | ଟ ୭,୫୦୦ |
| (ଖ) ମଜୁରି | | |
| ୧ । ହାତୁଡ଼ି ଘୁନକ ଦୈନିକ ଟ ୫ ଙ୍କା ହିସାବରେ<br>୨ । ୪ଜଣ ବୁଣାଳୀ ଦୈନିକ ଟ ୪ ଙ୍କା ହିସାବରେ | } | ଟ ୫,୨୫୦ |
| (ଗ) ବିବିଧ | | |
| ୧ । ଭଡ଼ା ମାସିକ ଟ ୧୦୦ ଙ୍କା ହିସାବରେ | .. | ଟ ୧,୨୦୦ |
| ୨ । ମରାମତ ଓ ଅଦଳବଦଳ | .. | ଟ ୫୦୦ |
| ୩ । ବିଦ୍ୟୁତ୍ ଓ ଲୁବ୍ରିକେସନ | .. | ଟ ୯୦୦ |
| ୪ । ଅପ୍ରତ୍ୟାଶିତ ଖର୍ଚ୍ଚ | .. | ଟ ୧,୦୦୦ |
| | | ଟ ୩,୬୦୦ |
| (ଘ) ସର୍ବୋପରି | | |
| ୧ । କ୍ଷୟକ୍ଷତି (୧୦ %) | .. | ଟ ୬୦୦ |
| ୨ । କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ | .. | ଟ ୪୦୦ |
| | | ଟ ୧,୦୦୦ |
| | ମୋଟ | ଟ ୧୭,୩୫୦ |

ବର୍ଦ୍ଧିଦର :—

ହାରାହାରି ମେସିନ୍ ପ୍ରତି ଦୈନିକ କେ : ଜି : ପ୍ରତି ଟ ୧ ଙ୍କା ହିସାବରେ ୨୦ କେ: ଜି: ବାଦ୍ ଟ ୨୦,୦୦୦

ଲଭ

ବିଶେଷ ଦ୍ରଷ୍ଟବ୍ୟ :—ଗୋଟିଏ ବିଦ୍ୟୁତ୍ ଚାଳିତ ହାତୁଡ଼ି ଦୈନିକ ପ୍ରାୟ ୪୦୦ କେ : ଜି : ଭାବରେ ବା ପ୍ରାୟ .. ଟ ୩,୬୫୦
୯୫ କେ : ଜି : ମୁଞ୍ଜ ଘାସକୁ ନରମ କରି ପାରିବ । ଉତ୍ପାଦନ କେନ୍ଦ୍ରର ଆବଶ୍ୟକତା ତୁଲାଇ ସାରିବା ପରେ ଗ୍ରାମର କାରିଗର ମାନଙ୍କଠାରୁ ଆଣାଯାଇଥିବା ଘାସକୁ ନିର୍ଦ୍ଦିଷ୍ଟ ମଜୁରି ନେଇ ନରମ କରାଯାଇପାରେ । ଏହା ଫଳରେ ଉତ୍ପାଦନ କେନ୍ଦ୍ର ଅଧିକା ଆୟ କରି ପାରିବ ।

ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ

ସିଭିଲ ଇଞ୍ଜିନିୟରିଂରେ ଜଣେ ଡିପ୍ଲୋମାଧାରୀ ଓ ମେକାନିକାଲ ଇଞ୍ଜିନିୟରିଂରେ ଜଣେ ଡିପ୍ଲୋମାଧାରୀ ଦୁଇଜଣ ହେଲ୍ପରଙ୍କ (ସହାୟକ) ସାହାଯ୍ୟ ନେଇ ଗୋଟିଏ ସଂସ୍ଥା ସ୍ଥାପନ କରି ଗ୍ୟାସ୍ ପ୍ଲାଣ୍ଟ ଓ ହୋଲ୍ଡର ପ୍ରଭୃତି ନିର୍ମାଣ କରିପାରିବେ ।

ଏହିଭଳି ଗୋଟିଏ ସଂସ୍ଥା ଦରିଆରେ ପ୍ରତି ମାସରେ ପ୍ରାୟ ୨୦ଟି ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରାଯାଇ ପାରିବ । ଦେଶର ବିଭିନ୍ନ ପ୍ରାନ୍ତରେ ଏହିଭଳି ୨୫ଟି ସଂସ୍ଥା କାର୍ଯ୍ୟକରିବ ।

ଏହି ଦୁଇଜଣ ଇଞ୍ଜିନିୟର ମୂଳଧନ ରୂପେ ପ୍ରତ୍ୟେକେ ଟ ୨୦୦୦ ଙ୍କା ଅର୍ଥାତ୍ ମୋଟ୍ ଟ ୪୦୦୦ ଙ୍କା ପାଇବେ । ତାହାପରେ ସେମାନେ ଗୋଟିଏ ବ୍ୟାଙ୍କ୍ରୁ ବା ସାଧାରଣ ଅର୍ଥ ବିନିଯୋଗକାରୀ ଅନୁଷ୍ଠାନରୁ ଟ ୨୦,୦୦୦ (ସମ ଋଣ ଅନୁପାତ ୧ :୫) ଋଣ ନେବେ । ଏହି ରୂପେ ମୋଟରେ ଟ ୨୪,୦୦୦ ଙ୍କା ମୂଳଧନ ମିଳିପାରେ । ଯୋଜନାଟି ନିମ୍ନଲିଖିତ ମତେ କାର୍ଯ୍ୟକାରୀ ହେବ ।

| | | |
|---|---|---|
| ୧ । ଘର ଭଡ଼ାରେ ନିଆଯାଇପାରେ କିମ୍ବା ୬ ମିଟର×୧୨ ମିଟରରେ ଗୋଟିଏ କାରଖାନା ଘର ତିଆରି କରାଯାଇପାରେ । କାରଖାନା ଘରର ନିର୍ମାଣ ଖର୍ଚ୍ଚ ୬ ମି : × ୧୨ ମି : = ୭୨; ୧୫୦ ଟଙ୍କା ମିଟର ପ୍ରତି | | ଟ ୧୦,୮୦୦ |
| ୨ । କଳକବ୍ଜା (ପରିବହନ, ଟାକ୍ସ ଓ ସ୍ଥାପନ) | | |
| ଗୋଟିଏ ଓଏଲଡ଼ିଂ ସେଟ୍ | .. | ଟ ୩,୬୦୦ |
| ଗୋଟିଏ ଡ୍ରିଲିଂ ମେସିନ୍ | .. | ଟ ୧,୨୦୦ |
| ଗୋଟିଏ ହ୍ୟାଣ୍ଡ ସିଅରିଂ ମେସିନ୍ | .. | ଟ ୧,୪୦୦ |
| ଗୋଟିଏ ପାଉଆରସ୍ | .. | ଟ ୧,୫୦୦ |
| ହାତ ଯନ୍ତ୍ରପାତି (ଟୁଲ୍) | .. | ଟ ୧,୦୦୦ |
| ବିଦ୍ୟୁତ୍ ସଂଯୋଗ | .. | ଟ ୨,୫୦୦ |
| ଅନ୍ୟାନ୍ୟ | .. | ଟ ୧,୦୦୦ |
| | | ଟ ୧୨,୨୦୦ |

ମୋଟ ସ୍ଥାୟୀ ବିନିଯୋଗ

| | | |
|---|---|---|
| ଘର | .. ଟ | ୧୦,୮୦୦ |
| ଯନ୍ତ୍ରପାତି | ଟ | ୧୨,୨୦୦ |
| ମୋଟ୍ | .. ଟ | ୨୩,୦୦୦ |

କାର୍ଯ୍ୟକାରୀ ମୂଳଧନ: ଇସ୍ପାତ୍, ସିମେଣ୍ଟ ପ୍ରଭୃତି କଞ୍ଚାମାଲର ମୂଲ୍ୟକୁ ଗିଣିକରି। ହାରାହାରି ୪ ମି: ଧାରଣ କ୍ଷମତା ବିଶିଷ୍ଟ ଏଭଳି ଗ୍ୟାସ୍ ପ୍ଲାଣ୍ଟରେ ଟ ୨୪୭୩ ଖର୍ଚ୍ଚ ହେବ। ଏଥିରୁ ମଧ୍ୟେ ହେବ କଞ୍ଚାମାଲ, ଯାହାର ମୂଲ୍ୟ ଟ ୧୨୫୦ ହେବ ବୋଲି ଧରାଯାଉ। ତେଣୁ ଗୋଟିଏ ମାସ ପାଇଁ ଲୋଡା ହେଉଥିବା ମାଲର ମୂଲ୍ୟ ହେବ ଟ ୧୨୫୦×୨୦= ଟ ୨୫,୦୦୦। ଗ୍ୟାସ୍ ପ୍ଲାଣ୍ଟର ମାଲିକଙ୍କଠାରୁ ଏହାର ୫୦ % ମିଳିବ ବୋଲି ଧରାଗଲେ, ସଂସ୍ଥାକୁ ଅବଶିଷ୍ଟ ୫୦ % ଅର୍ଥାତ୍ ଟ ୧୨,୫୦୦ ବ୍ୟାଙ୍କରୁ ଋଣ ସ୍ୱରୂପ ଗ୍ରହଣ କରିବାକୁ ହେବ। ଏହା ହେବ କାର୍ଯ୍ୟକାରୀ ମୂଳଧନ।

ମୋଟ ମୂଳଧନ:—

| | | |
|---|---|---|
| ସ୍ଥାୟୀ ମୂଳଧନ | .. ଟ | ୨୩,୦୦୦ |
| କାର୍ଯ୍ୟକାରୀ ମୂଳଧନ | .. ଟ | ୧୨,୫୦୦ |
| ମୋଟ୍ | .. ଟ | ୩୫,୫୦୦ |

କାର୍ଯ୍ୟକାରୀ ଖର୍ଚ୍ଚ:—

| | | |
|---|---|---|
| ଦୁଇଜଣ ହେଲ୍‌ପରଙ୍କ ଦରମା ମାସିକ ଟ ୨୦୦ | - ଟ | ୪,୮୦୦ |
| ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ | - ଟ | ୪୮୦ |
| ମରାମତି, ଅଦଳବଦଳ ଆଦି | - ଟ | ୧,୨୦୦ |
| କର୍ମ୍ମ ଘରର ୧୦ % ହାରରେ କ୍ଷୟ କ୍ଷତି | - ଟ | ୧,୦୮୦ |
| ଯନ୍ତ୍ରପାତିର ୧୦ % ହାରରେ କ୍ଷୟକ୍ଷତି | - ଟ | ୧,୨୨୦ |
| ଋଣ ରୂପେ ନିଆଯାଇଥିବା ମୂଳଧନ ଉପରେ ଶତକଡା ୧୦ % ସୁଧ ୨୦,୦୦୦+୧୨,୫୦୦ ଶତକଡା ୧୦ % | - ଟ | ୩,୨୫୦ |
| ଅନ୍ୟାନ୍ୟ: କର, ଟିକସ, ଡାକ ଖର୍ଚ୍ଚ, ପରିବହନ, ଗସ୍ତ ଖର୍ଚ୍ଚ ପ୍ରଭୃତି | - ଟ | ୩,୦୦୦ |
| ମୋଟ | ଟ | ୧୫,୦୮୦ |

ଆୟ:—

ପ୍ରତି ସଂସ୍ଥାରେ ବାର୍ଷିକ ୨୪୦ ହିସାବରେ ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରାଯିବ, ଯାହାର ମୂଲ୍ୟ ହେବ ଟ ୫,୯୪,୦୦୦ ।

ଏହି ଦାମରେ ୭.୫ % ଲାଭ ହେବ ବୋଲି ଧରାଗଲେ ମୋଟ (ଗ୍ରସ୍) ଲାଭ ହେବ ଟ ୪୪,୫୫୦ ।

| | | |
|---|---|---|
| ମୋଟ ଆୟ | .. ଟ | ୪୪,୫୫୦ |
| ଖର୍ଚ୍ଚ ବାଦ୍‌ଯିବ | .. ଟ | ୧୫,୦୩୦ |
| ନିଟ ଆୟ | .. ଟ | ୨୯,୫୨୦ |

ଏଣୁ ଦୁଇଜଣ ଇଂଜିନିୟର ଟ ୨୯,୫୨୦ ଆୟ କରିବେ । ସ୍ଥାୟୀ ଆସ୍ତି ଉପରେ ୫ ବର୍ଷ ମଧ୍ୟରେ ଯେଉଁ ଋଣ ପରିଶୋଧ କରିବାକୁ ହେବ, ତାହା ବିଚାରକୁ ନେଲେ ଏହି ଆୟର ପରିମାଣ ଆଉ ଟ ୪,୭୦୦ କମିଯିବ । ତେଣୁ ଟ ୨୯,୫୨୦ —ଟ ୪,୭୦୦=ଟ ୨୪,୮୨୦ ଦୁଇଜଣ ଇଂଜିନିୟରଙ୍କର ଆୟ ହେବ; ଅର୍ଥାତ୍ ପ୍ରତ୍ୟେକେ ବେତନ ସମେତ ବାର୍ଷିକ ଟ ୧୨,୪୧୦ ରୋଜଗାର କରିପାରିବେ । ଉପର୍ଯ୍ୟୁକ୍ତ ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ବୋର୍ଡମାନଙ୍କୁ ପ୍ରଥମେ ଦେଖିବାକୁ ହେବ କେତେ ଜଣ ଚାଷୀ ନିଜ ଖର୍ଚ୍ଚରେ ବା ବ୍ୟାଙ୍କରୁ ଋଣ ନେଇ ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଯେଉଁ ଚାଷୀମାନଙ୍କର ୭ଟି ଗୋରୁ ଥିବେ, ସେମାନେ ଗୋବର ଗ୍ୟାସ୍ ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇପାରନ୍ତି । ଏପରି ସ୍ଥଳେ ଏ ପ୍ରସ୍ତାବରେ ଅର୍ଥ ଖଟାଇବା ପାଇଁ ବ୍ୟାଙ୍କମାନଙ୍କ ପକ୍ଷରେ ସମ୍ଭବ ହୋଇପାରେ । କମିସନ ଅଭିଜ୍ଞତାରୁ ଜାଣି ପାରିଛନ୍ତି ଯେ ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ସମ୍ପର୍କରେ ଆଗ୍ରହାନ୍ୱିତ ହେବାଭଳି ଅନ୍ତତଃ କେତେ ହଜାର ଚାଷୀ ଆଗଭର ହୋଇଆସିବେ ।

## ଚମଡ଼ା ଶିଳ୍ପ

୧ । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଉତ୍ପାଦନ ଓ ବିକ୍ରୟ ପାଇଁ ଗୋଟିଏ ଲେଖାଏଁ ସଂଯୁକ୍ତ ସଂସ୍ଥା ଗଠନ କରିବେ ।

୨ । ପ୍ରତ୍ୟେକ ଉଦ୍ୟୋଗକାରୀ ମାସକୁ ସର୍ବନିମ୍ନ ଟ ୨୦୦ ରୋଜଗାର କରିପାରିବା ଭଳି ବ୍ୟବସ୍ଥା ଏହି ପରିକଳ୍ପନାରେ କରାଯାଇଛି ।

୩ । (କ) ପରିକଳ୍ପନାର ବିଶଦ ବିବରଣୀ

(୧) ଏହି ସଂସ୍ଥାରେ ମାସିକ ୨୦୦ ହଳ ଜୋତା ତିଆରି ପାଇଁ ଲକ୍ଷ୍ୟ ରଖାଯାଇଛି ।

(୨) ଜାଗା—କାରଖାନା ବସାଇବା ପାଇଁ ୨୫୦ ବର୍ଗଫୁଟ ତିଆରି ଜାଗା ଦରକାର । ଏହି ଜାଗାକୁ ମାସିକ ଟ ୧୦୦ ଭିତରେ ଭଡାରେ ନିଆଯାଇପାରେ ।

(ଖ) ଏକ କାଳୀନ ଖର୍ଚ୍ଚ

| | | | |
|---|---|---|---|
| (୧) ଉପକରଣ ଓ ଯନ୍ତ୍ରପାତି | .. | ଟ | ୩,୦୦୦ |
| (୨) ଆସବାବ ପତ୍ର | .. | ଟ | ୫୦୦ |
| ମୋଟ | .. | ଟ | ୩,୫୦୦ |

(ଗ) ମାସକୁ ୨୦୦ ହଳ ଜୋତା ଉତ୍ପାଦନ ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ଓ ଶ୍ରମ—

| | | | |
|---|---|---|---|
| (୧) ବର୍ଗଫୁଟକୁ ଟ ୩ ଦରରେ ୧୦୦ ବର୍ଗଫୁଟ କ୍ରୋମ୍ ଚମଡା | .. | ଟ | ୩୦୦ |
| (୨) ହଳ ପାଇଁ ଟ ୪ ଦରରେ ୨୦୦ ହଳ ଜୋତା ପାଇଁ ରେଜିଡେବଲ ଟାର୍ଡ୍ ଚମଡା/ରବର ସିଟ୍ । | | ଟ | ୮୦୦ |
| (୩) ହଳକୁ ଟ ୧.୨୫ ଦରରେ ଗ୍ରାଇଣ୍ଡେରି/ଆଡ୍‌ହେସିଭ | .. | ଟ | ୨୫୦ |
| (୪) ହଳକୁ ଟ ୨ ଦରରେ ମୂଳ ମଜୁରି | .. | ଟ | ୪୦୦ |
| ମୋଟ୍ | .. | ଟ | ୧,୭୫୦ |

ମାସକୁ ୨୦୦ ହଳ ଜୋତା ଉତ୍ପାଦନ କରିବା ପାଇଁ ମୋଟ ଖର୍ଚ୍ଚ ଟ ୧,୭୫୦ ହେବ । ତେଣୁ ସାରା ବର୍ଷ ପାଇଁ ଟ ୨୧,୦୦୦ ଆବଶ୍ୟକ ହେବ । ଆଶା କରାଯାଏ ଯେ ଜଣେ ବ୍ୟକ୍ତି (ଉଦ୍ୟୋଗକାରୀ) ଯଦି ୩ ମାସ ଲାଗି ଆବଶ୍ୟକ ହେଉଥିବା କାର୍ଯ୍ୟକାରୀ ମୂଳଧନ ପାଏ, ତାହାହେଲେ ସେ ସ୍ଥାୟୀ ଭାବରେ କାମ ଚଳୁ ରଖିବାକୁ ସମର୍ଥ ହେବ । ତେଣୁ ୩ ମାସ ପାଇଁ ଜଣେ ଉଦ୍ୟୋଗକାରୀଙ୍କର କାର୍ଯ୍ୟକାରୀ ମୂଳଧନ ବାବଦରେ ଟ ୫,୨୫୦ ବା ଟ ୫,୦୦୦ ଆବଶ୍ୟକ ହେବ ।

୨୦୦ ହଳ ଚପଲର ଦାମ ଟ ୧୭୫୦ ଟଙ୍କା ହେବ । ତେଣୁ ପ୍ରତି ହଳକର ଉତ୍ପାଦନ ଖର୍ଚ୍ଚ ଟ ୮.୭୫ ହେବ । ତିଆରି ହୋଇଥିବା ଚପଲର ଶତକଡା ୫୦ ଭାଗକୁ ପାଇକାରୀ ଦରରେ ବିକ୍ରୀ କରିବା ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଶତକଡା ୨୦ ଭାଗ ଗ୍ରସ୍ ଲାଭ ଯୋଗ କରିବାକୁ ହେବ । ତେଣୁ ପାଇକାରୀ ଦରରେ ବିକ୍ରୀ ହେବା ୧ ହଳ ଚପଲର ବିକ୍ରୀ ଦାମ ଟ ୧୦.୫୦ ପଇସା ହେବ ।

ଅବଶିଷ୍ଟ ଶତକଡା ୫୦ ଭାଗ ଚପଲକୁ ଖୁଚୁରା ଦରରେ ବିକ୍ରୀ କରିବା ପାଇଁ ଶତକଡା ୫୦ ଭାଗ ଯୋଗ କରିବାକୁ ହେବ । ଏଣୁ ଖୁଚୁରା ବିକ୍ରୀ ଦର ହେବ ଟ ୧୩'୧୩ ଅର୍ଥାତ୍ ହଳେ ଜୋତାର ବିକ୍ରୀ ଦାମ ଟ ୧୩'୨୦ ପଇସା ହେବ । ମୋଟା ମୋଟି କହିବାକୁ ଗଲେ ହଳେ ଜୋତାର ପାଇକାରୀ ବିକ୍ରୟ ଦର ଟ ୧୦'୫୦ ଏବଂ ଖୁଚୁରା ବିକ୍ରୟ ଦର ଟ ୧୩'୨୦ ହେବ । ବଜାରରେ ଏହି ଜୋତା ଟକ୍କର ଦେଇ ବିକ୍ରୀ ହୋଇପାରିବ ।

## ଗୋଟିଏ ମାସର ଲାଭ ଓ କ୍ଷତି ହିସାବ

| ଜମା | ଖର୍ଚ୍ଚ | | |
|---|---|---|---|
| (୧) ପାଇକାରୀ ଦରରେ ହଳ ଟ ୧୦.୫୦ ରେ ୧୦୦ ହଳ ଚପଲ ବିକ୍ରୟ କରି ଟ ୧,୦୫୦ | ମାସକୁ ଘର ଓ ବିଦ୍ୟୁତ ବାବତ ଭଡା ଓ କର | ଟ | ୧୦୦ |
| | କଞ୍ଚାମାଲ ଖରିଦ .. | ଟ | ୧,୭୫୦ |
| | ଉପକରଣ, ଯନ୍ତ୍ରପାତି ଓ ଆସବାବ ପତ୍ର ଉପରେ କ୍ଷୟ କ୍ଷତି (୧୦% ହିସାବରେ | ଟ | ୩୦ |
| (୨) ଖୁଚୁରା ଦରରେ ହଳ ଟ ୧୩.୨୦ ରେ ୧୦୦ ହଳ ଚପଲ ବିକ୍ରୟ କରି ଟ ୧,୩୨୦ | ଟ ୬,୦୦୦ ଋଣ ଉପରେ ୭% ହାରରେ ସୁଧ | ଟ | ୩୫ |
| | | ଟ | ୧,୯୧୫ |
| | ବାକ୍ସ ସମେତ ବିଭିନ୍ନ ଖର୍ଚ୍ଚ.. | ଟ | ୭୫ |
| | ମାସକୁ ଋଣ ପରିଶୋଧ .. | ଟ | ୧୫୦ |
| | | ଟ | ୨,୧୪୦ |
| | ଉଦ୍ୟୋଗକାରୀଙ୍କର ନିଟ ମାସିକ ରୋଜଗାର .. | ଟ | ୨୩୦ |
| ମୋଟ ଟ ୨,୩୭୦ | .. | ଟ | ୨,୩୭୦ |

(୧) ଏହି ପରିକଳ୍ପନା ଅନୁସାରେ ୩ ଜଣ କାରିଗରଙ୍କ ପାଇଁ ଅଧିକ ତଥା ନିୟମିତ କର୍ମ ସଂସ୍ଥାନର ବ୍ୟବସ୍ଥା କରାଯାଇଛି । ସେମାନେ ପ୍ରତ୍ୟେକେ ଦିନକୁ ଟ ୫ ଆୟ କରିପାରିବେ ।

(୨) ଏହି ପରିକଳ୍ପନାରେ ଆହୁରି ମଧ୍ୟ ବ୍ୟବସ୍ଥା କରାଯାଇଛି ଯେ ଉଦ୍ୟୋଗକାରୀଙ୍କୁ ଟ ୭,୦୦୦ ପୁଞ୍ଜି ଯୋଗାଇବାକୁ ହେବ । ସେ ସମୁଦାୟ ଋଣକୁ ୫ ବର୍ଷ ମଧ୍ୟରେ ପରିଶୋଧ କରିପାରିବେ ଏବଂ ଋଣ ଉପରେ ଶତକଡା ୬ ହାରରେ ସୁଧ ମଧ୍ୟ ଦେଇପାରିବେ ।

(୩) ଋଣ କ୍ରମେ କ୍ରମେ ପରିଶୋଧ ହୋଇଯିବାପରେ ଉଦ୍ୟୋଗକାରୀଙ୍କର ସୁଧ ଆଦାୟ କମି କମି ଯିବ ଏବଂ ସେ ଅଧିକତର ଆୟ କରିପାରିବେ ।

(ଗ) ଅର୍ଥାଗମର ପନ୍ଥା:—

(୧) ନିଯୁକ୍ତି ଯୋଗାଇବା ପାଇଁ ସରକାରୀ ପରିକଳ୍ପନାରୁ ଉଦ୍ୟୋଗକାରୀଙ୍କୁ ତାଲିମ ଦେବାପାଇଁ

| | | |
|---|---|---|
| ଷ୍ଟାଇପେଣ୍ଡ .. | ଟ | ୩୦୦ ତିନି ମାସପାଇଁ |
| ଯିବା ଆସିବା ପାଇଁ ଗସ୍ତ ଖର୍ଚ୍ଚ | ଟ | ୧୦୦ |
| ତାଲିମ ବେଳେ ଅନ୍ୟାନ୍ୟ ଖର୍ଚ୍ଚ | ଟ | ୧୦୦ |
| | ଟ | ୫୦୦ |

| | | |
|---|---|---|
| (୨) ଯନ୍ତ୍ରପାତି ପାଇଁ ପୁଞ୍ଜି .. | ଟ | ୫୦୦ |
| (୩) ଆନୁଷଙ୍ଗିକ ଖର୍ଚ୍ଚ (ଗ୍ରାଣ୍ଟ) .. | ଟ | ୧,୦୦୦ |
| (୪) ବ୍ୟବସାୟୀ ବ୍ୟାଙ୍କ ଆଦିଙ୍କ ଠାରୁ .. | ଟ | ୭,୦୦୦ |
| .. | ଟ | ୯,୦୦୦ |

## ଗ୍ରାମ୍ୟ ତୈଳ ଉଦ୍ୟୋଗ

ଯେଉଁଭଳି ପରିକଳ୍ପନା ଅନୁସାରେ ଶିକ୍ଷିତ ବେକାରମାନଙ୍କୁ ସ୍ଥାୟୀ ଭାବରେ କାମ ଯୋଗାଇ ହେବ, ସେହିଭଳି ପରିକଳ୍ପନା ପ୍ରସ୍ତୁତ କରିବା ପାଇଁ ଭାରତ ସରକାର ଖଦୀ ଓ ଗ୍ରାମୋଦ୍ୟୋଗ କମିସନଙ୍କୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମର ପରିସର ଭୁକ୍ତ ହେବା ପାଇଁ ଶିକ୍ଷିତ ବେକାରମାନଙ୍କ ମଧ୍ୟରୁ ଉପଯୁକ୍ତ ଉଦ୍ୟୋଗକାରୀ ବାଛିବାକୁ ହେବ । ଭାରତ ସରକାର ଆନୁଷଙ୍ଗିକ ଖର୍ଚ୍ଚ ତଥା ତାଲିମ ପାଇଁ ଗ୍ରାଣ୍ଟ ଆକାରରେ ସାହାଯ୍ୟ ଯୋଗାଇବେ । ଅର୍ଥ ବାବଦରେ ନିୟମିତ ଆବଶ୍ୟକତା ତୁଲାଇବା ପାଇଁ 'କ୍ରେଡ଼ିଟ ଗ୍ୟାରେଣ୍ଟି, ପରିକଳ୍ପନା ଅନୁସାରେ ବ୍ୟାଙ୍କମାନେ ଅର୍ଥ ଯୋଗାଇବେ ।

ଖଦୀ ଓ ଗ୍ରାମୋଦ୍ୟୋଗ କମିସନଙ୍କ ଅଧୀନରେ ଗ୍ରାମ୍ୟ ତେଲ ଉଦ୍ୟୋଗ ଅନୁସାରେ ସୁବିଧାରେ କର୍ମସଂସ୍ଥାନର ବ୍ୟବସ୍ଥା କରାଯାଇ ପାରିବ ଓ ଜଣଙ୍କ ପାଇଁ ମାସିକ ଟ ୨୦୦ ଆୟର ବ୍ୟବସ୍ଥା କରାଯାଇ ପାରିବ । କିନ୍ତୁ ଏହିପାଇଁ ରାଜ୍ୟ ଖଦୀବୋର୍ଡ/କମିସନ ଉଦ୍ୟୋଗକାରୀଙ୍କ କର୍ମସଂସ୍ଥାନର ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର ।

ଏହି ପରିକଳ୍ପନା ଅନୁସାରେ ଗୋଟିଏ ବିଦ୍ୟୁତଚାଳିତ ଘଣାରେ ଦୁଇଜଣ ବ୍ୟକ୍ତି—ଜଣେ ଶିକ୍ଷିତ ବେକାର ଓ ଜଣେ ତାଲିମପ୍ରାପ୍ତ କାରିଗର—ନିଯୁକ୍ତ ହୋଇପାରିବେ । ଗୋଟିଏ ସ୍ଥାନରେ ଯଦି ଏହିଭଳି ୧୦।୧୫ ଟି ଘଣା ବସାଯାଏ ତାହାହେଲେ ଖୁବ ଭଲହେବ । ଏହିସବୁ ଘଣା ସଂସ୍ଥାମାନଙ୍କୁ ନେଇ ଗୋଟିଏ ଲେଖାଏଁ ସମବାୟ ସମିତି ସଗଠିତ ହୋଇ ପାରିବ । ତାହାହେଲେ କାଳକ୍ରମେ ଏହି ସମବାୟ ସମିତି ଘଣାଗୁଡ଼ିକର ସେବା (ମରାମତ) କାମ ହାତକୁ ନେଇ ପାରିବ । ତଥାପି ସ୍ଥାନୀୟ ଅନୁଷ୍ଠାନମାନଙ୍କ ଜରିଆରେ ଯଦି ସେବା କାମର ବ୍ୟବସ୍ଥା କରାଯାଏ, ତାହାହେଲେ ଅଳ୍ପ କେତେ ଜଣ ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟ କରାଯାଇ ପାରିବ ।

ବ୍ୟୟ ବରାଦ

ପୁଞ୍ଜି ବାବଦରେ ଖର୍ଚ୍ଚ

| | | | |
|---|---|---|---|
| (କ) ଘଣି | .. | ଟ ୩୫୦ | |
| (ଖ) ବିଦ୍ୟୁତ ଚାଳିତ ଡ୍ରାଇଭ | .. | ଟ ୩,୨୦୦ | |
| (ଗ) ବିଦ୍ୟୁତ୍ କରଣ | .. | ଟ ୪୫୦ | ଟ ୪୦୦୦ |
| କାର୍ଯ୍ୟକାରୀ ମୂଳଧନ | .. | ଟ ୩,୦୦୦ | |
| ମାଲପାଇଁ ଅଗ୍ରିମ | .. | ଟ ୧୦,୦୦୦ | ଟ ୧୩,୦୦୦ |

କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ହେଉଥିବା ଟଙ୍କା ବ୍ୟାଙ୍କରୁ ଉଠାଯାଇ ପାରିବ । ସରକାରଙ୍କ ଋଣ ପରିକଳ୍ପନା ଅନୁସାରେ ପୁଞ୍ଜି ବାବଦ ଖର୍ଚ୍ଚର ବ୍ୟବସ୍ଥା କରାଯାଇ ପାରିବ । ସାଧାରଣ ସାହାଯ୍ୟଦାନ ସୂତ୍ରରେ କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦିଆଯାଇ ପାରିବ । କିନ୍ତୁ ଏହି ସାହାଯ୍ୟ ସକାଶେ ରାଜ୍ୟ ସରକାର ବ୍ୟାଙ୍କମାନଙ୍କୁ ଗ୍ୟାରେଣ୍ଟି ଦେବା ଆବଶ୍ୟକ ।

ଭଡା ଘରେ ଘଣା ଚଳାଇବା କାମ ଆରମ୍ଭ କରାଯାଇପାରେ । ଶିଳ୍ପାଞ୍ଚଳମାନଙ୍କରେ ବିଦ୍ୟୁତ୍‌ଶକ୍ତି ଓ ଜଳ ଯୋଗାଣର ବ୍ୟବସ୍ଥା ଥିବାରୁ ସେଠାରେ ଏହା ଆରମ୍ଭ କରିବା ବରଂ ଶ୍ରେୟସ୍କର ହେବ । ଯଦି ଶିଳ୍ପାଞ୍ଚଳରେ ଘଣା ବସାଇବା ପାଇଁ ଠିକ୍ କରାଯାଏ, ତାହାହେଲେ ରାଜ୍ୟ ସରକାର ବିଦ୍ୟୁତ୍ ଯୋଗାଣର ନିଶ୍ଚିତ ବ୍ୟବସ୍ଥା କରିବା ଦରକାର ।

ଯେଉଁ ଲୋକଙ୍କର ଅର୍ଥବଳ ନାହିଁ ଓ ଜୀବିକା ଉପାର୍ଜନ ପାଇଁ ଯେଉଁ ମାନଙ୍କୁ ସବୁ ପ୍ରକାର ଶକ୍ତି ଖଟାଇବାକୁ ପଡୁଛି, ବିଶେଷ କରି ସେହିମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସକାଶେ ପ୍ରସ୍ତାବ କରାଯାଇଥିବାରୁ ବ୍ୟାଙ୍କମାନେ ଋଣ ସୁଧରେ ଆର୍ଥିକ ସାହାଯ୍ୟ ଦେଇ ପାରନ୍ତି ।

## ଉଦ୍ୟୋଗକାରୀଙ୍କ ତାଲିମ୍

ନିର୍ଦ୍ଦିଷ୍ଟ ଉଦ୍ୟୋଗ ଧନ୍ଦା ହାତକୁ ନେବା ପାଇଁ ଶିକ୍ଷିତ ବେକାର ଲୋକମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ ହେବ । ଏହି ଉଦ୍ଦେଶ୍ୟରେ ପ୍ରତି ପ୍ରାର୍ଥୀଙ୍କ ପାଇଁ ଅସ୍ଥାୟୀ ଭାବରେ ଟ ୫୦୦ ବ୍ୟବସ୍ଥା କରିବାକୁ ପଡ଼ିପାରେ । ଦୁଇ ମାସ ପାଇଁ ତାଲିମ ଦିଆଯାଇ ପାରେ । ତାଲିମ ଶେଷ ହେବା ପରେ ପ୍ରତି ପ୍ରାର୍ଥୀଙ୍କୁ ମାସିକ ଟ ୧୦୦ ହିସାବରେ ଏକ ବର୍ଷ ପାଇଁ ଷ୍ଟାଇପେଣ୍ଡ ଦେବାକୁ ପଡ଼ିପାରେ । ଅର୍ଥାତ୍ ସେ ନିଜ ଧନ୍ଦାରୁ ମାସିକ ଟ୨୦୦ ରୋଜଗାର କରିବା ପାଇଁ ସମର୍ଥ ହେବାଯାଏଁ ଏହି ଷ୍ଟାଇପେଣ୍ଡ ବା ବୃତ୍ତି ଦିଆଯାଇ ପାରେ । ଏହି ଟଙ୍କା ଅଗତ୍ୟା ଦିଆଯାଇପାରେ । ଆବଶ୍ୟକୀୟ ଆନୁଷଙ୍ଗିକ ଖର୍ଚ୍ଚ (ମାର୍ଜିନ ମନି) ଯୋଗାଇବା ଦିଗରେ ଏହି ଟଙ୍କା ସାହାଯ୍ୟ କରି ପାରେ ।

ଏହି ପରିକଳ୍ପନାର ପରିସର ମଧ୍ୟକୁ ଉଭୟ ମାଟ୍ରିକ୍ୟୁଲେଟ୍ ଓ ଗ୍ରାଜୁଏଟ୍‌ମାନେ ଆସିପାରିବେ ।

## ଗ୍ରାମ୍ୟ ମୃତ୍ ଶିଳ୍ପ (ଚୀନା ମାଟି)

ଉତ୍କୃଷ୍ଟ ଧରଣର ଚୀନାମାଟି ବାସନର ଚାହିଦା ସହର ଗହଳରେ ବିଶେଷକରି ବଡ଼ ବଡ଼ ରେଳ ଷ୍ଟେସନ ବସଷ୍ଟାଣ୍ଡ, ଯାତ୍ରୀ କେନ୍ଦ୍ର, କଲେଜ ଓ ସ୍କୁଲ ଏବଂ ବଜାର ମାନଙ୍କରେ ବଢ଼ିବାରେ ଲାଗିଛି । ଚୀନାମାଟି ବାସନ ବିକିବା ପାଇଁ ଦୋକାନ ଖୋଲି ମଧ୍ୟ ଲୋକଙ୍କର ଚାହିଦା ପୂରଣ କରାଯାଇ ପାରୁ ନାହିଁ । ସେହି ସବୁ ଚୀନାମାଟି ବାସନର ନମୁନା ଦେଖାଇ ଅର୍ଡର ନିଆଯିବ କେବଳ ସେହି ସବୁ ବାସନ ବିକ୍ରୀ ଓ ଖରିଦ ତାଲିକାରେ ଅନ୍ତର୍ଭୁକ୍ତ ହେବ । ଏହା ଫଳରେ ଜିନିଷଗୁଡ଼ିକୁ ବିକ୍ରୀ ନିମନ୍ତେ ଦୋକାନକୁ ନେବାକୁ ପଡ଼ିବ ନାହିଁ । ଅନୁମୋଦିତ ଜିନିଷଗୁଡ଼ିକୁ ଉତ୍ପାଦନ କେନ୍ଦ୍ରରୁ ଗରାଖ ମାନଙ୍କୁ ସିଧା ଯୋଗାଇ ଦିଆଯିବ । ଜଣେ ଶିକ୍ଷିତ ବେକାର ଉଦ୍ୟୋଗକାରୀ ଏହି ସଂସ୍ଥା ଖୋଲି ପାରିବେ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଯଥା :--ଭଡ଼ା, ଦୋକାନ ଘର ଭଡ଼ା ପ୍ରଭୃତି ଦେଇ ସାରିବା ପରେ ବେଶ୍ କି ପଇସା ଲାଭ କରି ପାରିବେ । ଉତ୍କୃଷ୍ଟ ଚୀନାମାଟି ଜିନିଷକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, (୧) ଯେଉଁ ଅଞ୍ଚଳରେ ଦୋକାନ ଖୋଲାଯିବ ସେଠାରେ ବା ତାହାର ନିକଟବର୍ତ୍ତୀ ସ୍ଥାନରେ ମିଳୁଥିବା ଜିନିଷ ; (୨) ଅନ୍ୟ ଶ୍ରେଣୀଟି ହେଲା ଯେଉଁସବୁ ଚୀନା ମାଟି ବାସନ କୌଣସି ଦୂରବର୍ତ୍ତୀ ସ୍ଥାନରୁ ଅଣାଯାଇ ପାରିବ ଏବଂ ଯେଉଁ ଗୁଡ଼ିକର କୌଶଳ ବିଶେଷତ୍ୱ ଥିବା ଦେଶରେ ପରମ୍ପରାକ୍ରମେ କେତେକ କାରୁକାର୍ଯ୍ୟଖଚିତ ଚୀନାମାଟି ଜିନିଷ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ତିଆରି ହେଉଛି, ଯଥା--ଚିତ୍ରିତ ଚୀନାମାଟି ଜିନିଷ ପାଇଁ କୃଷ୍ଣନଗର, ସାଧାରଣ ଚକଚକିଆ ଚୀନାମାଟି ଜିନିଷପାଇଁ କାରିଗରି, ଚୁନାର, ମିରଟ, ନୀଳବର୍ଣ୍ଣର ଚୀନାମାଟି ଜିନିଷ ପାଇଁ ଜୟପୁର, ରୂପେଲି ଚୀନାମାଟି ବାସନ ପାଇଁ ନିଜାମାବାଦ ପ୍ରସିଦ୍ଧ।

## ବଜାର ପରିସର

ମାସକୁ ଟ୨,୦୦୦ ( ରୁ ଟ ୫,୦୦୦ ( ମୂଲ୍ୟର ଚୀନାମାଟି ବାସନ ବିକ୍ରୟ ହୋଇ ପାରିବ । [illegible] ସମୟରେ ବିକ୍ରୟ ପରିମାଣ କମିଯାଇପାରେ କିନ୍ତୁ ସୁ ସମୟରେ ଏହା ବୃଦ୍ଧି ପାଇବାର ସମ୍ଭାବନା ଅଛି । ଦୈନିକ ପ୍ରାୟ ଟ୧୦୦ ( ମୂଲ୍ୟର ମାଲ ବିକ୍ରୀ ହୋଇ ପାରେ । ଜଣେ ଉଦ୍ୟୋଗକାରୀ ଖରିଦ ମୂଲ୍ୟ ଉପରେ ଶତକଡ଼ା ୧୦ ଲାଭ କରି ପାରେ । ନିର୍ଦ୍ଦିଷ୍ଟ ବରାଦ ଅନୁସାରେ ଉତ୍ପାଦନକାରୀଠାରୁ ଗରାଖ ନିକଟକୁ ମାଲର ଅଧିକାଂଶ ପ୍ରେରଣ ହୋଇ ପାରିବ ।

## ପରିକଳ୍ପନାର ଆୟ ଓ ବ୍ୟୟ

| ଖର୍ଚ୍ଚ | | ମାସିକ | ଆୟ |
|---|---|---|---|
| ମାସିକ ଖରିଦ | .. | ୨,୦୦୦ | ମାସିକ ବିକ୍ରୟ ଲବ୍ଧ ଧନ ଟ ୩,୦୦୦ |
| ଭଡା : ପ୍ରାୟ ୧୫% | | ଟ ୩୦୦ | |
| ନବା ଆଣିବାରେ ଭଙ୍ଗା ରୁଜା | .. | ଟ ୧୦୦ | |
| ଦୋକାନରେ ଭଙ୍ଗା ରୁଜା | .. | ଟ ୨୦ | |
| ଦୋକାନ ଓ ଗୋଦାମର ଭଡ଼ା | .. | ଟ ୮୦ | |
| ଟିକସ, ଆଲୁଅ ସମେତ ଅପ୍ରତ୍ୟାଶିତ ଖର୍ଚ୍ଚ | .. | ଟ ୧୨୫ | |
| ଟ ୬,୦୦୦ ଋଣ ଉପରେ ୧୦% ହାରରେ ସୁଧ | .. | ଟ ୬୦ | |
| ଉଦ୍ୟୋଗକାରୀଙ୍କ ଆୟ (ଏଥିରୁ ସେ ମାସିକ ଟ ୧୧୫ ହିସାବରେ ଋଣ ପରିଶୋଧ କରିବେ) | | ଟ ୩୧୫ | |
| ମୋଟ | .. | ଟ ୩,୦୦୦ | ଟ ୩,୦୦୦ |

**କାର୍ଯ୍ୟକାରୀ ମୂଳଧନ**

| | | |
|---|---|---|
| ତିନିମାସର କାରବାର | .. | ଟ ୯,୦୦୦ |

**ମୂଳଧନ ଖର୍ଚ୍ଚ**

| | | |
|---|---|---|
| ଆସବାବ ପତ୍ର | .. | ଟ ୫୦୦ |
| ସାଇକେଲ | .. | ଟ ୨୫୦ |
| ସୋ କେଶ୍ | .. | ଟ ୨୫୦ |
| ମୋଟ | .. | ଟ ୧,୦୦୦ |

## ଆର୍ଥିକ ସମ୍ବଳ

ଯେଉଁ ଯେଉଁ ଉତ୍ସରୁ ମୂଳଧନ ସଂଗ୍ରହ କରାଯିବ :--

| | | | |
|---|---|---|---|
| ସରକାର | .. | ଟ | ୨,୦୦୦ |
| ନିଜ ପୁଞ୍ଜି | .. | ଟ | ୧,୦୦୦ |
| ସ୍ଥାନୀୟ ବ୍ୟାଙ୍କ | .. | ଟ | ୭,୦୦୦ |
| ମୋଟ | .. | ଟ | ୧୦,୦୦୦ |

ଦୋକାନ ପାଇଁ ନାମ ଅର୍ଜନ କରିବା ସକାଶେ ୬ ମାସ ଲାଗିବ । ମାସିକ ଟ ୩,୦୦୦୍ ର ବିକ୍ରୟ ଲକ୍ଷ୍ୟରେ ଉପନୀତହେବା ପାଇଁ ମଧ୍ୟ ଏତିକି ସମୟ ଲାଗିବ । ପ୍ରାୟ ଟ ୧,୦୦୦୍ ପର୍ଯ୍ୟନ୍ତ କ୍ଷତି ହେବାର ସମ୍ଭାବନା ରହିଛି । ତାଙ୍କୁ ଦୋକାନ ସ୍ଥାପନ କରିବାକୁ ହେବ ଏବଂ ନିଜର ପୁଞ୍ଜି ସ୍ୱରୂପ ହାତରେ ଟ ୧,୦୦୦୍ ରଖିବାକୁ ହେବ । ସରକାରଙ୍କ ଠାରୁ ପୁଞ୍ଜି ହାସଲ କରିବା ଓ ବ୍ୟାଙ୍କରୁ ଅବଶିଷ୍ଟ ପୁଞ୍ଜି ହାସଲ କରିବା ପାଇଁ ଦରଖାସ୍ତ କରିବାକୁ ହେବ । ୫ବର୍ଷ ମଧ୍ୟରେ ଯେତେବେଳେ ସଂସ୍ଥାର ସେ ମାଲିକ ହୋଇଯିବେ ସେତେବେଳେ ଋଣ ପରିଶୋଧ ହୋଇଯିବ ; ସେ ନିଜ ଦକ୍ଷତା ବଳରେ ବ୍ୟବସାୟର ପ୍ରସାର ଘଟାଇ ପାରିବେ ଏବଂ କାଳକ୍ରମେ ଅଧିକ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ସମର୍ଥ ହେବେ ।

## ଇଟା ତିଆରି

ସମଗ୍ର ଦେଶରେ ଇଟାର ବିଶେଷ ଚାହିଦା ରହିଛି । ବର୍ତ୍ତମାନ ଧନୀ ଲୋକମାନେ ଇଟା କାରିଗରମାନଙ୍କୁ ଅଗ୍ରିମ ଦେଇ ସେମାନଙ୍କ ଠାରୁ ଶସ୍ତା ଦରରେ ଇଟା କିଣୁଛନ୍ତି ଓ ଚଢ଼ା ଦରରେ ବିକୁଛନ୍ତି । ଫଳରେ କାରିଗରମାନେ ଧନୀ ଲୋକଙ୍କ ଦ୍ୱାରା ଶୋଷିତ ହେଉଛନ୍ତି । ଶିକ୍ଷିତ ବେକାର ଯୁବକ ମାନଙ୍କୁ ପର୍ଯ୍ୟାପ୍ତ ପୁଞ୍ଜି ଯୋଗାଇ ଦିଆଗଲେ ସେମାନେ ଏହି ବ୍ୟବସାୟ ହାତକୁ ନେଇ ପାରିବେ । ଗାଁଗହଳରେ ଇଟା ପକାଉଥିବା ଲୋକ ଅଛନ୍ତି । ସେମାନଙ୍କୁ ଇଟା ଛାଞ୍ଚି କରି ଇଟା ପୋଡ଼ା ମଧ୍ୟ ଜଣାଅଛି । ସେସମାନଙ୍କୁ କାମରେ ଲଗାଇ ହେବ । ଡ଼ିସେମ୍ବର ଠାରୁ ମେ ମାସ ଯାଏ ବର୍ଷରେ ଛଅ ମାସ ଇଟା ତିଆରି କରାଯାଇ ପାରେ । ଶିକ୍ଷିତ ବେକାର ଅବଶିଷ୍ଟ ୬ ମାସ ମଧ୍ୟରେ ଚୀନା ମାଟି ଜିନିଷ ଖରିଦ ଓ ବିକ୍ରୀରେ ନିଯୁକ୍ତ ରହି ପାରିବେ ।

## ପରିକଳ୍ପନାର ଆୟ ବ୍ୟୟ

| | | |
|---|---|---|
| ଗୋଟିଏ ଋତୁରେ ଇଟା ତିଆରି ପାଇଁ ଏକ ଏକର ଜମିର ଖଜଣା .. | ୧,୦୦୦ | ହଜାର ଟ୧୬.୨୫( ହିସାବରେ ଅଢେଇ ଲକ୍ଷ ଇଟାର ଦାମ ଟ୧୬,୨୫୦( |
| ହଜାର ଟ୫( ହିସାବରେ ୩ ଲକ୍ଷ ଇଟା ପାଇଁ ଜମି ଉପରେ ଖୋଳିବା ମଜୁରି ଓ ଅନ୍ୟ ଖର୍ଚ୍ଚ ସମେତ ମାଟିର ଦାମ | ଟ ୧,୫୦୦ | |
| ୩ ଲକ୍ଷ ଇଟା ସାଇଜ କରି ଭାଟିରେ ଚଢ଼ାଇବା : ହଜାର ଟ୧୫( ହିସାବରେ | ଟ ୪,୫୦୦ | |
| ଜଗୁଆଳୀର ଦରମା ସହ ଭାଟିରେ ନିଆଁ ଲଗାଇବା : ମାସିକ ଟ୧୦୦( ହିସାବରେ ୬ ମାସ ପାଇଁ । | ଟ ୬୦୦ | |
| ୩ ଲକ୍ଷ ଇଟା ପାଇଁ ହଜାର ଟ୨୦( ହିସାବରେ ଜାଳେଣି କାଠ ବା କୋଇଲାର ଦାମ । | ଟ ୬,୦୦୦ | |
| ଅପ୍ରତ୍ୟାଶିତ ଖର୍ଚ୍ଚ .. | ଟ ୬୦୦ | |
| ମାସିକ ଟ୩୦୦( ହିସାବରେ ଉଦ୍ୟୋଗକାରୀଙ୍କ ୬ମାସର ଆୟ (ଏହି ଆୟରୁ ସେ ଋଣ ପରିଶୋଧ କରିବେ) । | ଟ ୧,୮୦୦ | |
| ଯଦି ସୁଧ ଉପରେ 'ସବ୍‌ସିଡ଼ି' ଦିଆ ନ ଯାଏ, ତାହାହେଲେ ଟ ୫,୫୦୦( ଋଣ ଉପରେ ଶତକଡ଼ା ୧୦ଟଙ୍କା ହାରରେ ୭ ମାସ ପାଇଁ ସୁଧ । | ଟ ୩୦୦ | |

ସରକାରଙ୍କ ଠାରୁ ପୁଞ୍ଜି ଓ ବ୍ୟାଙ୍କ୍‌ରୁ ଋଣ ପାଇବା ସକାଶେ ହକ୍‌ଦାର ହେବା ପାଇଁ ଉଦ୍ୟୋଗକାରୀଙ୍କୁ ଇଟା ତିଆରି ନିମନ୍ତେ ଉଦ୍ଦିଷ୍ଟ ଜମି ଓ ଟ୧,୦୦୦ ( ର ନିଜ ପାଣ୍ଠି ଦେଖାଇବାକୁ ପଡ଼ିବ ।

| | |
|---|---|
| ତିନି ମାସର ଉତ୍ପାଦନ ପାଇଁ କାର୍ଯ୍ୟକାରୀ ମୂଳଧନ .. | ଟ ୮,୦୦୦ |
| ଛାଞ୍ଚ, କୋଡ଼ି, ସାଇକଲ ଆଦି ଉପକରଣ ଓ ଜିନିଷ ପତ୍ର .. | ଟ ୫୦୦ |
| ମୋଟ .. | ଟ ୮,୫୦୦ |

## ଆର୍ଥିକ ସମ୍ବଳ

| | |
|---|---|
| ସରକାରଙ୍କଠାରୁ ପୁଞ୍ଜି .. | ଟ ୨,୦୦୦ |
| ଉଦ୍ୟୋଗକାରୀଙ୍କ ନିଜ ପୁଞ୍ଜି .. | ଟ ୧,୦୦୦ |
| ବ୍ୟାଙ୍କ୍‌ଠାରୁ ଆବଶ୍ୟକ ଋଣ .. | ଟ ୫,୫୦୦ |
| ମୋଟ ପୁଞ୍ଜି .. | ଟ ୮,୫୦୦ |



## ୧୯୭୩-୭୪ ମସିହା ଖାଦ୍ୟ ନୀତି

୧୯୭୩ ସେପ୍ଟେମ୍ବର ୧୬ ତାରିଖରେ ଅନୁଷ୍ଠିତ ହୋଇଥିବା ମୁଖ୍ୟମନ୍ତ୍ରୀ ଓ ଖାଦ୍ୟ ମନ୍ତ୍ରୀମାନଙ୍କର ସମ୍ମିଳନୀର ସୁପାରିଶକୁ ଭିତ୍ତିକରି ଭାରତ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତାହାକୁ ବିଚାରକୁ ନେଇ ଏବଂ କୃଷି ରାଷ୍ଟ୍ର ମନ୍ତ୍ରୀ, ଭାରତ ଖାଦ୍ୟ କର୍ପୋରେସନର ଉଚ୍ଚ କର୍ମଚାରୀ, ଓଡ଼ିଶା ରାଜ୍ୟ ସମବାୟ ବିକ୍ରୀବଟା ସମିତି, ସରକାରଙ୍କ ସମ୍ପୃକ୍ତ ବିଭାଗ, ମୁଖ୍ୟ ଚାଉଳ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ, ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଓ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସ୍ଥାନୀୟ ପ୍ରତିନିଧି ତଥା ଚାଉଳ କଳ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ସରକାର ୧୯୭୩-୭୪ ମସିହା ଖରିଫ୍ ବର୍ଷ ପାଇଁ ଖାଦ୍ୟ ନୀତି ଚୂଡ଼ାନ୍ତ କରିଛନ୍ତି । ଆସନ୍ତା ନଭେମ୍ବର ମାସ ପହିଲାଠାରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଉକ୍ତ ଖାଦ୍ୟ ନୀତିର ମୁଖ୍ୟ ବିଷୟଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଓ ଉତ୍ପାଦନକାରୀ, ଚାଉଳକଳ ମାଲିକ ତଥା ସମବାୟ ସମିତିଗୁଡ଼ିକର ଅବଗତି ଓ ଅନୁସରଣ ନିମନ୍ତେ ନିମ୍ନରେ ସୂଚନା ଦିଆଗଲା ।

୧୯୬୫ ମସିହା ଓଡ଼ିଶା ଧାନ ଚାଉଳ ନିୟନ୍ତ୍ରଣ ଆଦେଶନାମାର ବ୍ୟବସ୍ଥା ଅନୁଯାୟୀ ଏକଚାଟିଆ ସଂଗ୍ରହ ପରିକଳ୍ପନା ଦ୍ୱାରା ବିଧିବଦ୍ଧଭାବେ ନିଯୁକ୍ତ ହୋଇଥିବା ଏଜେଣ୍ଟଙ୍କ ଜରିଆରେ ସରକାର ମୋଟା ଆକାରରେ ଧାନ ଚାଉଳ ଖରିଦ କରିବେ । ଏହି ବ୍ୟବସ୍ଥା ଆଗାମୀ ଖରିଫ ବର୍ଷ ପର୍ଯ୍ୟନ୍ତ ସ୍ଥିର ରଖାଯିବ । ରାଜ୍ୟ ସରକାର ଧାନ ଚାଉଳ ସଂଗ୍ରହର ମୁଖ୍ୟ ପଦ୍ଧତି ବ୍ୟତୀତ ବିଭିନ୍ନ ଶ୍ରେଣୀର ଲାଇସେନ୍ସପ୍ରାପ୍ତ ହଲର ଉପରେ ଏକ ନିର୍ଦ୍ଦିଷ୍ଟ ମାହାସୁଲ ଧାର୍ଯ୍ୟ କରିବା ପାଇଁ ସ୍ଥିର କରିଛନ୍ତି । ଏହା ଫଳରେ ରାଜ୍ୟରେ କାର୍ଯ୍ୟ କରୁଥିବା ଏଭଳି ବହୁ ସଂଖ୍ୟକ ପ୍ରୋସେସିଙ୍ଗ ୟୁନିଟ୍‌ଗୁଡ଼ିକ ଉକ୍ତ ସଂଗ୍ରହ ଉଦ୍ୟମକୁ ସଫଳ କରାଇବାରେ ମଧ୍ୟ ସହାୟକ ହେବେ । ଏହି ପ୍ରସ୍ତାବିତ ମାହାସୁଲ ପଦ୍ଧତି ଚୂଡ଼ାନ୍ତ କରାଯାଉଛି ଏବଂ ପରେ ତାହା ଘୋଷଣା କରାଯିବ ।

ଜାତୀୟ ଖାଦ୍ୟଶସ୍ୟ ପରିସ୍ଥିତି ତଥା ରାଜ୍ୟରେ ଭଲ ଫସଲ ହେବାର ସମ୍ଭାବନା ରହିଥିବାରୁ ବେଶୀ ପରିମାଣରେ ଧାନ ଚାଉଳ ସଂଗ୍ରହ ପ୍ରତି ଦୃଷ୍ଟି ରଖି କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ରାଜ୍ୟ ସରକାର ୧୯୭୩-୭୪ ଋତୁ ପାଇଁ ସର୍ବାଧିକ ୪ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରିବା ପାଇଁ ସ୍ଥିର ନେଇଛନ୍ତି । ଏହି ଲକ୍ଷ୍ୟ ପୂରଣ କରିବା ଉଦ୍ଦେଶ୍ୟରେ ସମସ୍ତ ଉଦ୍ୟମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟଗୁଡ଼ିକୁ ବିଚାରକୁ ନେଇ ରାଜ୍ୟ ସରକାର ଆସନ୍ତା ବର୍ଷଠାରୁ ପୁନରାୟ ପ୍ରତ୍ୟକ୍ଷ ଭାବେ ଧାନ ଚାଉଳ ସଂଗ୍ରହ କାରବାରରେ ଯୋଗଦେବେ ବୋଲି ସ୍ଥିର କରିଛନ୍ତି । ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବ୍‌ଡିଭିଜନ, ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାଗୁଡ଼ିକରୁ ରାଜ୍ୟ ସରକାର ଧାନ ଚାଉଳ ସଂଗ୍ରହ ନିଜ ଦାୟିତ୍ୱରେ କରିବେ ଓ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଭାରତ ଖାଦ୍ୟ କର୍ପୋରେସନ ରାଜ୍ୟ ସରକାରଙ୍କ ଏଜେଣ୍ଟରୂପେ ଧାନ ଚାଉଳ ସଂଗ୍ରହ କରିବେ । ଓଡ଼ିଶା ରାଜ୍ୟ ସମବାୟ ବିକ୍ରିବଟା ସମିତି ପୂର୍ବଭଳି ସାରା ରାଜ୍ୟରେ ସରକାରଙ୍କ ଏଜେଣ୍ଟରୂପେ ଧାନଚାଉଳ ସଂଗ୍ରହ କରିବେ । ରାଜ୍ୟ ସରକାର ଭାରତ ଖାଦ୍ୟ କର୍ପୋରେସନ ଓ ଆପେକ୍‌ସ ସୋସାଇଟି ଯଥାକ୍ରମେ ୧.୫୦ ଲକ୍ଷ ଟନ୍, ୨ ଲକ୍ଷ ଟନ୍ ଓ ୦.୫୦ ଲକ୍ଷ ଟନ୍ ଧାନ ଚାଉଳ ସଂଗ୍ରହ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୧୯୭୩ ନଭେମ୍ବର ପହିଲାଠାରୁ ମୋଟା, ସରୁ ଏବଂ ଅତିସରୁ କିସମ ଧାନର ସଂଗ୍ରହ ଦର କୁଇଣ୍ଟାଲ ପ୍ରତି ଯଥାକ୍ରମେ ୭୦ ଟଙ୍କା, ୭୨ ଟଙ୍କା ଓ ୭୫ ଟଙ୍କା ଧାର୍ଯ୍ୟ କରାଯାଇଛି । ୧୯୭୨-୭୩ ଖରିଫ୍ ବର୍ଷରେ ଧାର୍ଯ୍ୟ କରାଯାଇଥିବା ସଂଗ୍ରହ ଦର କୁଇଣ୍ଟାଲ ପ୍ରତି ଯଥାକ୍ରମେ ୫୫ ଟଙ୍କା, ୫୯ ଟଙ୍କା ଓ ୬୨ ଟଙ୍କା ରଖାଯାଇଥିବା ସ୍ଥଳେ ଚଳିତ ସଂଶୋଧିତ ସଂଗ୍ରହ ଦରରେ ଯଥେଷ୍ଟ ବୃଦ୍ଧି ଘଟିଛି । ଉତ୍ପାଦନକାରୀମାନେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟ ନିମନ୍ତେ ପୂର୍ବାପେକ୍ଷା ଅଧିକ ମୂଲ୍ୟ ପାଉଥିବାରୁ ସେମାନେ ତାଙ୍କର ଉତ୍ପନ୍ନ ଦ୍ରବ୍ୟଗୁଡ଼ିକ କ୍ଷମତାପ୍ରାପ୍ତ ସରକାରୀ ଏଜେଣ୍ଟ ଓ ସମବାୟ ସମିତିଗୁଡ଼ିକୁ ବିକ୍ରି କରିବାପାଇଁ ଆଗଭର ହେବେ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରୁଛନ୍ତି । ଯଦି ବଡ଼ ଧରଣର ଚାଷୀମାନେ ସ୍ୱେଚ୍ଛାକୃତଭାବେ ସେମାନଙ୍କ ପାଖରେ ସଞ୍ଚିତ ଥିବା ଧାନ ଚାଉଳ ବିକ୍ରୟ ନକରନ୍ତି, ତେବେ ୭୫ କୁଇଣ୍ଟାଲରୁ ଅଧିକ ମହଜୁଦ୍ ଥିବା ଧାନକୁ ରିକ୍ୱିଜିସନ କରିନେବାର କ୍ଷମତା କଲେକ୍ଟରମାନଙ୍କର ହାତବର୍ତ୍ତୀ ଭଳି ରହିଛି ।

ଆସନ୍ତା ବର୍ଷ ଉତ୍ପାଦନକାରୀମାନଙ୍କୁ ଧାନଚାଉଳ ସଂଗ୍ରହ ନିମନ୍ତେ ଚଢ଼ାଦର ଦିଆଯାଉଥିବାରୁ ଅନ୍ୟ କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ରାଜ୍ୟ ସରକାରଙ୍କ ତରଫରୁ ସଂଗୃହୀତ ଚାଉଳର ଖୁଚୁରା ଦର ତଥା ରାଜ୍ୟ ବ୍ୟାପୀ ସେସବୁର ବଣ୍ଟନ ବ୍ୟବସ୍ଥା ପରିବର୍ତ୍ତନ ଆବଶ୍ୟକ । ଏ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଦର ନିର୍ଦ୍ଧାରଣ କରାଯାଉଛି ଓ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ ।

ରାଜ୍ୟରେ ଉତ୍ପାଦିତ ହେଉଥିବା ବିଭିନ୍ନ କିସମର ଧାନକୁ ପୂର୍ବ ବର୍ଷଭଳି ମୋଟା, ସରୁ ଓ ଅତିସରୁ ଏହି ୩ଟି ପର୍ଯ୍ୟାୟଭୁକ୍ତ କରାଯାଇଛି । ୧୯୭୨-୭୩ ମସିହା ପାଇଁ ଧାର୍ଯ୍ୟ ହୋଇଥିବା ଧାନଚାଉଳର ଶ୍ରେଣୀ ନିର୍ଦ୍ଧାରଣରେ ସାମାନ୍ୟ ପରିବର୍ତ୍ତନ କରାଯାଇ ତାହା ଆଗାମୀ ବର୍ଷ ପାଇଁ ଗ୍ରହଣ କରାଯିବ ।

ଉତ୍ପାଦନକାରୀ ସେମାନଙ୍କଠାରେ ମହଜୁଦ୍ ଥିବା ଧାନ ଚାଉଳ ନିଜ ଜିଲ୍ଲାରେ ସରକାରଙ୍କ ତରଫରୁ ଯେଉଁସବୁ ଏଜେଣ୍ଟମାନେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ବିକି ଦେବାର ଯଥେଷ୍ଟ ସୁବିଧାସୁଯୋଗ ରହିଥିବାରୁ ଓ ଧାନ ଚାଉଳ ସଂଗ୍ରହ ଉଦ୍ୟମର ହିତ ଦୃଷ୍ଟିରୁ ଆନ୍ତଃ ଜିଲ୍ଲା ଧାନ ଚାଉଳ ପରିବହନ ଉପରେ କେତେକ ଅସ୍ଥାୟୀ କଟକଣା ଜାରି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ଫଳରେ ଯେ କୌଣସି ପ୍ରକାର ଯାନବାହନ କରିଆରେ ୬ କୁଇଣ୍ଟାଲରୁ ଅଧିକ ଧାନ ଚାଉଳ

ଶଠାଯାଇ ପାରିବନାହିଁ। ଏହି କଟକଣା ୧୯୭୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ବଳବତ୍ତର ରହିବ ଓ ଏ ସଂକ୍ରାନ୍ତୀୟ ଆବଶ୍ୟକ ଆଇନ୍‌ଗତ ନିର୍ଦ୍ଦେଶନାମା ଖୁବ୍ ଶୀଘ୍ର ପ୍ରକାଶିତ ହେବ। ସରକାର ଏଥି ସଙ୍ଗେ ସଙ୍ଗେ ସ୍ପଷ୍ଟଭାବେ ସୂଚନା ଦେବାକୁ ଚାହାନ୍ତି ଯେ ଓଡ଼ିଶା ଧାନ ଚାଉଳ ନିୟନ୍ତ୍ରଣ ଆଦେଶନାମାରେ ଦୈନନ୍ଦିନ ଧାନ ଚାଉଳ କ୍ରୟ ବିକ୍ରୟ ତଥା ମହଜୁଦ୍ ସଂକ୍ରାନ୍ତରେ ଯେଉଁ ବ୍ୟବସ୍ଥା ରହିଛି, ତାହା ଆଗାମୀ ଖରିଫ ବର୍ଷ ମଧ୍ୟରେ କୌଣସିମତେ କୋହଳ କରାଯାଇ ପାରିବ ନାହିଁ।

ଯଦିଓ ଏ ରାଜ୍ୟ ପାଇଁ ଭାରତ ସରକାର ତାଳି ଜାତୀୟ ଶସ୍ୟ ପାଇଁ କୌଣସି ଲକ୍ଷ୍ୟ ଧାର୍ଯ୍ୟ କରିନାହାନ୍ତି ତଥାପି ଆଗାମୀ ଖରିଫ୍ ଋତୁରେ କୋରାପୁଟ, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାରୁ ଯଥା ସମ୍ଭବ ମାଣ୍ଡିଆ ଓ ମକା ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିବେବୋଲି ନିଷ୍ପତ୍ତି ନେଇଛନ୍ତି। ୧୯୭୨-୭୩ ମସିହାରେ କୁଇଣ୍ଟାଲ ପିଛା ମାଣ୍ଡିଆ ସଂଗ୍ରହ ଦର ୫୭ ଟଙ୍କା ଓ ମକା ୫୮ ଟଙ୍କା ରଖାଯାଇଥିବା ବେଳେ ସମ୍ପ୍ରତି ସମସ୍ତ ରାଜ୍ୟରେ ଏଫ୍. ଏ. କ୍ୟୁ. ଧରଣର ମାଣ୍ଡିଆ ଓ ମକାର ସଂଗ୍ରହ ଦର କୁଇଣ୍ଟାଲ ପ୍ରତି ୭୦ ଟଙ୍କା ଭାରତ ସରକାର ରଖିଛନ୍ତି। ରାଜ୍ୟ ସରକାର କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାରେ ଏହା ସଂଗ୍ରହ କରିବେ ଏବଂ ଭାରତ ଖାଦ୍ୟ କର୍ପୋରେସନ କୋରାପୁଟ ଜିଲ୍ଲାରେ ଏହା ସଂଗ୍ରହ କରିବେ। ଆଦିବାସୀ ଉନ୍ନୟନ ସମବାୟ ସମିତି ସମେତ ଅନ୍ୟାନ୍ୟ ଉପଯୁକ୍ତ ସଂସ୍ଥାଗୁଡ଼ିକ ଏ ଉଦ୍ଦେଶ୍ୟରେ ନିୟୋଜିତ ରହିବେ।

## ଡାକବାଜ ଯନ୍ତ୍ର ଓ ଆତସବାଜି ବ୍ୟବହାର ଉପରେ ନିୟନ୍ତ୍ରଣ ବ୍ୟବସ୍ଥା

ଡାକବାଜି ଯନ୍ତ୍ର ଓ ବିସ୍ଫୋରକ ଆତସବାଜିର ଅପବ୍ୟବହାର ନିମନ୍ତେ ବର୍ତ୍ତମାନ ଯେଉଁ ଆଇନଗତ ବ୍ୟବସ୍ଥା ରଖାଯାଇଛି, ତଦନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲାପାଳ ଓ ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ନିର୍ଦ୍ଦେଶପତ୍ର ପଠାଇଛନ୍ତି।

ଦେଖାଯାଇଛି ଯେ, ବିଶେଷତଃ ଉତ୍ସବ ଦିନମାନଙ୍କରେ କୌଣସି ବାଛ ବିଚାର ନଥାଇ ବିସ୍ଫୋରକ ଆତସବାଜି ପ୍ରଦର୍ଶନ କରାଯାଉଛି ଓ ଡାକବାଜି ଯନ୍ତ୍ର ବ୍ୟବହୃତ ହେଉଅଛି। ଯାହା ଫଳରେ କି, ସର୍ବସାଧାରଣଙ୍କ ମନରେ ବିରକ୍ତି ତଥା ଅସନ୍ତୋଷ ପ୍ରକାଶ ପାଉଛି। ଏହା ବ୍ୟତୀତ, ଏସବୁର ଅଯଥା ବ୍ୟବହାର ଦ୍ୱାରା ଡାକ୍ତରଖାନା, କୋର୍ଟକଚେରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି।

୧୯୫୮ ମସିହା ଓଡ଼ିଶା ଆତସବାଜି ତଥା ଡାକବାଜି ଯନ୍ତ୍ର (ନିୟମାବଳୀ) ଆଇନ ଅନୁଯାୟୀ ଡାକ୍ତରଖାନା, କୋର୍ଟକଚେରୀ ତଥା ଶିକ୍ଷାନୁଷ୍ଠାନଗୁଡ଼ିକର ବାହାର ପାଚେରୀଠାରୁ ୪୦୦'୪୦ ମିଟର ମଧ୍ୟରେ କୌଣସି ବିସ୍ଫୋରକ, ଆତସବାଜି ପ୍ରଦର୍ଶନ ଓ ଡାକବାଜି ଯନ୍ତ୍ର ବ୍ୟବହାରକୁ ସମ୍ପୂର୍ଣ୍ଣରୂପେ ନିଷିଦ୍ଧ କରାଯାଇଛି। ଏ ସମସ୍ତ ଅଞ୍ଚଳ ବ୍ୟତୀତ, ଅନ୍ୟ ସବୁ ଅଞ୍ଚଳରେ ସକାଳ ୧୧ଟାଠାରୁ ଅପରାହ୍ଣ ୫ଟା ମଧ୍ୟରେ ଏପ୍ରକାର ପ୍ରଦର୍ଶନ କିମ୍ବା ବ୍ୟବହାର ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ହେବ, ଯାହା ଫଳରେ କି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଡାକବାଜି ଯନ୍ତ୍ର ସଂଖ୍ୟା ଉପରେ ଏବଂ ଏସବୁର ବାଜିବା ସ୍ୱର ଉପରେ କଟକଣା ଜାରି କରାଯାଇ ପାରିବ। ସର୍ବସାଧାରଣଙ୍କୁ ବିରକ୍ତ ନକରିବା ହେଉଛି, ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ।

## ରିମକୁଣ୍ଡ ପରିକଳ୍ପନା

କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀ ଉପରେ ବନ୍ଧ ନିର୍ମାଣ କରି ତ୍ରିକୋଣଭୂମି ଅଞ୍ଚଳରେ ୫୦୦ ବର୍ଗମାଇଲ ଅଞ୍ଚଳକୁ ବନ୍ୟା ବାଢ଼ରୁ ରକ୍ଷା କରିବା, ୧୫୦ ମେଗାଓ୍ୱାଟ୍ ବିଦ୍ୟୁତ୍ ଶକ୍ତି ନିରବଚ୍ଛିନ୍ନଭାବେ ଉତ୍ପାଦନ କରିବା ଏବଂ

ନିମ୍ନଭାଗରେ ଥିବା ଜମିକୁ ଜଳସେଚିତ କରିବା ଉଦ୍ଦେଶ୍ୟରେ ଭୀମକୁଣ୍ଡ ପରିକଳ୍ପନା ଉଦ୍ଦିଷ୍ଟ । ବନ୍ଧ ନିର୍ମାଣ ଓ ଆନୁଷଙ୍ଗିକ କାର୍ଯ୍ୟ ବାବଦରେ ୬୯.୯୮ କୋଟି ଟଙ୍କା ଏବଂ ବିଦ୍ୟୁତ୍ ଉତ୍ପାଦନ ଓ ସିଭିଲ ଓ୍ୱାର୍କସ ପାଇଁ ୨୪.୯୦ କୋଟି ଟଙ୍କା ଅଟକଳ କରାଯାଇଛି ।

ଏହି ପରିକଳ୍ପନା ପାଇଁ ଦୁଇଟି ଉପଯୁକ୍ତ ସ୍ଥାନ ବଛାଯାଇଛି । ସେ ଦୁଇଟି ହେଲା : ନୂଆପଡା ଓ ବାଲିଯୋଡ଼ି। ରାଜ୍ୟ ସରକାର ତନ୍ମଧ୍ୟରୁ ଗୋଟିଏ ଉପଯୁକ୍ତ ସ୍ଥାନ ବାଛିବା ପାଇଁ କେନ୍ଦ୍ର ଜଳ ଓ ବିଦ୍ୟୁତ କମିସନଙ୍କ ସହାୟତା ଲୋଡ଼ିଛନ୍ତି ।

କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିସନର ସଭ୍ୟ ଶ୍ରୀ କେ. ସି. ଗୋୟଲଙ୍କ ନେତୃତ୍ୱରେ କେନ୍ଦ୍ରର ଏକ ଅନୁଧ୍ୟାନକାରୀ ଇଂଜିନିୟର ଦଳ ଭୀମକୁଣ୍ଡ ପରିକଳ୍ପନା ପାଇଁ ବଛାଯାଇଥିବା ଉକ୍ତ ଦୁଇଟି ସ୍ଥାନ ଚଳିତ ବର୍ଷ ଜୁନ ୭ରୁ ୯ ତାରିଖ ମଧ୍ୟରେ ପରିଦର୍ଶନ କରିଥିଲେ । ସେ ଗତ ଜୁଲାଇ ତା ୨୩ ରିଖରେ ଏ ସଂକ୍ରାନ୍ତରେ କେତେକ ଅତିରିକ୍ତ ତଥ୍ୟ ଜାଣିବାକୁ ଚାହିଁଥିଲେ । ବିଦ୍ୟୁତ୍ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଓ କେନ୍ଦୁଝରର ଜିଲାପାଳଙ୍କୁ ଉକ୍ତ ତଥ୍ୟ ଯୋଗାଇ ଦେବାପାଇଁ ଅନୁରୋଧ କରାଯାଇଥିଲା ଏବଂ ସେମାନଙ୍କଠାରୁ ଆବଶ୍ୟକ ତଥ୍ୟ ଯଥାକ୍ରମେ ୧୮।୮।୭୩ ଏବଂ ୨୨।୮।୭୩ ରେ ମିଳିଥିଲା । ଉଭୟ ରିପୋର୍ଟକୁ ପରୀକ୍ଷା କରାଯାଇ ରାଜ୍ୟ ସରକାର କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିସନକୁ ସେପ୍ଟେମ୍ବର ମାସ ୧ ତାରିଖରେ ତାଙ୍କର ଉତ୍ତର ପଠାଇଛନ୍ତି । ସମ୍ପ୍ରତି ସ୍ଥାନ ନିରୂପଣ ବିଷୟ କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିସନଙ୍କ ବିଚାରାଧୀନ ରହିଛି । ଅଦ୍ୟାବଧି ଉକ୍ତ ପରିକଳ୍ପନାରେ ୬.୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି ।

## ରେଙ୍ଗାଲି ବହୁମୁଖୀ ପରିକଳ୍ପନା

ଯୋଜନା କମିଶନ ୫,୭୯୨.୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରେଙ୍ଗାଲି ବହୁମୁଖୀ ପରିକଳ୍ପନାର ପ୍ରଥମ ପର୍ଯ୍ୟାୟ ଅନୁମୋଦନ କରିଛନ୍ତି । ବନ୍ଧ ନିର୍ମାଣ ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ବାବଦରେ ୪,୧୯୨ ଲକ୍ଷ ଟଙ୍କା ଓ ୫୦ ମେଗା-ଓ୍ୱାଟ ଶକ୍ତି ବିଶିଷ୍ଟ ଦୁଇ ଗୋଟି ହାଇଡ୍ରୋଲିକ୍ ୟୁନିଟ୍ ସ୍ଥାପନ ସମେତ ପାଓ୍ୱାର ପ୍ଲାଣ୍ଟ ବାବଦରେ ୧୬.୬୮ ଲକ୍ଷ ଟଙ୍କା ଏହି ବ୍ୟୟ ଅଟକଳରେ ଅନ୍ତର୍ଭୁକ୍ତ । ଏହି ପରିକଳ୍ପନାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରା ଯାଇଅଛି ଏବଂ ଏହାର ନିର୍ମାଣ ଦିଗରେ ୧୯୭୩ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଟ୫୩,୬୦,୫୯୮ ଙ୍କା ଏବଂ ଗତ ଜୁନ ମାସ ଶେଷ ସୁଦ୍ଧା ଟ୨୨,୪୮,୩୨୯ ଙ୍କା ଖର୍ଚ୍ଚ ହୋଇଛି । ୧୯୭୩ ଜୁନ ୩୦ ତାରିଖ ସୁଦ୍ଧା ଏ ବାବଦରେ ମୋଟ ଟ୭୬,୦୮,୯୨୭ ଙ୍କା ଖର୍ଚ୍ଚ ହୋଇଛି ।

ଚଳିତ ବର୍ଷ ବଜେଟରେ ଏଥି ନିମନ୍ତେ ୪.୭୫ କୋଟି ଟଙ୍କାର ବ୍ୟୟ ବରାଦ ରହିଛି । ଉପରୋକ୍ତ ବ୍ୟୟକୁ ଶିର୍ଷ କରି କେନ୍ଦ୍ରୀୟ ସାହାଯ୍ୟ ବାବଦରେ ୧ କୋଟି ଟଙ୍କା ଅଣା ଯାଇ ସାରିଲଣି ।

ବୁଢ଼ାପାଳ ଠାରୁ ବନ୍ଧ ତିଆରି ହେଉଥିବା ସ୍ଥାନ ପର୍ଯ୍ୟନ୍ତ ୩୧ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଅଧା କାମ ଶେଷ ହୋଇ ଗଲଣି । ଡେକ୍ ସ୍ତର ପର୍ଯ୍ୟନ୍ତ ସମସ୍ତ ବଡ଼ ବଡ଼ ପୋଲ ଓ ନଳା ନିର୍ମାଣ କରାଯାଇଛି । ଜଣେ ଅଧୀକ୍ଷଣ ଯନ୍ତ୍ରୀ ଓ ଦୁଇ ଜଣ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନଙ୍କ ରହିବା ପାଇଁ କାମ ଚାଲିଥିବା ସ୍ଥାନରେ ୧୬୦ ଟି ଅସ୍ଥାୟୀ ଗୃହ ନିର୍ମାଣ କରା ଯାଇଅଛି । ଏହି ସମୟ ମଧ୍ୟରେ ନକ୍‌ସା ପ୍ରସ୍ତୁତ ପାଇଁ ସମସ୍ତ ଡ୍ରିଲିଂ କାର୍ଯ୍ୟ ଶେଷ ହୋଇ ସାରିଛି । ୧୯୭୩ ମସିହା ନଭେମ୍ବର ମାସରେ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଉଦ୍ଦେଶ୍ୟରେ

ଦିଲ୍ଲୀସ୍ଥିତ କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିଶନଙ୍କ କାର୍ଯ୍ୟାଳୟରେ ବିସ୍ତୃତ ନକ୍ସା ତିଆରି କାର୍ଯ୍ୟ ଆରମ୍ଭ ହୋଇଛି । ବନ୍ଧ ନିର୍ମାଣ ପାଇଁ ଇସ୍ପାତ ଓ ସିମେଣ୍ଟ ଆଗତୁରା ସଂଗ୍ରହ କରାଯାଇ ଅଛି । ୧୯୭୩ ମସିହା ନଭେମ୍ବର ମାସରେ ମୂଳଦୁଆ ଖୋଳିବା ଓ ପକାଇବା କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପ୍ରସ୍ତାବ ରହିଛି ।

ଏହି ଯୋଜନାକୁ ଖୁବ୍ ଶୀଘ୍ର ଆଗେଇ ନେବା ପାଇଁ ରାଜ୍ୟପାଳଙ୍କ ଉପଦେଷ୍ଟାଙ୍କ ଅଧ୍ୟକ୍ଷତାରେ ଏକ କଣ୍ଟ୍ରୋଲ ବୋର୍ଡ ଗଠନ କରାଯାଇଛି ।

ପୁନର୍ବସତି କାର୍ଯ୍ୟକ୍ରମ ପାଇଁ କି କି ନୀତି ଅନୁସୃତ ହେବ, ସେ ସଂକ୍ରାନ୍ତରେ ଚିଠା ପ୍ରସ୍ତୁତ ହୋଇ ସାରିଲଣି ଓ ଏହା ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି ।

ଉପରୋକ୍ତ ପରିକଳ୍ପନା ଦ୍ୱାରା ବ୍ରାହ୍ମଣୀ ନଦୀର ପ୍ରଳୟଙ୍କରୀ ବନ୍ୟା ଫଳରେ କ୍ଷତି ଗ୍ରସ୍ତ ହେଉଥିବା ୧,୦୦୦ ବର୍ଗ ମାଇଲ ପରିମିତ ତ୍ରିକୋଣ ଭୂମି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ କରା ଯାଇପାରିବ । ୬୦ ମେଗାୱାଟ ନିଶ୍ଚିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ସଂଗେ ସଂଗେ ଢେଙ୍କାନାଳ ଓ କଟକ ଜିଲାର ୪.୩ ଲକ୍ଷ ଏକର ଜମିକୁ ଏହି ପରିକଳ୍ପନା ଦ୍ୱାରା ଜଳସେଚିତ କରାଯାଇପାରିବ ।

## ଶିକ୍ଷିତ ବେକାରଙ୍କ ନିମନ୍ତେ ଚାକିରି ବ୍ୟବସ୍ଥା

ଯୋଜନା କମିଶନ "ଅଧ ଲକ୍ଷ ଲୋକଙ୍କୁ କର୍ମ ଯୋଗାଣ କାର୍ଯ୍ୟକ୍ରମ" ଅନୁଯାୟୀ ରାଜ୍ୟରେ ୨୩ଟି କର୍ମାଭିମୁଖୀ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିବା ସଂଗେ ସଂଗେ ଉକ୍ତ ପରିକଳ୍ପନା ନିମନ୍ତେ ୨ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ପରିକଳ୍ପନା ଅନୁଯାୟୀ ୧୯୭୩-୭୪ ମସିହାରେ ୨୧,୨୦୦ ଜଣ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ମିଳି ପାରିବ । ରାଜ୍ୟ ସରକାର ଉକ୍ତ ପରିକଳ୍ପନାଗୁଡ଼ିକ ପ୍ରସ୍ତୁତ କଲବେଳେ ଯେପରି ବହୁସଂଖ୍ୟକ ଶିକ୍ଷିତ ବେକାର ନିଯୁକ୍ତି ପାଇ ପାରିବେ ସେ ଦିଗରେ ଭିତ୍ତିଭୂମିକ ସୁବିଧା ସୁଯୋଗର ଉନ୍ନତି ବ୍ୟତୀତ ଆତ୍ମ ନିଯୁକ୍ତି ପାଇଁ ଉତ୍ସାହିତ କରିବା ତଥା ତାଲିମ୍ ସୁବିଧା ସୁଯୋଗ ସୃଷ୍ଟି କରିବା ଉପରେ ଅଗ୍ରାଧିକାର ଦେଇଛନ୍ତି ।

ଯେଉଁ ସବୁ ଆତ୍ମ ନିଯୁକ୍ତି ତଥା ଭିତ୍ତିଭୂମିକ ଉନ୍ନୟନ ପରିକଳ୍ପନାଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି ସେ ଗୁଡ଼ିକ ହେଲ—ଡାକ୍ତରମାନଙ୍କ ଆତ୍ମ ନିଯୁକ୍ତି, ସମବାୟ ସୂତ୍ରରେ ଡାକ୍ତରଖାନା ସ୍ଥାପନ, ସିଡ୍‌ମନି ଯୋଗାଣ ବ୍ୟବସ୍ଥା, କିସ୍ତିଓ୍ୱାରୀ ଖରିଦ୍ ପରିକଳ୍ପନା ଅନୁଯାୟୀ ଯନ୍ତ୍ରପାତି ଯୋଗାଣ, ଶିଳ୍ପାଞ୍ଚଳ ଗଠନ କରିବା ନିମନ୍ତେ ସ୍ୱଳ୍ପ ଆର୍ଥିକ ସାହାଯ୍ୟ, ଟ୍ୟାକ୍‌ସି ତଥା ଅନ୍ୟାନ୍ୟ ପରିବହନ, ବୃତ୍ତିଗତ ଧନ୍ଦା ଏବଂ ୨୦୦ ଜଣ ଆଇ. ଟି. ଆଇ. ଛାତ୍ରଙ୍କୁ ଆତ୍ମ ନିଯୁକ୍ତି ଦେବା ଇତ୍ୟାଦି ଏହି ପରିକଳ୍ପନାର ଅନ୍ତର୍ଭୁକ୍ତ । ଅପର ପକ୍ଷରେ ତାଲିମ୍ ସମେତ ତାଲିମ ପରିକଳ୍ପନାଗୁଡ଼ିକ ହେଲ:— ବହୁମୁଖୀ ମୌଳିକ ସ୍ୱାସ୍ଥ୍ୟ କର୍ମୀମାନଙ୍କ ନିଯୁକ୍ତି ବ୍ୟବସ୍ଥା, ଖଣିଜ ଦ୍ରବ୍ୟ ଉନ୍ନୟନ ନିମନ୍ତେ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିମାନଙ୍କୁ ତାଲିମ ଦେବା, ଅନ୍ୟାନ୍ୟ ବିଭାଗମାନଙ୍କୁ ଭୂତାରିତ୍ ସାହାଯ୍ୟ, ଶିକ୍ଷିତ ମାଟ୍ରିକ୍ୟୁଲେଟ୍ ଏବଂ ଗ୍ରାଜୁଏଟ୍‌ମାନଙ୍କୁ ପ୍ରାଥମିକ ସ୍କୁଲ ଶିକ୍ଷକ ରୂପେ ନିଯୁକ୍ତି ଦେବା, ବେକାର ପଶୁ ଡାକ୍ତରମାନଙ୍କୁ ନିଯୁକ୍ତି ଦେବା ସାମାଜିକ ଶିକ୍ଷା ସଂଗଠକ ରୂପେ ଲୋକମାନଙ୍କୁ ତାଲିମ୍ ଦେବା, ମହିଳା ସାମାଜିକ ଶିକ୍ଷା ସଂଗଠିକା, ଗ୍ରାମସେବକ ତଥା ଗ୍ରାମ ସେବିକା, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ମାଟ୍ରିକ୍ୟୁଲେଟ୍‌ମାନଙ୍କୁ ପ୍ରାଥମିକ ଶିକ୍ଷକ ନିମନ୍ତେ ତାଲିମ ଦେବା, ସ୍ୱଳ୍ପ

ସଞ୍ଚୟ ଯୋଜନାକୁ ବ୍ୟାପକତର କରିବା ପାଇଁ ୧୦୦ ଜଣ ଗ୍ରାଜୁଏଟ୍‌ଙ୍କୁ ନିଯୁକ୍ତି ଦେବା, ଶିକ୍ଷା ପରିକଳ୍ପନା ଅନୁଯାୟୀ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ କଲ୍ୟାଣ ନିମନ୍ତେ ଆଗୁଆ କର୍ମପନ୍ଥା ନିର୍ଣ୍ଣୟ, ଜଳ ବିଜ୍ଞାନ ସମ୍ବନ୍ଧୀୟ ସର୍ଭେ କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ବୈଷୟିକ ତାଲିମ୍, କାନୁନ୍‌ଗୋ ତଥା ଆମିନ ତାଲିମ, ଗ୍ରାମାଞ୍ଚଳର ଭୂମିହୀନ ଲୋକମାନଙ୍କ ବସବାସ ପାଇଁ ଘରଡ଼ିହ ସକାଶେ ସର୍ଭେ ଏବଂ ଅନୁସନ୍ଧାନ କରିବା, ସଂରକ୍ଷିତ ଜଳ ଯୋଗାଣ ନିମନ୍ତେ ସର୍ଭେ ଓ ଅନୁସନ୍ଧାନ କରିବା ଏବଂ ଶିକ୍ଷିତ ବେକାର ମାନଙ୍କୁ ମଟର ଚାଳନା ସକାଶେ ତାଲିମ ଦେବା ପ୍ରଭୃତି ଏହି ଯୋଜନାର ଅନ୍ତର୍ଭୁକ୍ତ। ନିଯୁକ୍ତି ପରିକଳ୍ପନାଗୁଡ଼ିକ ଅନୁଯାୟୀ ଆତ୍ମ ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମାନଙ୍କରେ କାରିଗରୀ ତାଲିମ୍ ମଧ୍ୟ ଦିଆଯିବ ।

ବହୁସଂଖ୍ୟକ ଶିକ୍ଷିତ ବେକାର ତଥା ଶିଳ୍ପୋଦ୍ୟୋଗକାରୀମାନଙ୍କୁ ଆକର୍ଷଣ କରିବା ପାଇଁ ରାଜ୍ୟ ସରକାର କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି । ଯେଉଁମାନେ ଏହି ସୁବିଧା ସୁଯୋଗ ନେଇ ପାରିବେ, ସେମାନଙ୍କ ପାଇଁ ଏହା ପ୍ରସ୍ତୁତ । ଆବଶ୍ୟକ ତାଲିମ୍ ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ଏହି ବୈଷୟିକ ତାଲିମ କେନ୍ଦ୍ର ପରିଚାଳନା ନିମନ୍ତେ ବୈଷୟିକ ତାଲିମପ୍ରାପ୍ତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ବିଧାନ ସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ

ଭାରତର ନିର୍ବାଚନ ମଣ୍ଡଳୀସମୂହର ସୀମା ପୁନଃ-ନିର୍ଦ୍ଧାରଣ କମିଶନ ଲୋକସଭା ଓ ରାଜ୍ୟ ବିଧାନ ସଭାକୁ ନିର୍ବାଚନ ନିମନ୍ତେ ଓଡ଼ିଶାର ଲୋକସଭା ଓ ବିଧାନ ସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ-ନିର୍ଦ୍ଧାରଣ ସମ୍ପର୍କରେ ତାଙ୍କର ପ୍ରସ୍ତାବ ୧୯୭୩ ଅକ୍‌ଟୋବର ୨୦ ତାରିଖରେ ଗେଜେଟ ଅଫ୍ ଇଣ୍ଡିଆର ଏକ ସ୍ୱତନ୍ତ୍ର ସଂଖ୍ୟାରେ ଏବଂ ଓଡ଼ିଶା ସରକାରଙ୍କ ଗେଜେଟରେ ପ୍ରକାଶ କରିଛନ୍ତି । ଯେଉଁ ରାଜ୍ୟ ଗେଜେଟରେ ଏହି ପ୍ରସ୍ତାବ ପ୍ରକାଶିତ ହୋଇଛି, ତାହାର ନକଲ ସମସ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ଅଫିସ, ସବ୍-ଡ଼ିଭିଜନାଲ ଅଫିସ ଏବଂ ନିର୍ବାଚନ ସହିତ ସମ୍ପୃକ୍ତ ଅନ୍ୟାନ୍ୟ କର୍ମଚାରୀମାନଙ୍କ ନିକଟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ରଖାଯାଇଛି ।

ଏହି ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଆପତ୍ତି ଜଣାଇବା ଓ ପରାମର୍ଶ ଆଦି ପ୍ରଦାନ କରିବା ନିମନ୍ତେ କମିଶନ ଆହ୍ୱାନ ଜଣାଇଛନ୍ତି । କମିଶନଙ୍କ ନିକଟରେ ଏସବୁ ଦାଖଲ କରିବାର ଶେଷ ତାରିଖ ହେଉଛି ୧୯୭୩ ନଭେମ୍ବର ୨୦ ତାରିଖ। ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଯଦି କାହାରି କୌଣସି ଆପତ୍ତି ବା ପରାମର୍ଶ ଦାଖଲ କରିବାର ଥାଏ, ତେବେ ସେ ତାହା ୨୦-୧୧-୭୩ ସୁଦ୍ଧା ସେକ୍ରେଟାରୀ, ଡିଲିମିଟେସନ କମିଶନ, ନିର୍ବାଚନ ସଦନ, ଅଶୋକ ରୋଡ, ନୂଆଦିଲ୍ଲୀ-୧ (ପିନ୍-୧୧୦୦୦୧) ଙ୍କ ନିକଟକୁ ପଠାଇ ଦେଇପାରନ୍ତି ।

ଏଭଳି ଆପତ୍ତି ଓ ପରାମର୍ଶ ଆଦି ଇଂରାଜୀ ଭାଷାରେ ଲେଖି ପଠାଇଲେ ସେଗୁଡ଼ିକ ତୁରନ୍ତ ବିଚାର କରିବା ସୁବିଧାଜନକ ହେବ ।

---



OGP—MP-II[ Home(P.R.) ]49—5,000—3-12- 1973



ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ଡ଼ି. ଜତି ୧୯୭୩ ଅକ୍ଟୋବର ୨ ତାରିଖ ଦିନ କଟକ ଜିଲ୍ଲାର ଚଣ୍ଡିପୁରଠାରେ ଓଡ଼ିଶା ଉଠା ଜଳସେଚନ କର୍ପୋରେସନଦ୍ୱାରା ଆୟୋଜିତ ପ୍ରଥମ ଉଠା ଜଳସେଚନ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି

## ଚିତ୍ରେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଜତି ୧୯୭୩ ସେପ୍ଟେମ୍ବର ୨୮ ତାରିଖ ଦିନ ସୈନିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଜେତାମାନଙ୍କୁ ପୁରସ୍କାର ବିତରଣ କରୁଛନ୍ତି





ନୌ ବାହିନୀର ମୁଖ୍ୟ ଆଡ଼ମିରାଲ କୋହଲି ୧୯୭୩ ଅକ୍ଟୋବର ୧୫ ତାରିଖ ଦିନ ରାଜଭବନଠାରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି, ଡ଼ି. ଜଟିଙ୍କୁ ସାକ୍ଷାତ କରିଥିଲେ



ପୋଲିସ ଆଇ. ଜି. ଶ୍ରୀ ଆର୍. କେ. ପାଢ଼ୀ ୧୯୭୩ ସେପ୍ଟେମ୍ବର ୨୪ ତାରିଖ ଦିନ ଓଡ଼ିଶା ମିଲିଟାରୀ ପୋଲିସ୍ ଷଷ୍ଠ ବାହିନୀ ଫୁଟବଲ ଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି

## ଚିତ୍ରେ ସମ୍ବାଦ

ଟ୍ରଫି ବିଜେତା ଫୁଟବଲ ଖେଳାଳୀଙ୍କ ଗହଣରେ ପୋଲିସ୍ ଆଇ. ଜି. ଶ୍ରୀ ଆର. କେ. ପାଢ଼ୀ







ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୩ ମସିହା ଅକ୍ଟୋବର ୧୬ ତାରିଖ ଦିନ ଚିଲିକାଠାରେ ନୌ

Licence No. C. R. N. P.-5—Licensed to post without pre-payment Regd. No.




# ରାଉରକେଲା ଇସ୍ପାତ କାରଖାନା
# ଓଡ଼ିଶାକୁ ଖାଦ୍ୟ ଉତ୍ପାଦନ ଦିଗରେ ସହାୟକ ହୋଇଛି

ରକେଲା ଇସ୍ପାତ କାରଖାନା ସହିତ ଏକ ସ୍ୱତନ୍ତ୍ର ସାର କାରଖାନା ସଂଯୁକ୍ତ ହୋଇ ରହିବା ଏହି କାରଖାନାଟିର ଏକ ଅଦ୍ୱିତୀୟ ଗୁଣ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ଟ୍ରୋଜେନ ୨୦% ଧାରଣ କରୁଥିବା ଭାରତର ସବୁ କାରଖାନା ଏହା ବୃହତ୍ତମ । ରାଉରକେଲା ସାର କାରଖାନାର ଉତ୍ପାଦନ ହେଉଛି କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ନାଇଟ୍ରୋ- ୨୦% ଓ ଅଦ୍ୟାପି ଆମୋନିୟମ ସଲଫେଟ୍, ଭାରତରେ ମ ସୋଡା ଓ ... ଭାରତରେ ଉତ୍ପନ୍ନ ହେଉଛି ।

ର ଖାଦ୍ୟ ଉତ୍ପାଦନ ଦିଗରେ ରାଉରକେଲା ସାର କାରଖାନାର ଦାନ ଉଲ୍ଲେଖଯୋଗ୍ୟ । ଏହି ବର୍ଷରେ ପ୍ରାୟ ୩,୦୦,୦୦୦ ଟନ୍ର ସୋଡା ସାର ଓ ପ୍ରାୟ ୩୭,୦୦୦ ଟନର ଦାନା ସାର ତିଆରି ହୋଇ ଯାଇ ପାରିଛି । ସାର ଉତ୍ପାଦନ ବଢ଼ାଇବା ଦ୍ୱାରା ଭବିଷ୍ୟତରେ ଅଧିକରୁ ଅଧିକ ସାର କୃଷକମାନଙ୍କୁ ଯୋଗାଇ ଦେବାକୁ ଏହା ସକ୍ଷମ ହୋଇ ପାରିବ ।

HINDUSTAN STEEL LIMITED

**ହିନ୍ଦୁସ୍ତାନ ଷ୍ଟିଲ**

ଭାରତୀୟ ଅର୍ଥନୀତି ଚଳିବାର ଏକ ଭାରତୀୟ ଶକ୍ତି

1/71 ORI

